


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୨୧ ଏପ୍ରିଲ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 21 APRIL 2024

Vol.No. 35 ■ No.107 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଆମେଠି ପରେ ୱାୟନାଡରେ ବି ହାରିବ କଂଗ୍ରେସ: ମୋଦି



ନୂଆଦିଲ୍ଲୀ, ୨୦/୪ : ନିର୍ବାଚନ ପାଇଁ ପ୍ରଚାର କରୁଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଂଗ୍ରେସ ସାଂସଦ ରାହୁଲ ଗାନ୍ଧିଙ୍କୁ ଟାର୍ଗେଓ କରିଛନ୍ତି। ସେ ରାହୁଲ ଗାନ୍ଧିଙ୍କ ନାଁ ନ ନେଇ ତାଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। କଂଗ୍ରେସର ସାହବଜାଦେ କେରଳର ୱାୟନାଡରେ ମଧ ହାରିବେ। ଏହାପରେ ସେ ଆଉ ଏକ ସୁରକ୍ଷିତ ଆସନ ଖୋଜିବେ ବୋଲି ମୋଦି କହିଛନ୍ତି। ୨୦୧୯ରେ ରାହୁଲ ଆମେଠିରେ ହାରି ଯାଇଥିଲେ ହେଁ ୱାୟନାଡରୁ ବିଜୟୀ ହୋଇଥିଲେ। ଆମେଠି କଂଗ୍ରେସର ଗଡ଼ ଭାବେ ପରିଚିତ। ହେଲେ ୨୦୧୯ରେ ବିଜେପିର ସ୍ମୃତି ଇରାନୀଙ୍କ ଠାରୁ ରାହୁଲ ଗାନ୍ଧି ହାରିଥିଲେ। ତେଣୁ ଆଜି ମୋଦି ଏହାକୁ ପ୍ରସଙ୍ଗ କରି ରାହୁଲଙ୍କୁ ଟାର୍ଗେଟ କରିଛନ୍ତି। ମହାରାଷ୍ଟ୍ରର ନାନ୍ଦେଦ ଠାରେ ବିଜେପିର ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିବା ମୋଦି ଦାବି କରିଛନ୍ତି ଯେ ପ୍ରଥମ ପର୍ଯ୍ୟାୟ ନିର୍ବାଚନରୁ ସଙ୍କେତ ମିଳିଛି ଯେ ଏନଡିଏ ସପକ୍ଷରେ ଏକ ତରଫା ଭୋଟିଂ ହୋଇଛି। ରାହୁଲ ଗାନ୍ଧିଙ୍କୁ ଇଙ୍ଗିତ କରି ସେ କହିଛନ୍ତି, "ଆମେଠିରୁ ହାରିଥିବା କଂଗ୍ରେସର ସାହବଜାଦେ ୱାୟନାଡରେ ମଧ ପରାସ୍ତ ହେବେ। ଏପ୍ରିଲ ୨୬ ପରେ ସେ ଆଉ ଏକ ସୁରକ୍ଷିତ ଆସନ ଖୋଜିବା ଉଚିତ।" ପ୍ରଧାନମନ୍ତ୍ରୀ ମୋଦି ଆହୁରି କହିଛନ୍ତି ଯେ କଂଗ୍ରେସ ସରକାର କରିଥିବା ଖରାପ ନୀତିକୁ ୧୦ ବର୍ଷ ଧରି ତାଙ୍କ ସରକାର ସୁଧାରିଛନ୍ତି। ଅନେକ ଭଲ କାମ ହୋଇଛି। କଂଗ୍ରେସ ଚାଷୀ ଓ ଗରିବଙ୍କ ବିକାଶରେ ବାଧା ସୃଷ୍ଟି କରି ଚାଲିଛି। କୃଷି ଭିତ୍ତିକ ସଙ୍କଟ ଏବେ ହୋଇନି। ଏହା କଂଗ୍ରେସର ଟାଲୁଟୁଲ ନୀତି ଯୋଗୁ ହେଉଥିଲା ବୋଲି ମୋଦି କହିଛନ୍ତି। ଇଣ୍ଡିଆ ବ୍ଲକ୍‌କୁ ଟାର୍ଗେଟ କରି ମୋଦି କହିଛନ୍ତି, "ବିରୋଧୀ ମେଣ୍ଟର କୌଣସି ଚେହେରା ନାହିଁ। ଦେଶର ଭବିଷ୍ୟତ ପାଇଁ ଲୋକମାନେ କାହା ଉପରେ ବିଶ୍ୱାସ କରିବେ ଜାଣି ପାରୁନାହାନ୍ତି। ସେମାନେ ନିଜ ଇଚ୍ଛାରେ ସବୁ କିଛି ଦାବି କରିପାରିବେ। କିନ୍ତୁ ବାସ୍ତବ କଥା ହେଉଛି ଯେ ନିର୍ବାଚନ ତାରିଖ ଘୋଷଣା ହେବା ପୂର୍ବରୁ କଂଗ୍ରେସ ନେତାମାନେ ନିଜର ପରାଜୟ ସ୍ୱୀକାର କରି ସାରିଛନ୍ତି।" ଲୋକମାନଙ୍କୁ ଅଧିକ ସଂଖ୍ୟାରେ ଭୋଟ ଦେବାକୁ ଅନୁରୋଧ କରି ମୋଦି କହିଛନ୍ତି, "ଆପଣମାନେ ଭୋଟ ଦେଇ କୌଣସି ଦୟା କରୁନାହାନ୍ତି। ଆପଣମାନେ ଦେଶର ଭବିଷ୍ୟତକୁ ସୁରକ୍ଷିତ କରୁଛନ୍ତି। ମୁଁ ବିରୋଧୀ ଦଳଗୁଡ଼ିକର ଦଳୀୟ କର୍ମୀଙ୍କୁ ଉତ୍ସାହିତ କରିବାକୁ ଚାହେଁ। ଆପଣମାନେ(ବିରୋଧୀ ନେତା) ନିଶ୍ଚିତ ନିର୍ବାଚନ ଏଥର ହାରିବେ। କିନ୍ତୁ କେବେ ବି ଆପଣଙ୍କୁ ସୁଯୋଗ ମିଳିପାରେ। ତେଣୁ ଆପଣମାନେ ଭୋଟରଙ୍କୁ ଭୋଟ ଦେବାକୁ ନିବେଦନ କରନ୍ତୁ। ବିରୋଧୀ ମେଣ୍ଟରେ ଥିବା ଦଳଗୁଡ଼ିକ ୨୫% ଆସନରେ ପରସ୍ପର ବିରୋଧରେ ଲଢୁଛନ୍ତି। ନିର୍ବାଚନ ରେଜଲ୍ଟ ଅର୍ଥାତ ଜୁନ ୪ ପରେ ସେମାନେ ପରସ୍ପର ସହ ଆହୁରି ଲଢ଼ିବେ।"

## ଷଷ୍ଠ ପ୍ରାର୍ଥୀ ତାଲିକା ଜାରିକଲା ବିଜେଡ଼ି



ଭୁବନେଶ୍ୱର, ୨୦/୪ (ନି.ପ୍ର): ବିଜେଡିର ଷଷ୍ଠ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି। ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ଆଜି ଟିକେଟ୍ ଘୋଷଣା କରିଛନ୍ତି। ବିଜେଡ଼ିର ଷଷ୍ଠ ପର୍ଯ୍ୟାୟ ପ୍ରାର୍ଥୀ ତାଲିକାରେ ୪ ନୂଆ ମୁହଁ ଥିବା ବେଳେ ୪ ମହିଳା ଅଛନ୍ତି। ବର୍ଷା ପ୍ରିୟଦର୍ଶିନୀଙ୍କୁ ବଡ଼ଚଣା, ସନାତନ ମହାକୁଡ଼ଙ୍କୁ ଚମ୍ପୁଆ, କେନ୍ଦ୍ରାପଡ଼ାରୁ ଗଣେଶ୍ୱର ବେହେରା, ଚିଲିକାରୁ ରଘୁନାଥ ସାହୁ, ଆନନ୍ଦପୁରରୁ ଅଭିମନ୍ୟୁ ସେଠୀ, ସାରସକଣାରୁ ଦେବାଶିଷ ମାରାଣ୍ଡି, ରେମୁଣାରୁ ବିଦ୍ୟାସ୍ମିତା ମହାଳିକ, ସିମୁଳିଆରୁ ଶୁଭାଷିନୀ ସାହୁ ଓ କରଞ୍ଜିଆରୁ ବାସନ୍ତୀ ହେମ୍ବ୍ରମଙ୍କୁ ଦଳ ପ୍ରାର୍ଥୀ କରିଛି। ତେବେ ବିଜେଡିର ଷଷ୍ଠ ପ୍ରାର୍ଥୀ ତାଲିକାରେ କଟିଛି ତିନି ପୂର୍ବତନ ମନ୍ତ୍ରୀଙ୍କ ଟିକେଟ। ଏମାନେ ହେଲେ କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା, ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଓ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ। ବିଜେଡି ଏପର୍ଯ୍ୟନ୍ତ ୧୩୫ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାଁ ଘୋଷଣା କରିସାରିଥିବା ବେଳେ ୧୨ଟି ଆସନରେ ପ୍ରାର୍ଥୀଙ୍କ ନାଁ ଘୋଷଣା କରିନାହିଁ। ଏଣେ ଏଯାଏ ୧୬ଟି ଆସନରେ ନାଁ ଘୋଷଣା କରିନି ବିଜେପି। ଠିକ୍ ସେହିପରି କଂଗ୍ରେସ ମଧ ୧୨୫ଟି ଆସନରେ ନିଜ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଥିବା ବେଳେ ବାକି ଅଛି ଆଉ ୨୨ ଟି ଆସନ, ଯେଉଁଠି ପ୍ରାର୍ଥୀ ଘୋଷଣା କରିନି ଦଳ।

## ଓଡ଼ିଶା ପାଇଁ ଜାରି ହେଲା କଂଗ୍ରେସର ଆଉ ଏକ ତାଲିକା




ଭୁବନେଶ୍ୱର, ୨୦/୪ (ନି.ପ୍ର): ଭାରତୀୟ ଜାତୀୟ କଂଗ୍ରେସ ଶନିବାର ଆଉ ଏକ ପ୍ରାର୍ଥୀ ତାଲିକା ଜାରି କରିଛି। ଓଡ଼ିଶାର ୩ ଲୋକସଭା ଓ ୧୬ ବିଧାନସଭା ଆସନ ଦଳ ପ୍ରାର୍ଥୀ ତାଲିକା ଜାରି କରିଛି। ଅଖିଳ ଭାରତୀୟ ଜାତୀୟ କଂଗ୍ରେସ (ଏଆଇସିସି) ସାଧାରଣ ସଂପାଦକ କେ.ସି ବେଣୁଗୋପାଳ ଏକ ପ୍ରେସ୍ ବିଜ୍ଞପ୍ତିରେ କହିଛନ୍ତି ସମ୍ବଲପୁର ଲୋକସଭା ଆସନରୁ ଦୁଲାଲ ଚନ୍ଦ୍ର ପ୍ରଧାନ, କେନ୍ଦୁଝରରୁ ମୋହନ ହେମ୍ବ୍ରମଙ୍କ ସ୍ଥାନରେ ବିନୋଦ ନାୟକ ଓ ଆସିକାରେ ଦେବକାନ୍ତ ଶର୍ମାଙ୍କୁ ପ୍ରାର୍ଥୀ କରାଯାଇଛି। କଂଗ୍ରେସ ଝାରସୁଗୁଡ଼ାରେ ଅମିତା ବିଶ୍ୱାଳ, ବଡ଼ସାହିରେ କ୍ଷୀରୋଦ ଚନ୍ଦ୍ର ପାତ୍ର, ବିଭୂ ଭୂଷଣ ରାଉତ, କନ୍ଧମାଳରେ ମନୋଜ କୁମାର ଆଚାର୍ଯ୍ୟଙ୍କ ସ୍ଥାନରେ ଶରତ କୁମାର ପ୍ରଧାନ, କେନ୍ଦ୍ରାପଡ଼ାରେ ସିପ୍ରା ମଲ୍ଲିକ, ରାଜନଗରରେ ଅଶୋକ ପ୍ରତିହାରୀ, ମହାକାଳପଡ଼ାରେ ଲୋକନାଥ ମହାରଥୀ, ନିମାପଡ଼ାରେ ସିଦ୍ଧାର୍ଥ ରାଉତରାୟ, ପିପିଲିରେ ଜ୍ଞାନରଂଜନ ପଟ୍ଟନାୟକ, ଜୟଦେବରେ ଜୟନ୍ତ କୁମାର ଭୋଇଙ୍କ ସ୍ଥାନରେ କୃଷ୍ଣ ସଗରିଆ, ଖୋର୍ଦ୍ଧାରେ ସୋନାଲି ସାହୁ, ଚିଲିକାରେ ପ୍ରଦୀପ କୁମାର ସ୍ୱାଇଁ, ଖଣ୍ଡପଡ଼ାରେ ମନୋଜ କୁମାର ପ୍ରଧାନ ଓ ଦଶପଲ୍ଲାରେ ନକୁଳ ନାୟକଙ୍କୁ ପ୍ରାର୍ଥୀ କରିଛି। ସୂଚନାଯୋଗ୍ୟ ବିଜେଡି ଏପର୍ଯ୍ୟନ୍ତ ୧୩୫ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାଁ ଘୋଷଣା କରିସାରିଥିବା ବେଳେ ୧୨ଟି ଆସନରେ ପ୍ରାର୍ଥୀଙ୍କ ନାଁ ଘୋଷଣା କରିନାହିଁ। ଏଣେ ଏଯାଏ ୧୬ଟି ଆସନରେ ନାଁ ଘୋଷଣା କରିନି ବିଜେପି। ଠିକ୍ ସେହିପରି କଂଗ୍ରେସ ମଧ ୧୩୮ଟି ଆସନରେ ନିଜ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଥିବା ବେଳେ ବାକି ଅଛି ଆଉ ୯ ଟି ଆସନ, ଯେଉଁଠି ପ୍ରାର୍ଥୀ ଘୋଷଣା କରିନି ଦଳ।

## ରାଜ୍ୟରେ ୪୫ ଡିଗ୍ରୀ ଟପିଲା ତାପମାତ୍ରା

ଭୁବନେଶ୍ୱର, ୨୦/୦୪ (ନି.ପ୍ର): ସତ ହେଲା ପାଣିପାଗ ବିଭାଗର ଆକଳନ। ଆଜି ୪୫ ଛୁଇଁଲା ବାରିପଦା ଓ ବୌଦ୍ଧର ତାପମାତ୍ରା। ଏହା ସହିତ ଚଳିତ ବର୍ଷ ରାଜ୍ୟରେ ପ୍ରଥମ ଥର ପାଇଁ ତାପମାତ୍ରା ୪୫ ଡିଗ୍ରୀ ଛୁଇଁଛି। ଆଜି ଉଭୟ ବୌଦ୍ଧ ଓ ବାରିପଦାର ଦିନର ସର୍ବୋଚ୍ଚ ତାପମାତ୍ରା ୪୫.୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଗତକାଲି ୪୪.୩ ସହ ଦେଶର ଉତ୍ତପ୍ତ ସହର ଥିଲା ବୌଦ୍ଧ। ଆଜି ବୌଦ୍ଧ, ବାରିପଦା ଓ ବଲାଙ୍ଗିରରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୫ ଡିଗ୍ରୀ ଛୁଇଁବ ବୋଲି ଆକଳନ କରିଥିଲା ପାଣିପାଗ ବିଭାଗ। ବୌଦ୍ଧ ଓ ବାରିପଦାରେ ତାପମାତ୍ରା ୪୫ ଡିଗ୍ରୀ ଡେଇଁଥିବା ବେଳେ ବଲାଙ୍ଗିରରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୩. ୬ ଡିଗ୍ରୀ ରହିଥିଲା। ରାଜ୍ୟରେ ଆଜି ୦ ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ତା' ଉପରେ ରେକର୍ଡ ହୋଇଛି। ସେଥିରୁ ୧୩ଟି ସହରରେ ପାରଦ ୪୩ ଡିଗ୍ରୀ ବା ତା'ଠୁ ଅଧିକ ରହିଛି। ନୂଆପଡ଼ାରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୪ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ତାଳଚେରରେ ୪୩.୬, ବଲାଙ୍ଗିରରେ ▶▶ପୃଷ୍ଠା ୭

## ଟିକେଟ ନମିଳିବାରୁ ଗୁଡ଼ାଏ କଥା କହିଲେ ବାବା: କିନ୍ତୁ କିଛି ସ୍ପଷ୍ଟ କଲେନି



ଭୁବନେଶ୍ୱର, ୨୦/୦୪ (ନି.ପ୍ର): ଟିକେଟ ନମିଳିବାରୁ ପ୍ରେସ୍‌ରିଲିଜ୍ ଜାରି କରି ଗୁଡ଼ାଏ କଥା କହିଲେ ବାବା ଓରଫ ପ୍ରସନ୍ନ ପାଟ୍ଟଶାଣି। କିନ୍ତୁ କିଛି ସ୍ପଷ୍ଟ କଲେନି। ଗତ କିଛି ଦିନ ଧରି ଗଣମାଧ୍ୟମରେ ଲାଗି ରହିଥିବା ଚର୍ଚ୍ଚା ଉପରେ ସିଧା ସିଧା କିଛି କହିଲେ ନାହିଁ। କେବଳ ପ୍ରବଚକଙ୍କ ଭଳି ଭାଷଣ ଦେଇ ଅନେକ ପ୍ରଶ୍ନ ପଚାରିଲେ। ପ୍ରସନ୍ନ ପାଟ୍ଟଶାଣି ଲେଖିଛନ୍ତି, ମୁଁ ବର୍ତ୍ତମାନ ବିଜେଡିରେ ଅଛି। ନେତୃତ୍ୱଙ୍କ ଆଦେଶକୁ ମାନି ଶୃଙ୍ଖଳାର ସହ କାର୍ଯ୍ୟ କରୁଛି। ମୋ ପାଇଁ ପଦ ପଦବୀ ବଡ଼ କଥା ନୁହେଁ। କିନ୍ତୁ ମୋର ସମ୍ମାନ ଓ ବିଶ୍ୱାସ ମୋ ପାଇଁ ବଡ଼। ରାଜନୀତିରେ ସମୟ ବେଶ୍ ବଳବାନ। ତେଣୁ କିଏ ରହିବ, କିଏ ଯିବ, କିଏ ଆସିବ, ଭବିଷ୍ୟତରେ କ'ଣ ହେବ, ତାହା ସମୟ ଉପରେ ନିର୍ଭର କରୁଛି। ପରିବର୍ତ୍ତନ ଅଭିମୁଖ୍ୟ କ'ଣ ତାହା ସମୟ କହିବ ବୋଲି ବାବା କହିଛନ୍ତି। ସେ ଆହୁରି ମଧ ଲେଖିଛନ୍ତି, ଗତ କିଛି ଦିନ ହେଲା କେତେକ ବରିଷ୍ଠ ସାମ୍ବାଦିକ ଓ ରାଜନୈତିକ ବ୍ୟକ୍ତି କହୁଛନ୍ତି ଯେ ମୋର ରାଜନୈତିକ ଦକ୍ଷତା ଓ ସଙ୍ଗଠନ ନାହିଁ। ଯଦି ମୋର ସଙ୍ଗଠନ ନାହିଁ, ତେବେ ଦୀର୍ଘ ୫୦ ବର୍ଷ ଧରି କିପରି ଲୋକଙ୍କ ଦ୍ୱାରା ଆଦୃତ ହୋଇଛି? ଯଦି ମୋର ସଙ୍ଗଠନ ନାହିଁ, ତେବେ ୪ ଥର ବିଧାୟକ ଓ ୫ ଥର ସାଂସଦ କିପରି ହେଲି? ଏତେ ଭୋଟ ବ୍ୟବଧାନରେ କିପରି ବିଜୟ ଲାଭ କରିଥିଲି? ଏହା ସତ୍ୟ ଯେ ବିଜେଡି ଟିକେଟ ପାଇଲେ ଜିତିବାର ସମ୍ଭାବନା ଅଧିକ ଥାଏ। ମାତ୍ର ୨୦୧୯ ନିର୍ବାଚନରେ ଟିକେଟ ପାଇ ମଧ କିଛି ପ୍ରାର୍ଥୀ ନିଜର ଦକ୍ଷତା, ଯୋଗ୍ୟତା ଓ ପ୍ରହଣୀୟତା କମ୍ ହେବାରୁ ପରାଜିତ ହେଲେ। ଯେଉଁମାନେ ଏହିଭଳି ବୟାନ୍ ଦେଇଛନ୍ତି, ସେମାନଙ୍କ ପ୍ରଶ୍ନର ଆଧାର କଣ? ମୁଁ ବର୍ଷ ତମାମ ସଂସ୍କୃତିକ, ▶▶ପୃଷ୍ଠା ୭

## ଝାରସୁଗୁଡ଼ାରେ ଡଙ୍ଗାବୁଡ଼ି ଘଟଣା: ୮ ଜଣଙ୍କ ମୃତ୍ୟୁ, ସମସ୍ତ ମୃତଦେହ ଉଦ୍ଧାର

ଝାରସୁଗୁଡ଼ା, ୨୦/୪ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ଶରଧା ନିକଟରେ ମହାନଦୀରେ ଡଙ୍ଗା ବୁଡ଼ିବା ଘଟଣାରେ ୮ ଜଣଙ୍କର ମୃତ୍ୟୁ ଘଟିଛି। ସମସ୍ତ ମୃତଦେହ ଉଦ୍ଧାର କରାଯାଇଛି। ମୃତକଙ୍କ ମଧ୍ୟରେ ୫ ଜଣ ମହିଳା ଓ ୩ ଜଣ ଶିଶୁ ଅଛନ୍ତି। ମୃତ ଶିଶୁମାନଙ୍କର ବୟସ ୨ରୁ ୭ ବର୍ଷ ମଧ୍ୟରେ। ଶୁକ୍ରବାର (ଗତକାଲି) ଅପରାହ୍ନରେ ଘଟିଥିଲା ଏହି ଅଘଟଣ। ଛତିଶଗଡ଼ର ଖରସିଆ ଅଞ୍ଜିରପାଲି ଗାଁର ପ୍ରାୟ ୫୦ ଜଣ (ଛୋଟ ଛୁଆଙ୍କ ସମେତ) ବରଗଡ ଜିଲ୍ଲା ପଥରସେନି ଦେବୀଙ୍କ ଦର୍ଶନ କରିବାକୁ ଆସିଥିଲେ। ଦର୍ଶନ ସାରି ଫେରୁଥିବା ବେଳେ ଶରଧା ନିକଟରେ ମହାନଦୀରେ ଓଲଟି ଥିଲା ସେମାନଙ୍କ ଡଙ୍ଗା। ସ୍ଥାନୀୟ ମତ୍ସ୍ୟଜୀବୀମାନେ ▶▶ପୃଷ୍ଠା ୭

## ଟିକେଟ କଟିବା ପରେ ଶକ୍ତି ପ୍ରଦର୍ଶନ: 'ସମୀର ନାହିଁ ତ ଶଙ୍ଖ ନାହିଁ' ନାରାରେ କମ୍ପିଲା ନିମାପଡ଼ା




ନିମାପଡ଼ା, ୨୦/୪ (ନି.ପ୍ର): ଟିକେଟ୍ କଟିବାର ୩ ଦିନ ପରେ ଆଜି ଶକ୍ତି ପ୍ରଦର୍ଶନ କରିଛନ୍ତି ବିଜେଡି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ। ନିଜ ନିର୍ବାଚନ ମଣ୍ଡଳୀରେ ହଜାର ହଜାର କର୍ମୀଙ୍କୁ ନେଇ କରିଛନ୍ତି ବିଶାଳ ଶୋଭାଯାତ୍ରା ଓ ସମାବେଶ। ନିମାପଡ଼ାର ବାରବାଟୀ ପଡ଼ିଆରେ ଆୟୋଜିତ ଏହି ସମାବେଶରେ ନିଜ ସମର୍ଥକଙ୍କ ଗହଣରେ ସମୀର ଦାଶ ଦଳୀୟ ନେତୃତ୍ୱଙ୍କୁ ଟିକେଟ ନେଇ ପୁନର୍ବିଚାର କରିବାକୁ ଦାବି କରିଛନ୍ତି। ଏହି ସମୟରେ 'ସମୀର ନାହିଁ ତ ଶଙ୍ଖ ନାହିଁ' ନାରା କମ୍ପିଥିଲା ବାରବାଟୀ ପଡ଼ିଆ ଓ ପୂରା ନିମାପଡ଼ା। ସମୀରଙ୍କ ଦାବି ଅନୁସାରେ ▶▶ପୃଷ୍ଠା ୭

## ଶିମିଳିପାଳ ଅଭୟାରଣ୍ୟରେ ୧୩ଟି ପଏଣ୍ଟରେ ଲାଗିଲା ନିଆଁ

ମୟୂରଭଂଜ, ୨୦/୪ (ନି.ପ୍ର): ଏସିଆ ମହାଦେଶର ସର୍ବ ବୃହତ୍ ଜୈବ ମଣ୍ଡଳ ହେଉଛି ଶିମିଳିପାଳ ଅଭୟାରଣ୍ୟ। ଆଜି ଏହି ଅଭୟାରଣ୍ୟରେ ଲାଗିଛି ନିଆଁ। ପ୍ରାୟ ୧୩ଟି ପଏଣ୍ଟରେ ନିଆଁ ଲାଗିଥିବା ଜଣାପଡ଼ିଛି। ନିଆଁ ଲିଭାଇବା କାମରେ ଲାଗି ପଡ଼ିଛନ୍ତି ବନ କର୍ମଚାରୀ। ହେଲେ ନିଆଁ ଲିଭିବାର ନାଁ ଧରୁନି।

## କାହିଁକି ଓଡିଶାରେ ହେଲାନି ବିଜେପି-ବିଜେଡି ମେଣ୍ଟ ?: କାରଣ କହିଲେ ଅମିତ ଶାହ



ନୂଆଦିଲ୍ଲୀ, ୨୦/୪ : ନିର୍ବାଚନ ପୂର୍ବରୁ କିଛି ଦିନ ଓଡିଶାରେ ବିଜେପି-ବିଜେଡି ମେଣ୍ଟ ନେଇ ଚର୍ଚ୍ଚା ଲାଗି ରହିଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ମେଣ୍ଟ ଚର୍ଚ୍ଚା ଉପରୁ ପରଦା ହଟାଇ ଦୁଇ ଦଳ ଅଲଗା ଅଲଗା ନିର୍ବାଚନ ଲଢିବା ନେଇ ଘୋଷଣା କରିଥିଲେ। ତେବେ ରାଜ୍ୟରେ ଦୁଇ ଦଳ ମଧ୍ୟରେ କାହିଁକି ମେଣ୍ଟ ହେଲାନାହିଁ, ଜାତୀୟ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଏହାର କାରଣ କହିଛନ୍ତି ଅମିତ ଶାହ। ଶାହ କହିଛନ୍ତି, ବିଜୁ ଜନତା ଦଳ ଏବଂ ଭାରତୀୟ ଜନତା ପାର୍ଟି ମଧ୍ୟରେ ମେଣ୍ଟ ଆଲୋଚନା ବିଫଳ ହୋଇଥିଲା। ଏହାପରେ ଦୁଇ ଦଳ ପୃଥକ ଭାବେ ଉଭୟ ଲୋକସଭା ଏବଂ ବିଧାନସଭା ନିର୍ବାଚନ ଲଢିବାକୁ ନିଷ୍ପତ୍ତି ନେଇଥିଲେ। ଓଡିଆ ଭାଷା, ସଂସ୍କୃତି ଏବଂ ଓଡିଶାର ଗର୍ବ ପାଇଁ ବିଜେପି ଏକା ଲଢିବା ଉଚିତ୍ ବୋଲି ଆମ ଦଳର କର୍ମକର୍ତ୍ତାମାନେ ଦୃଢ ଭାବରେ ବିଶ୍ୱାସ କରୁଥିଲେ। ତେଣୁ ସେମାନଙ୍କର ବିଶ୍ୱାସ ପାଇଁ ଏପରି ନିଷ୍ପତ୍ତି ନିଆଗଲା ବୋଲି ଅମିତ ଶାହ କହିଛନ୍ତି। ସେ ଆହୁରି କହିଛନ୍ତି, 'ଆମେ ଓଡିଶା ଜନସାଧାରଣଙ୍କୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ରାଜ୍ୟର ଅଭିବୃଦ୍ଧିର ଦାୟିତ୍ୱ ଦେବାକୁ ଅନୁରୋଧ କରୁଛୁ। ଯେଉଁସବୁ ରାଜ୍ୟରେ ପ୍ରଧାନମନ୍ତ୍ରୀ ମୋଦି ବିଜୟୀ ହୋଇଛନ୍ତି, ସେଠାରେ ଅଭିବୃଦ୍ଧି ହାର ଏକ ବୃହତ ବ୍ୟବଧାନରେ ବୃଦ୍ଧି ପାଇଛି।'

## ଆପ୍ ନେତାଙ୍କ ଅଭିଯୋଗ: କେଜ୍ରିୱାଲଙ୍କୁ ହତ୍ୟା ପାଇଁ ଚାଲିଛି ଷଡଯନ୍ତ୍ର



ନୂଆଦିଲ୍ଲୀ, ୨୦/୪ : ଦିଲ୍ଲୀ ମଦ ଦୁର୍ନୀତି ମାମଲାରେ ଜେଲରେ ବନ୍ଦି ଥିବା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଜୀବନ ପ୍ରତି ରହିଛି ଭୟ। ତାଙ୍କୁ ହତ୍ୟା ପାଇଁ ଚାଲିଛି ଷଡଯନ୍ତ୍ର। ଏପରିକି ତାଙ୍କର ସ୍ଲୋ ଡେଥ୍ ପାଇଁ ଯୋଜନା ଚାଲିଛି। ଏଭଳି କିଛି ବଡ ଅଭିଯୋଗ ଆଣିଛନ୍ତି ଆମ ଆଦମୀ ପାର୍ଟି ନେତା ତଥା ଦିଲ୍ଲୀ ସରକାରର ସ୍ୱାସ୍ଥ୍ୟ ମନ୍ତ୍ରୀ ସୌରଭ ଭରଦ୍ୱାଜ। ଶନିବାର ସାମ୍ବାଦିକ ସମ୍ମିଳନୀ କରି ସୌରଭ ଭରଦ୍ୱାଜ କେନ୍ଦ୍ର ସରକାର ଓ ଦିଲ୍ଲୀ ଏଲ୍‌ଜି ଉପରେ ବର୍ଷିଛନ୍ତି। ▶▶ପୃଷ୍ଠା ୭

# ଜଳଭଣ୍ଡାରରେ ଜଳ ନାହିଁ: ୧୫ ଦିନରେ ଶୁଖିଯିବ ବଡ଼ଘାଗରା ଡ୍ୟାମ୍



କେନ୍ଦୁଝର, ୨୦/୪ (ନି.ପ୍ର): ଖରା ଆରମ୍ଭରୁ ଦେଖାଦେଲାଣି ଜଳକଷ୍ଟ। ନଦୀନାଳ, କେନାଲ ସବୁ ଶୁଖି ଯାଇଥିବା ବେଳେ ଏବେ ଜଳଭଣ୍ଡାର ଶୁଖିବା ଆରମ୍ଭ କଲାଣି। ଏହି ଧାରା ଆଉ କିଛିଦିନ ଜାରି ରହିଲେ କେନ୍ଦୁଝର ସହରବାସୀ ପାଣି ପାଇଁ ଛଟପଟ ହେବେ ବୋଲି କୁହାଯାଉଛି। କେନ୍ଦୁଝର ଜିଲ୍ଲାରେ ରହିଛି ବଡ଼ଘାଗରା, କାନ୍‌ଝାରୀ, ଜଗଦଳା, ଗୋବରା, ଜାଉଁରିଆ, ରେମାଳ ଭଳି ଏକାଧିକ ଡ୍ୟାମ୍। ଏସବୁ ଡ୍ୟାମ୍‌ରୁ ସ୍ଥାନୀୟ ଅଞ୍ଚଳକୁ ଜଳ ଯୋଗାଣ ହେଉଛି। ଚଳିତବର୍ଷ ନିଅଣ୍ଟିଆ ବର୍ଷା ଓ ପ୍ରଚଣ୍ଡ ଖରା ଯୋଗୁଁ ଡ୍ୟାମ୍‌ର ପାଣି ଶୁଖିବା ଆରମ୍ଭ କଲାଣି। ବଡ଼ଘାଗରା ଡ୍ୟାମ୍‌ରୁ କେନ୍ଦୁଝର ସହରକୁ ଜଳ ଯୋଗାଣ ହେଉଛି। ସହରର ଅର୍ଦ୍ଧାଧିକ ଲୋକେ ଏହି ଡ୍ୟାମ୍‌ରୁ ପାଣି ପାଉଛନ୍ତି। ବର୍ଷା ନଥିବାରୁ ଏହି ଡ୍ୟାମ୍ ବି ଶୁଖିଗଲାଣି। ଡ୍ୟାମ୍‌ର ଜଳଧାରଣ କ୍ଷମତା ହେଉଛି ୧୯୬୨ ଆରଏଲ୍ (ରେଡିୟସ ଲେଭଲ)। ଏପ୍ରିଲ୍ ମାସରେ ୧୯୩୨ ଆରଏଲ୍ ଜଳ ରହିବା କଥା। ଅଛି ୧୯୨୬ ଆରଏଲ୍। ଯାହାକୁ ନିମ୍ନ ଜଳସ୍ତର ବୋଲି କୁହାଯାଉଛି। ଜନସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ, ବଡ଼ଘାଗରା ଜଳଭଣ୍ଡାରରୁ କେନ୍ଦୁଝର ସହରକୁ ଦୈନିକ ୬୦ ଲକ୍ଷ ଲିଟର ଜଳ ଯୋଗାଣ ହୋଇଥାଏ। ଜଳସ୍ତର କମିବା ଯୋଗୁଁ କିଛିଦିନ ହେବ ୫୦ ଲକ୍ଷ ଲିଟର ଜଳ ଯୋଗାଣ ହେଉଛି। ଏଭଳି ସ୍ଥିତି ଲାଗି ରହିଲେ ଆଉ ମାତ୍ର ୧୫ ଦିନରେ ବଡ଼ଘାଗରା ଜଳଭଣ୍ଡାର ଶୁଖିଯିବ। ଅନ୍ୟପକ୍ଷରେ ଜରୁରୀ ପରିସ୍ଥିତିରେ ଜଳଭଣ୍ଡାରର ଡେଡ୍ ଷ୍ଟୋରେଜ ବା ଅତି ତଳିଆ ପାଣିକୁ ବ୍ୟବହାର କରାଯାଇଥାଏ। ତଳିଆ ପାଣିକୁ ବ୍ୟବହାର କରିବାପାଇଁ ଏବେ ଜନସ୍ୱାସ୍ଥ୍ୟ ବିଭାଗ ପ୍ରସ୍ତୁତି ଆରମ୍ଭ କଲାଣି। ଜଳଭଣ୍ଡାର ଶୁଖିଗଲେ ତଳିଆ ପାଣିକୁ ପମ୍ପିଂ କରି ସହରକୁ ଯୋଗାଇ ଦିଆଯିବ। ଆଉ କିଛିଦିନ ମଧ୍ୟରେ ବର୍ଷା ନହେଲେ ପରିସ୍ଥିତି ସଂଗିନ ହେବ ବୋଲି ଆକଳନ କରାଯାଉଛି।

# ୨୦୨୪ ରଥଯାତ୍ରା ପ୍ରଥମ ସମନ୍ୱୟ ବୈଠକ ଅନୁଷ୍ଠିତ

ପୁରୀ, ୨୦/୪ (ନି.ପ୍ର): ଚଳିତ ବର୍ଷର ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଜୁଲାଇ ୭ ତାରିଖରେ ଓ ବାହୁଡ଼ା ଯାତ୍ରା ଜୁଲାଇ ୧୫ ତାରିଖରେ ଅନୁଷ୍ଠିତ ହେବ। ଦେବସ୍ନାନ ପୂର୍ଣ୍ଣିମା ମଇ ୧୦ ତାରିଖରେ ଅନୁଷ୍ଠିତ ହେବ। ତେଣୁ ଦେବସ୍ନାନ ପୂର୍ଣ୍ଣିମା ଠାରୁ ଆରମ୍ଭ କରି ରଥଯାତ୍ରା, ବାହୁଡା ଯାତ୍ରା, ସୁନାବେଶ ଓ ନିଳାଦ୍ରୀ ବିଜେ କୁ ଶୃଙ୍ଖଳିତ ଭାବେ ପରିଚାଳନା ପାଇଁ ପ୍ରଥମ ସମନ୍ୱୟ ବୈଠକ ଆଜି ପୂର୍ବାହ୍ନରେ ଟାଉନ ହଲ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧକ୍ଷତା କରି କେନ୍ଦ୍ରାଂଚଳ ରାଜସ୍ୱ ଆୟୁକ୍ତ ରଞ୍ଜନ କୁମାର ଦାସ ମହାପ୍ରଭୁଙ୍କ ରଥଯାତ୍ରା ମହାପ୍ରଭୁ ନିଜେ ହିଁ ନିଧାର୍ଯ୍ୟ କରିଥାନ୍ତି। ଆମେ ମାନେ ତାଙ୍କ ନିର୍ଦ୍ଦେଶରେ କେବଳ ତାହାକୁ ପରିଚାଳନା କରନ୍ତି। ପ୍ରତ୍ୟେକଙ୍କ ମଧ୍ୟରେ ସୁସମନ୍ୱୟ ରଖି ଖୁବ ଶୃଙ୍ଖଳିତ ଭାବେ ମହାପ୍ରଭୁଙ୍କ ସମସ୍ତ କାର୍ଯ୍ୟ କରିବାକୁ ସେ ସମସ୍ତଙ୍କୁ ଅନୁରୋଧ କରିଥିଲେ। କେନ୍ଦ୍ରାଚଂଳ ରାଜସ୍ୱ ଆୟୁକ୍ତଙ୍କ ପରାମର୍ଶ କ୍ରମେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ବୈଠକ ପରିଚାଳନା କରିବା ସହ ବିଭିନ୍ନ ବିଭାଗକୁ ଯେଉଁ ଦାୟିତ୍ୱ ଦିଆଯାଉଛି ତାହାକୁ ଅଗ୍ରାଧିକାର ଭିତିରେ ସମ୍ପୂର୍ଣ୍ଣ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ପାରସ୍ପରିକ ସମନ୍ୱୟର ସହ ରଥଯାତ୍ରାକୁ ଆମେ ସଫଳ କରିବା ବୋଲି ସେ କହିଥିଲେ। ରଥକାଠ ସଂଗ୍ରହ, ରଥ ନିର୍ମାଣ, ରଥଯାତ୍ରା ନିମନ୍ତେ ବିଭିନ୍ନ ସାମଗ୍ରୀ ସଂଗ୍ରହ ଓ ଯୋଗାଣ, ରଥକପଡା ସଂଗ୍ରହ, ନୀତି ସଂପାଦନ, ରଥଟଣା ସମ୍ପର୍କରେ ମତଦେଇ ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ତିନି ରଥ ପାଇଁ ମୋଟ ୮୬୫ ଖଣ୍ଡ କାଠର ଆବଶ୍ୟକତା ଥିବା ବେଳେ ଗତବର୍ଷ ର ୫୩ ଖଣ୍ଡ କାଠ ବଳି ଥିବାରୁ ଆଉ ୮୧୨ ଖଣ୍ଡ କାଠ ଆବଶ୍ୟକ ଥିଲା। ଇତି ମଧ୍ୟରେ ୧୬୪ ଖଣ୍ଡ କାଠ ପ୍ରାପ୍ତ ହୋଇଛି। ଏହି କାଠ ଗୁଡିକୁ ପର୍ଯ୍ୟାୟ କ୍ରମେ ଜଙ୍ଗଲ ବିଭାଗ ଯୋଗାଉଛନ୍ତି ବୋଲି ସେ ସୂଚନା ଦେଇଥିଲେ। ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ବିଦ୍ୟୁତ ଯୋଗାଣ, ପରିବହନ ବ୍ୟବସ୍ଥା, ରାସ୍ତା ଘାଟ ମରାମତି ଓ ଉନ୍ନତି କରଣ, ପାର୍କିଂ ସ୍ଥଳ, ଶାନ୍ତି ଶୃଙ୍ଖଳା ରକ୍ଷା, ଟ୍ରେନ ଚଳାଚଳ ବ୍ୟବସ୍ଥା, ରଥଯାତ୍ରା ର ସିଧାସଳଖ ପ୍ରସାରଣ ବ୍ୟବସ୍ଥା, ଯାତ୍ରୀ ସୁବିଧା ପାଇଁ ଅସ୍ଥାୟୀ ସୂଚନା କେନ୍ଦ୍ର ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ, ପଲ୍ଲିଶ୍ରୀ ମେଳା ଓ ପ୍ରଦର୍ଶନୀ ଆୟୋଜନ, ସ୍ୱେଚ୍ଛାସେବୀ ନିୟୋଜନ ଇତ୍ୟାଦି ସମ୍ବନ୍ଧରେ ବିସ୍ତୃତ ଆଲୋଚନା ହେବା ସହ ସମ୍ପୃକ୍ତ ବିଭାଗ ମାନେ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଆୟୁକ୍ତ ଶ୍ରୀ ଦାସ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କେନ୍ଦ୍ରାଚଂଳ ଆରକ୍ଷୀ ମହାନିରୀକ୍ଷକ ସଞ୍ଜୟ କୌଶଲ, ଓରମାସର ନିର୍ଦ୍ଦେଶକ ତଥା ମୁଖ୍ୟ ନିର୍ବାହୀ ଅଧିକାରୀ ଗୁହା ପୁନମ ତାପସ କୁମାର, ଆଇନ ବିଭାଗ ଅତିରିକ୍ତ ସଚିବ ପ୍ରଣୟ କୁମାର ଦାସ, ସୂଚନା ଓ ଲୋକ ସମ୍ପର୍କ ନିର୍ଦ୍ଦେଶକ ସରୋଜ କୁମାର ସାମଲ, ଏସପି ପିନାକ ମିଶ୍ର, ସଂସ୍କୃତି ବିଭାଗ ସ୍ୱତନ୍ତ୍ର ସଚିବ ମଧୁସୂଦନ ଦାସ, ଗୃହ ଓ ପୌର ଉନ୍ନୟନ ବିଭାଗ ଅତିରିକ୍ତ ସଚିବ ବିନୟ କୁମାର ଦାଶ, ଦେବୋତର ବିଭାଗ ଡେପୁଟି କମିଶନର ପ୍ରଶାନ୍ତ କୁମାର ବେହେରା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମନ୍ଦିର ପରିଚାଳନା କମିଟିର ସଦସ୍ୟ, ସେବାୟତ, ବିଶିଷ୍ଟ ବ୍ୟକ୍ତି, ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ପୂର୍ତ୍ତ ବିଭାଗ ଅତିରିକ୍ତ ସଚିବ ପ୍ରଦୀପ କୁମାର ସାହୁ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ନିଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଜିଲ୍ଲା ସ୍ତରୀୟ ଅଧିକାରୀ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଯାନ୍ତ୍ରିକ ତ୍ରୁଟିରୁ ଘଣ୍ଟାଏ ଅଟକିଲା ଟ୍ରେନ୍: ତାତିରେ ଯାତ୍ରୀ ଛଟପଟ



ସଇନ୍ତଲା, ୨୦/୪ (ନି.ପ୍ର): ସମ୍ବଲପୁର-ଟିଟିଲାଗଡ଼ ରେଳପଥର ସଇନ୍ତଲା ବ୍ଲକ୍‌ଛକ ନିକଟ ଫାଟକରେ ଶୁକ୍ରବାର ଦିନ ୧୦ଟା ୩୦ରେ ଏକ ମାଲବାହୀ ଟ୍ରେନ୍ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ବହୁ ସମୟ ଅଟକି ରହିଥିଲା। ଯାହାଫଳରେ ପ୍ରବଳ ଖରାରେ ଲୋକେ ରେଳ ଫାଟକର ଉଭୟ ପାର୍ଶ୍ୱରେ ଛିଡ଼ା ହୋଇ ଛଟପଟ ହୋଇଛନ୍ତି। ପରେ ଗାଡ଼ିଟି ଷ୍ଟେସନକୁ ଫେରିବାରୁ ଫାଟକ ଖୋଲିଥିଲା। ଏ ସମ୍ପର୍କରେ ଷ୍ଟେସନ ଅଧୀକ୍ଷକ ସୁରେଶ ପାଢ଼ୀଙ୍କ କହିବା ଅନୁସାରେ, ଟିଟିଲାଗଡ଼ରୁ ସମ୍ବଲପୁର ଯାଉଥିବା ମାଲବୋଝେଇ ଟ୍ରେନ୍‌ଟି ସଇନ୍ତଲା ବ୍ଲକ୍ ଛକଠାରେ ଥିବା ଫାଟକ ପାରିହେବା ପରେ ହଠାତ୍ ଇଞ୍ଜିନରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଜୋରରେ ଶବ୍ଦ ହେବା ସହ ଅଟକି ଯାଇଥିଲା। ଚାଳକ ଓ ସହଚାଳକ ସଜାଡ଼ିବାକୁ ଚେଷ୍ଟା କରିଥିଲେ। କିନ୍ତୁ ସଫଳ ହୋଇନଥିଲେ। ୪୦ ମିନିଟ୍‌ରୁ ଅଧିକ ସମୟ ଧରି ଫାଟକ ମଧ୍ୟରେ ରେଳ ବଗି ରହିଥିବାରୁ ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଥିଲା। ପରେ ଆଉ ଏକ ଇଞ୍ଜିନ ବ୍ୟବସ୍ଥା କରାଯାଇ ଟ୍ରେନ୍‌ଟି ଗନ୍ତବ୍ୟସ୍ଥଳ ଅଭିମୁଖେ ବାହାରିଥିବା ଶ୍ରୀ ପାଢ଼ୀ କହିଛନ୍ତି।

# ନିଆଁ ଆଁରେ ଓଡ଼ିଶା ଜଙ୍ଗଲ: ୧୧୮୧ ସ୍ଥାନରେ ଜଳୁଛି



ଭୁବନେଶ୍ୱର, ୨୦/୪ (ନି.ପ୍ର): ପାଞ୍ଚ ଦିନ ହେଲା ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ଜଙ୍ଗଲରେ ନିଆଁ ଲିଭୁନି। କଳହାଣ୍ଡି ଜିଲ୍ଲାର କର୍ଲାପାଟ ଅଭୟାରଣ୍ୟ ହୁତୁହୁତୁ ହୋଇ ଜଳୁଛି। ସୁନ୍ଦରଗଡ଼ ଜିଲ୍ଲାର ହେମଗିରି ଜଙ୍ଗଲରେ ନିଆଁ ବ୍ୟାପିଲାଣି। କୋରାପୁଟର ନାରାୟଣପାଟଣାରୁ ଆରମ୍ଭ କରି ରାୟଗଡ଼ାର ମୁନିଗୁଡ଼ା, ନୟାଗଡ଼ର ଖଣ୍ଡପଡ଼ା, କନ୍ଧମାଳର ସିମନବାଡ଼ି, ଗଜପତିର ରାମଗିରି, ଯାଜପୁରର ବାହ୍ମଣୀପାଳ ଯାଏ ଜଙ୍ଗଲରେ ଏବେ ନିଆଁର କୋପ ଦେଖିବାକୁ ମିଳୁଛି। ପୂର୍ବରୁ ପଶ୍ଚିମ ଓଡ଼ିଶା ହେଉ ଅଥବା ଉତ୍ତରରୁ ଦକ୍ଷିଣ ଓଡ଼ିଶା, ସବୁଠି ହେକ୍ଟର ହେକ୍ଟର ଜଙ୍ଗଲ ଜଳିପୋଡ଼ି ପାଉଁଶ ହେଉଛି। ବନ ବିଭାଗ ନିଆଁ ଲିଭାଉଥିବା କହୁଥିଲେ ମଧ୍ୟ ନିଆଁ ଏବେ ଓଡ଼ିଶାର ଅଧା ଜଙ୍ଗଲ ଗ୍ରାସ କରିଗଲାଣି। ଦିନକୁ ଦିନ ଏହା ଆହୁରି ଭୟଙ୍କର ହେଉଥିବା ଦେଖିବାକୁ ମିଳୁଛି। ବୁଧବାର ଅପରାହ୍ଣ ସାଢ଼େ ଗୋଟାଏରେ ଓଡ଼ିଶାର ୪୩୮ଟି ସ୍ଥାନରେ ନିଆଁ ଚିହ୍ନଟ ହୋଇଥିବା ବେଳେ ଗୁରୁବାର ତାହା ୮୫୩ରେ ପହଞ୍ଚିଥିଲା। ଶୁକ୍ରବାର ତାହା ଆହୁରି ବୃଦ୍ଧି ପାଇ ୧୧୮୧ରେ ପହଞ୍ଚିଛି। ୪୮ ଘଣ୍ଟା ମଧ୍ୟରେ ନିଆଁର ପ୍ରକୋପ ହଠାତ୍ ବୃଦ୍ଧି ବୃକ୍ଷଲତା ସମେତ ବନ୍ୟଜନ୍ତୁଙ୍କ ପାଇଁ ବିପଦ ସୃଷ୍ଟି କରିଛି। କେବଳ ସେତିକି ନୁହେଁ, ଓଡ଼ିଶାର ଜଙ୍ଗଲ ନିଆଁ ସାରା ଦେଶରେ ଶୀର୍ଷ ସ୍ଥାନ ବଜାୟ ରଖିଛି। ଦେଶରେ ୩୧୫ଟି ସ୍ଥାନରେ ବଡ଼ଧରଣର ବନାଗ୍ନି ସୃଷ୍ଟି ହୋଇଥିବା ବେଳେ ସେଥିରୁ କେବଳ ଓଡ଼ିଶାରେ ୧୦୭ଟି ରହିଛି। ଏହା ତଳକୁ ଛତିଶଗଡ଼ରେ ୫୮, ଉତ୍ତରାଖଣ୍ଡରେ ୩୭, ଝାଡ଼ଖଣ୍ଡ ଓ ମଧ୍ୟପ୍ରଦେଶରେ ୨୪ଟି ଲେଖାଏଁ ସ୍ଥାନରେ ବଡ଼ଧରଣର ବନାଗ୍ନି ରହିଥିବା ସମ୍ପର୍କରେ ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ(ଏଫ୍‌ଏସ୍‌ଆଇ) ପକ୍ଷରୁ ସୂଚନା ଦିଆଯାଇଛି। ଓଡ଼ିଶାର ସମସ୍ତ ସର୍କଲ ଅଞ୍ଚଳ ବହୁତେ ପ୍ରଭାବିତ ହେଲାଣି। ଆଜି ଦିନରେ ଚିହ୍ନଟ ହୋଇଥିବା ୧୧୮୧ଟି ବନାଗ୍ନି ମଧ୍ୟରୁ କୋରାପୁଟ, ବ୍ରହ୍ମପୁର, ଭବାନୀପାଟଣା ସର୍କଲରେ ୯୫୦ରୁ ଅଧିକ ସ୍ଥାନରେ ଛୋଟ ଓ ମଧ୍ୟମଧରଣର ନିଆଁ ଲାଗିଛି। ଭବାନୀପାଟଣା ସର୍କଲର ନୂଆପଡ଼ା, କଳାହାଣ୍ଡି, ବଲାଙ୍ଗୀର, ସୋନପୁର ଜିଲ୍ଲା ସମେତ କୋରାପୁଟ ସର୍କଲର ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ବ୍ରହ୍ମପୁର ସର୍କଲର କନ୍ଧମାଳ, ଗଞ୍ଜାମ, ଗଜପତି, ବୌଦ୍ଧ, ରାଉରକେଲାର ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ଅନୁଗୁଳ ସର୍କଲର କଟକ, ଯାଜପୁର, ଢେଙ୍କାନାଳ, ଅନୁଗୁଳ, ବାରିପଦା ସର୍କଲର ମୟୂରଭଞ୍ଜ, କେନ୍ଦୁଝର, ଭୁବନେଶ୍ୱର ସର୍କଲର ନୟାଗଡ଼ ଓ ପୁରୀ ଜିଲ୍ଲାରେ ଜଙ୍ଗଲ ଜଳୁଛି। ଗତ ସାତ ଦିନରେ ଓଡ଼ିଶାରେ ସର୍ବାଧିକ ୩,୯୯୨ଟି ଜଙ୍ଗଲ ନିଆଁ ଚିହ୍ନଟ କରାଯାଇଥିବା ବେଳେ ଛତିଶଗଡ଼ରେ ୨୪୧୩, ଆନ୍ଧ୍ରପ୍ରଦେଶରେ ୨,୦୪୮ଟି ସ୍ଥାନରେ ନିଆଁ ଲାଗିଛି। ଚଳିତ ସିଜିନ୍(ନଭେମ୍ବର ୧ରୁ ଆଜି ସୁଦ୍ଧା)ରେ ଓଡ଼ିଶାରେ ୧୨ହଜାର ୧୮୯ଟି ଜଙ୍ଗଲ ନିଆଁ ଚିହ୍ନଟ ହୋଇଛି। ଯେତେବେଳେ କି ଆନ୍ଧ୍ରପ୍ରଦେଶରେ ସର୍ବାଧିକ ୧୬,୧୭୧ଟି ନିଆଁ ଲାଗିଥିବା ରିପୋର୍ଟ ହୋଇଛି। କୋରାପୁଟ ଜିଲ୍ଲାର ଜୟପୁର, ବୋରିଗୁମା, ଲକ୍ଷ୍ମୀପୁର, ଲମଟାପୁଟ, ସିମିଳିଗୁଡ଼ା, ନାରାୟଣପାଟଣା, କଳାହାଣ୍ଡି ଜିଲ୍ଲାର ଜୟପାଟଣା, ଥୁଆମୂଳ ରାମପୁର ଉତ୍ତର, କର୍ଲାପାଟ, ମଦନପୁର ରାମପୁର, ରାୟଗଡ଼ା ଜିଲ୍ଲାର କାଶୀପୁର, ଟିକିରି, କେ. ସିଂହପୁର, ଗୁଡ଼ାରି, ବିଶ୍ୱନାଥପୁର, ମୁନିଗୁଡ଼ା, କନ୍ଧମାଳର ବେଲଘର, ତୁମୁଡ଼ିବନ୍ଧ, ବାଲିଗୁଡ଼ା, ସିମନ୍‌ବାଡ଼ି, କୋଟାଗଡ଼, ବ୍ରାହ୍ମଣୀଗାଁ, ନବରଙ୍ଗପୁରର ଉମରକୋଟ, ନୂଆପଡ଼ାର ସିନାପାଲି, ଗଜପତିର ଆର ଉଦୟଗିରି, ମୋହନା, ଗଞ୍ଜାମର ଆସ୍କା, ଦେବଗଡ଼ର ଖମାର ପ୍ରଭୃତି ଅଞ୍ଚଳର ଜଙ୍ଗଲ ପ୍ରଭାବିତ ହୋଇଛି।

# ଫାଇନାନ୍ସ ସଂସ୍ଥାରୁ ୧୩ ଲକ୍ଷ ଟଙ୍କା ଚୋରି ଘଟଣା: ୨ କର୍ମଚାରୀ ଗିରଫ

ଗଞ୍ଜାମ, ୨୦/୪ (ନି.ପ୍ର): ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ଲାଠି ଗ୍ରାମରେ ଥିବା ଏକ ଘରୋଇ ଫାଇନାନ୍ସ ସଂସ୍ଥାରୁ ୧୩ ଲକ୍ଷରୁ ଅଧିକ ଟଙ୍କା ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା । ଘଟଣାରେ ପୋଲିସ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଦୁଇ ଜଣ ହେଲେ ସେହି ସଂସ୍ଥାର କର୍ମଚାରୀ ଶୁଭେନ୍ଦୁ ନାୟକ ଓ ଶମ୍ଭୁନାଥ ପ୍ରଧାନ । ଗତ ୭ ତାରିଖ ରାତିରେ କୌଣସି ଦୁର୍ବୃତ ଏହି ସଂସ୍ଥାର କାର୍ଯ୍ୟାଳୟ ଭିତରେ ପଶି ୧୩ ଲକ୍ଷରୁ ଅଧିକ ଟଙ୍କା ଚୋରି କରିନେଇଥିବା ନେଇ ସଂସ୍ଥାର କର୍ମଚାରୀ ଦୀପକ ପ୍ରଧାନ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ବରିଷ୍ଠ ପୋଲିସ ଅଧିକାରୀ ଓ ସାଇଂଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଥିଲେ । ଏହି ଚୋରି ପଛରେ କିଛି କର୍ମଚାରୀଙ୍କ ହାତ ଥିବା ସନ୍ଦେହ ହେବାରୁ ପୋଲିସ ଏକାଧିକ କର୍ମଚାରୀଙ୍କୁ ଥାନାରେ ଅଟକ ରଖି ପଚରା ଉଚରା କରିବା ପରେ ଘଟଣାର ପର୍ଦାଫାଶ ହୋଇଥିଲା ।

# ଜାତୀୟ କବି ବାଞ୍ଛାନିଧିଙ୍କର ୧୨୭ତମ ଜୟନ୍ତୀ ପାଳିତ



ଭୁବନେଶ୍ୱର, ୨୦/୦୪ (ନି.ପ୍ର): ଓଡ଼ିଶା ମାଟିର ଗର୍ବ ଗୌରବ ଜାତୀୟ କବି ବାଞ୍ଛାନିଧିଙ୍କର ୧୨୭ତମ ଜୟନ୍ତୀ ଉତ୍ସବ ଭୁବନେଶ୍ୱରର ବୁଦ୍ଧ ମନ୍ଦିର ପରିସରରେ ଜାତୀୟ କବି ବାଞ୍ଛାନିଧି ମହାନ୍ତି ସ୍ମୃତି ସଂସଦ ତରଫରୁ ପାଳିତ ହୋଇଥିଲା। ପ୍ରଥମେ ଅତିଥିମାନେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ଦେଶାତ୍ମବୋଧକ ସଂଗୀତ ଗାନ କରାଯାଇଥିଲା। ସମ୍ପାଦକ ନୀରୋଜ କୁମାର ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଭାପତି ବିଜୟଲକ୍ଷ୍ମୀ ପଟ୍ଟନାୟକ ସଭାର ଆଭିମୁଖ୍ୟ ପ୍ରଦାନ ପୂର୍ବକ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ। ପରେ ପରେ ମୁଖ୍ୟ ଅତିଥି ଡ. ରବିନାରାୟଣ ପତି ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହାପରେ ପ୍ରଫେସର ହରିକୃଷ୍ଣ ଦାସ, ଡ. ଅରବିନ୍ଦ ଗିରି ଓ ଡ. ଶିଶିର କୁମାର କରଙ୍କୁ ସାରସ୍ୱତ କାର୍ଯ୍ୟ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧିତ ପ୍ରତିଭାମାନେ ସମ୍ବର୍ଦ୍ଧନାର ଉତ୍ତର ପ୍ରଦାନ କରିଥିଲେ। ଏହାପରେ ମୁଖ୍ୟବକ୍ତା ଗାନ୍ଧିବାଦୀ ସମ୍ବକାର ପ୍ରହଲ୍ଲାଦ ସିଂ ନିଜର ସାରଗର୍ଭକ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ସର୍ବଶେଷରେ ସମ୍ମାନିତ ଅତିଥି ରାମଚନ୍ଦ୍ର ପଲାଇ ନିଜର ବକ୍ତବ୍ୟ ରଖିଥିଲେ। କୃତଜ୍ଞତା ଜ୍ଞାପନ କରିଥିଲେ ବଂଶୀଧର ଭୋଇ ସମ୍ପାଦକ ଭରତ ସମ୍ମିଳନୀ। ପରିଶେଷରେ କବିତା ପାଠ ଉତ୍ସବର ସଂଯୋଜନା ସବିତା ରାଣୀ ବେହେରା କରିଥିଲେ। ବରେଣ୍ୟ କବି ଶ୍ରୀ ବଂଶୀଧର ଭୋଇ, ସୁରେନ୍ଦ୍ର ପାଣିଗ୍ରାହୀ ଓ ଶ୍ରୀ ବିଜୟ କୁମାର ବଇନି କବିତା ପାଠ କରିଥିଲେ। ଏଥିରେ ରାଜଧାନୀରୁ ବହୁ ସାହିତ୍ୟିକ, ବୁଦ୍ଧିଜୀବୀ ଏବଂ ଛାତ୍ରଛାତୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ବିଜେଡ଼ି ତରଫରୁ ବିଶାଳ କର୍ମୀ ସମ୍ମିଳନୀ

ଭୁବନ, ୨୦/୪ (ନି.ପ୍ର): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଭୁବନ ଏନ୍ ଏ ସି ଯାତ୍ରା ପଡ଼ିଆରେ ବିଜେଡ଼ି ତରଫରୁ ବିଶାଳ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କାମାକ୍ଷାନଗର ବିଧାୟକ ପ୍ରାର୍ଥୀ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଓ ଢେଙ୍କାନାଳ ଲୋକସଭା ପ୍ରାର୍ଥୀ ଡ଼ଃ ଅବିନାଶ ସାମଲ ଯୋଗଦେଇ ଦେଶର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରି ବିଶ୍ୱ ରେକର୍ଡ ହାସଲ କରିବା ଏବଂ ଓଡ଼ିଶା ର ବିକାଶ କୁ ଶୀର୍ଷରେ ପହଂଚାଇବା ସକାଶେ ଡବଲ ଶଙ୍ଖ ଚିହ୍ନ ରେ ଭୋଟ ଦେବାକୁ ନିବେଦନ କରିଥିଲେ । ଉପସ୍ଥିତ ପ୍ରାୟ ୫ ହଜାର ରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ହରିବୋଲ ହୁଳହୁଳି ଦେଇ ସ୍ୱାଗତ କରିଥିଲେ। ବିଜେଡ଼ି ଜିନ୍ଦାବାଦ, ନବୀନ ପଟ୍ଟନାୟକ ଜିନ୍ଦାବାଦ, ପ୍ରଫୁଲ୍ଲ ମଲ୍ଲିକ ଜିନ୍ଦାବାଦ, ଅବିନାଶ ସାମଲ ଜିନ୍ଦାବାଦ ନାରାବାଜି ରେ ସଭାସ୍ଥଳ ପ୍ରକମ୍ପିତ ହୋଇଥିଲା । ଏନ୍ ଏ ସି ବିଜେଡି ସଭାପତି ନରେନ୍ଦ୍ର କୁମାର ସାହୁ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ କର୍ମୀ ସମ୍ମିଳନୀ ରେ ନଗରପାଳ ଶୁଭେନ୍ଦୁ କୁମାର ସାହୁ, ବ୍ଲକ ଅଧ୍ୟକ୍ଷା ସିପ୍ରା ବରାଳ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ଆମ୍ୱା ଅଧ୍ୟକ୍ଷ ସୁଧାକର ସାହୁ, ଜିଲ୍ଲା ବିଜେଡ଼ି ସମ୍ପାଦକ ଅଜୟ କୁମାର ସେଠୀ ପ୍ରମୁଖ ମଂଚାସିନ ହୋଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଭୁବନ ଏନ୍ ଏ ସି ର ୧୫ ଟି ୱାର୍ଡ ରୁ ବିଜେପି ଓ କଂଗ୍ରେସ ଦଳ ଛାଡ଼ି ୨୦୦ ରୁ ଉର୍ଦ୍ଧ୍ୱ କର୍ମୀ ବିଜେଡି ରେ ସାମିଲ ହୋଇଥିଲେ । ପୂର୍ବାହ୍ନରେ ଟିପିଲେଇ ହାଟ ପଡ଼ିଆରେ ଜୋନ ୧ ଏବଂ ୨ ର ଏକ କର୍ମୀ ସମ୍ମିଳନୀ ବ୍ଲକ ବିଜେଡି ସଭାପତି ରମେଶ ଚନ୍ଦ୍ର ସାହୁ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଥିଲା । ବିଜୁ ଜନତାଦଳର ଲୋକସଭା ପ୍ରାର୍ଥୀ ଡଃ ଅବିନାଶ ସାମଲ ଓ କାମାକ୍ଷା ନଗର ବିଧାୟକ ପ୍ରାର୍ଥୀ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କୁ ବିଶାଳ ବାଇକ୍ ଶୋଭାଯାତ୍ରାରେ ଟିପିଲେଇ ହାଟ ପଡ଼ିଆକୁ ପାଛୋଟି ଅଣାଯାଇଥିଲା । ଏହି ସଭାରେ ବିଧାନସଭା ପ୍ରାର୍ଥୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ସମେତ ଦଳର ସମସ୍ତ କର୍ମକର୍ତା ସହ ବହୁସଂଖ୍ୟାରେ ମହିଳା ଓ ଜନସାଧାରଣ ଯୋଗ ଦେଇଥିଲେ। ଦଳ ପକ୍ଷରୁ ଦୁଇ ପ୍ରାର୍ଥୀଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇଥିଲା। ଲୋକସଭା ପ୍ରାର୍ଥୀ ଡଃ ଅବିନାଶ ସାମଲ ଆଗାମୀ ନିର୍ବାଚନରେ ଯୋଡି ଶଙ୍ଖ ରେ ଭୋଟ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତ ମୁଠାକୁ ଟାଣ କରିବାସହ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବା ପାଇଁ କହିଥିଲେ। ବିଧାୟକ ପ୍ରାର୍ଥୀଙ୍କୁ ବିଧାନସଭା ଓ ଲୋକସଭା ପ୍ରାର୍ଥୀଙ୍କୁ ଲୋକସଭାରେ ଶଙ୍ଖ ଚିହ୍ନରେ ଭୋଟ ଦେଇ ନିଜ ଅଂଚଳକୁ ଆହୁରି ବିକଶିତ କରିବା ପାଇଁ ଜନସାଧାରଣଙ୍କୁ ସହଯୋଗ କରିବାପାଇଁ କହି ଭୋଟ ଭିକ୍ଷା କରିଥିଲେ।

# କଳାହାଣ୍ଡି ଜିଲ୍ଲାରେ ନିର୍ବାଚନ ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ସମୀକ୍ଷା



ଭବାନୀପାଟଣା, ୨୦/୪ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସହରସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ ଗୃହରେ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ଦ୍ୱାରା କଳାହାଣ୍ଡି ଜିଲ୍ଲା ଓ ନୂଆପଡ଼ା ଜିଲ୍ଲାର ନିର୍ବାଚନ ସମ୍ବନ୍ଧୀୟ ଖର୍ଚ୍ଚ କମିଟିର କାର୍ଯ୍ୟକୁ ସମୀକ୍ଷା କରାଯାଇଛି। କଳାହାଣ୍ଡି ଲୋକସଭା ନିର୍ବାଚନମଣ୍ଡଳୀ ପାଇଁ ଭୈବଭ ସିଂ ଚୌହାନ, ଲାଞ୍ଜିଗଡ଼, ନର୍ଲା ଓ ଭବାନୀପାଟଣା ନିର୍ବାଚନମଣ୍ଡଳୀ ପାଇଁ କେ. ସୁରଜିତ ଏବଂ ଜୁନାଗଡ଼ ଓ ଧର୍ମଗଡ଼ ନିର୍ବାଚନମଣ୍ଡଳୀ ସହ ନୂଆପଡ଼ା, ଖଡ଼ିଆଳ ପାଇଁ ମଣିଶଙ୍କର ବର୍ଦୋଲଇ ପ୍ରମୁଖ ପର୍ଯ୍ୟବେକ୍ଷକ ରୂପେ ନିର୍ବାଚନ କମିସନ ଦ୍ୱାରା ନିଯୁକ୍ତି ପାଇଛନ୍ତି। ବୈଠକରେ ୫ଟି ନିର୍ବାଚନମଣ୍ଡଳୀ ଓ ଗୋଟିଏ ଲୋକସଭା ଆସନ ପାଇଁ ୬ ଜଣ ସହକାରୀ ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ସହ ଆୟକର ବିଭାଗ, ସିଟିଜିଏସ୍‌ଟି ବିଭଗ, ଅବକାରୀ ବିଭାଗ, ବନ ବିଭାଗ, ପରିବହନ ବିଭାଗ ଅଧିକାରୀଙ୍କ ସହ କଳାହାଣ୍ଡି ଏସ୍‌ପି ଅଭିଳାଷ ଜି, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନ, ତ୍ରିଲୋଚନ ପାତ୍ର, ଜିଲ୍ଲା ପରିଷଦ ସିଡିଓ ଦୟାମୟ ପାଢ଼ୀ, ଧର୍ମଗଡ଼ ଉପଜିଲ୍ଲାପାଳ ଧିମନ୍ ଚକମା, ଭବାନୀପାଟଣା ଉପଜିଲ୍ଲାପାଳ ଡ. ବିଶ୍ୱଜିତ ଦାସ, ନିର୍ବାଚନ ସଂଯୁକ୍ତ ଅଧିକାରୀ, ଡିଆଇପିଆରଓ ଏବଂ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଖର୍ଚ୍ଚ ପର୍ଯ୍ୟବେକ୍ଷକ ଶ୍ରୀ ଚୌହାନ ଏବଂ କେ. ସୁରଜିତ ବିଭିନ୍ନ ଟିମ୍‌ଭିଏସ୍‌ଟି, ଏସ୍‌ଏସ୍‌ଟି, ଭିଏସ୍‌ଟି, ଆକାଉଣ୍ଟ ଟିମ୍, ଫ୍ଲାଇଙ୍ଗ ସ୍କ୍ୱାଡ୍, ଏମ୍‌ସିଏମ୍‌ସି ଟିମ୍‌ର ନୋଡାଲ ଅଧିକାରୀଙ୍କ କାର୍ଯ୍ୟକୁ ସମୀକ୍ଷା କରିଥିଲେ। ନିର୍ବାଚନକୁ ଅବାଧ, ସ୍ୱଚ୍ଛ ଓ ନିରପେକ୍ଷ କରିବା ପାଇଁ ଅଧିକାରୀମାନଙ୍କୁ ନିଜ ଦାୟିତ୍ୱକୁ ଠିକ୍ ଭାବେ ନିର୍ବାହ ସହ ଯେ କୌଣସି ଆଚରଣ ବିଧି ଉଲ୍ଲଙ୍ଘନକୁ ଧରିବା ପାଇଁ ତ୍ୱରିତ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଜନସାଧାରଣ ଖର୍ଚ୍ଚ ସମ୍ବର୍ଦ୍ଧିତ କିମ୍ବା ଆଚରଣ ବିଧି ଉଲ୍ଲଙ୍ଘନ ଅଭିଯୋଗ ବିଷୟ ଉପରେ ଭୈବଭ ସିଂ ଚୌହାନଙ୍କୁ ମୋବାଇଲ ନଂ. ୭୦୦୮୩୮୦୦୮୩, କେ. ସୁରଜିତଙ୍କୁ ମୋବାଇଲ ନଂ. ୬୩୭୦୪ ୪୯୬୪୫, ମଣି ଶଙ୍କର ବର୍ଦୋଲଇଙ୍କୁ ମୋବାଇଲ ନଂ. ୭୬୦୬୯୭୭୨୬୩ ରେ ଅଭିଯୋଗ କରିପାରିବେ ବୋଲି ସୂଚନା ଦିଆଯାଇଛି।

## ଧାରାବାହିକ ଉପନ୍ୟାସ



# ବୈଦେହୀ

## ଡ.ଭାଗବତ ବେହେରା



**'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ଭାଗ-୪୮

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ନା ମୁଁ ଖୁବ୍ ଜୋରରେ ପାଟିକରି ଉଠିଥିଲି। ତୁମେ ଅନ୍ୟାୟ କରୁଛ ଲକ୍ଷ୍ମଣ । ନିଜ ଭାଇ ପ୍ରତି ବିପଦ ପଡ଼ିଥିବାର ଜାଣି ମଧ୍ୟ ତୁମେ ଯାଉନାହଁ। ଭାଇର ବିପଦ ବେଳେ ଭାଇ ଯଦି ଯାଇ ଛିଡ଼ା ନହୋଇଛି, ତାହେଲେ ସେ ଭାଇ ନୁହେଁ ଶତ୍ରୁ । ତୁମେ ତାହେଲେ କ'ଣ ମୋ ରଘୁନାଥଙ୍କର ଶତ୍ରୁ। ମିଛରେ ଭାଇ ସୋହାଗ ଦେଖାଇ ଏ ବନବାସ ଯାତ୍ରାରେ ଆମ ସହିତ ଆସିଛ । ଧିକ୍ ତୁମର ଭ୍ରାତୃ ପ୍ରେମକୁ ।

ସେମିତି ଧୀର କଣ୍ଠରେ ପୁଣି ଲକ୍ଷ୍ମଣ କହିଥିଲେ, କାହିଁକି ଆପଣ ଏମିତି ବିଳାପ କରୁଛନ୍ତି ଭାଉଜ । ମୁଁ ଜାଣେ ମୋ ଭ୍ରାତାଙ୍କର କିଛି ହୋଇନାହିଁ । ଯେ ପର୍ଯ୍ୟନ୍ତ ତାଙ୍କ ସ୍କନ୍ଧରେ ଧନୁ, ତୂଣୀରରେ ଶର ଥିବ, ସେ ପର୍ଯ୍ୟନ୍ତ ଏ ବିଶ୍ୱ ବ୍ରହ୍ମାଣ୍ଡରେ କାହାରି ଶକ୍ତି ନାହିଁ ମୋ ଭାଇଙ୍କୁ ବିପଦରେ ପକାଇ ପାରିବ । ଏହା ସେହି ମାୟାବୀ ସ୍ୱର୍ଣ୍ଣହରିଣୀର ମାୟା । ସେ ନିଶ୍ଚୟ କୌଣସି ମାୟାବୀ ଅସୁର ହୋଇଥିବ ।

ଲକ୍ଷ୍ମଣଙ୍କ ବଚନ ମୋ ହୃଦୟରେ ଶେଲାଘାତ ହେବାର କଷ୍ଟ ମୁଁ ଅନୁଭବ କରିଥିଲି। ଅତ୍ୟନ୍ତ କଟୁବାକ୍ୟ ପ୍ରୟୋଗ କରି ମୁଁ ତାଙ୍କୁ କହିଥିଲି 'ତୁମର ମନ୍ଦ ଉଦ୍ଦେଶ୍ୟ ମୁଁ ଏବେ ଜାଣିଗଲି ଲକ୍ଷ୍ମଣ । ତୁମେ ଭାବିଛ ଏ ଅରଣ୍ୟରେ ଯଦି ତୁମ ଭାଇଙ୍କର ମୃତ୍ୟୁ ହୋଇଯାଏ ତାହେଲେ ତୁମେ ମୋତେ...'

ଗର୍ଜି ଉଠିଥିଲେ ଲକ୍ଷ୍ମଣ । ଭାଉଜ ଏତେ ନୀଚ ଆପଣ । ଏ ନୀଚ ଚିନ୍ତାଧାରା ଆପଣଙ୍କ ମନକୁ ଆସିଲା କେମିତି ? ଯେଉଁ ଭାଇଙ୍କୁ ମୁଁ ଦେବୀ ଆସନରେ ବସାଇଛି, ତାଙ୍କର ମୋ ପ୍ରତି ଏ ହୀନ ଚିନ୍ତାଧାରା କାହିଁକି? ଛି ଛି ଭାଉଜ ଆପଣ ଏମିତି କଥା କହିବାକୁ ସଂକୋଚ ମଣିଲେ ନାହିଁ କେମିତି ? ଆପଣଙ୍କୁ ମୁଁ ଭାଉଜ ନୁହେଁ, ମା'ର ଆସନ ଦେଇଛି । ଆପଣଙ୍କ ଦୁଇପାଦ ବ୍ୟତିରେକେ ଆପଣଙ୍କ ମୁଖକୁ ମୁଁ ଆଜିଯାଏଁ ସ୍ପଷ୍ଟ ଭାବରେ ଦେଖିନାହିଁ । ଆପଣଙ୍କର ଏ କଟୁବାକ୍ୟ... ଏହାକହି ସେ ଭୋ.. ଭୋ... ହୋଇ କାନ୍ଦି ପକାଇଥିଲେ

ସେତେବେଳକୁ ମୁଁ କ୍ରୋଧରେ ଜର୍ଜରିତ ହୋଇ ପଡ଼ିଥାଏ ସୁଧାମୟୀ । ମୋ ସ୍ୱାମୀ ପ୍ରତି ବିପଦ ଅଥଚ ତାଙ୍କ ସାନଭାଇ ଏମିତି କହୁଛନ୍ତି। ଶେଷରେ ମୁଁ ତାଙ୍କୁ କହିଥିଲି ଲକ୍ଷ୍ମଣ ତୁମର ଯଦି କୌଣସି ମନ୍ଦ ଉଦ୍ଦେଶ୍ୟ ନାହିଁ, ତାହାଲେ ତୁମେ ମୋ କଥା ଚିନ୍ତା ନକରି ତୁମ ଭାଇଙ୍କ ପାଖକୁ ଯାଅ । ତା ନହେଲେ ମୁଁ ଏହିଠାରେ ଅଗ୍ନି ଜାଳି ତହିଁରେ ଆତ୍ମ ବିସର୍ଜନ ଦେବି ।

ଲକ୍ଷ୍ମଣ ଆଉ ମୋ କଥାକୁ ସହ୍ୟ କରିପାରିଲେ ନାହିଁ । ତାଙ୍କ ତୁଣ୍ଡରୁ ଖସିପଡ଼ିଲା କେଇଟି ଶବ୍ଦ, ବିଧାତା ଆମ ଭାଗ୍ୟରେ ବୋଧହୁଏ ଆହୁରି ଅଧିକ ଦୁଃଖ ଲେଖିଛି । ଏହାକହି ସେ ତାଙ୍କ ଧନୁ ମୁନରେ ମୁଁ ଛିଡ଼ା ହୋଇଥିବା ସ୍ଥାନରେ ବର୍ତ୍ତୁଳାକାରରେ ତିନୋଟି ଗାର ଟାଣି ଦେଇ କହିଥିଲେ, ଆପଣ ଜାଣିଶୁଣି ବିପଦକୁ ଆମନ୍ତ୍ରଣ କରୁଛନ୍ତି ଭାଉଜ । ଭାଇଙ୍କ ବଚନକୁ ଅବଜ୍ଞା କରି, ଆପଣଙ୍କ କଥାମାନି ମୁଁ ଚାଲି ଯାଉଛି । ଯିବାପୂର୍ବରୁ ଆପଣଙ୍କ ଚାରିପଟେ ମୁଁ ସତ୍ୟ, ଧର୍ମ, ନ୍ୟାୟର ତିନୋଟି ଗାର ଟାଣି ଦେଇ ଯାଉଛି । ଆପଣଙ୍କୁ ମୋ ଭ୍ରାତା ରଘୁନାଥଙ୍କ ରାଣ, ସତ୍ୟ, ଧର୍ମ, ନ୍ୟାୟର ରାଣ, ଯେତେ ଯାହା ହେଲେ ବି ଆମେ ଅରଣ୍ୟରୁ ନଫେରିବା ପର୍ଯ୍ୟନ୍ତ ଆପଣ ଏ ଗାର ଡେଇଁ ବାହାରକୁ ଆସିବେ ନାହିଁ । ଏତକ କଥା ମୋର ଆପଣ ନିଶ୍ଚୟ ରଖିବେ । ଏହାକହି ଲକ୍ଷ୍ମଣ ମୋ ପାଖରୁ ଦୂରେଇ ଯାଇଥିଲେ । ମୁଁ କାନ ପାତି ଛିଡ଼ା ହୋଇଥାଏ କାଳେ ସ୍ୱାମୀଙ୍କ ତୁଣ୍ଡରୁ ଆଉ କିଛି ଶବ୍ଦ ଝରିଆସିବ। କିଛିସମୟ ଛିଡ଼ା ହୋଇ ଆଉ କିଛି ଶବ୍ଦ ନଶୁଣି, ମୁଁ ଆନମନା ହୋଇ କୁଟୀର ଭିତରକୁ ଚାଲି ଯାଇଥିଲି । କିଛି ପାଦ ଯାଇଛି କି ନାହିଁ ମୋ କର୍ଣ୍ଣରେ ଗୁଞ୍ଜରି ଉଠିଲା ଏକ କୋମଳ ସ୍ୱର, 'ଭବତି ଭିକ୍ଷାଂ ଦେହୀ' । ଚମକି ଉଠିଥିଲି ମୁଁ । ଏ ଘଞ୍ଚ ଅରଣ୍ୟ ଭିତରେ କିଏ ଭିକ୍ଷା ମାଗୁଛି। ନାଁ ସେ ଯିଏବି ହୁଅନ୍ତୁ ନା କାହିଁକି ମୁଁ ବାହାରକୁ ଯିବି ନାହିଁ । କିଛି ସମୟ ପରେ ପୁଣି ସେହି ସ୍ୱର 'ଭବତି ଭିକ୍ଷାଂ ଦେହୀ' । 'ଭବତି ଭିକ୍ଷାଂ ଦେହୀ' ।

ବାରମ୍ବାର ସେହିଭଳି ଶବ୍ଦ ଶୁଣି ମୁଁ ବାହାରକୁ ଆସି ଦେଖେ ତ ଜଣେ ସନ୍ନ୍ୟାସୀ ଆମ ଗୁମ୍ଫା ଦ୍ୱାରରେ ଛିଡ଼ା ହୋଇ ଭିକ୍ଷା ମାଗୁଛନ୍ତି । ମୁଁ ଗୁମ୍ଫା ଦ୍ୱାରରେ ଥାଇ ତାଙ୍କୁ କହିଥିଲି, "ଏ ଅରଣ୍ୟରେ ମୁଁ ଆପଣଙ୍କୁ କି ଭିକ୍ଷା ଦେବି ସନ୍ନ୍ୟାସୀ ! ଭିକ୍ଷା ଦେବାପାଇଁ ମୋ ପାଖରେ କିଛି ନାହିଁ ।"

ତୁମ ସ୍ୱାମୀ ଦିଅର କ'ଣ ବଣର ଫଳମୂଳ କିଛି ରଖି ନାହାନ୍ତି ଦେବୀ । ଯଦି ନାହିଁ ତେବେ ମନା କରିଦିଅ । ମୁଁ ଫେରିଯିବି । ଭିକ୍ଷାର୍ଥୀ ଦ୍ୱାରରୁ ଫେରିଯିବା ଠିକ୍ ହେବନାହିଁ ଦେବୀ । ତେଣୁ ମୁଁ କହୁଛି ଯଦି କିଛି ଫଳମୂଳ ଅଛି ମୋ ଭିକ୍ଷାଥଳିରେ ଢାଳିଦିଅ ।

ବିପଦ ପରେ ବିପଦ । ଲକ୍ଷ୍ମଣ ମନା କରିଛନ୍ତି ବାହାରକୁ ଯିବା ପାଇଁ । ସତ୍ୟ, ଧର୍ମ, ନ୍ୟାୟର ଗାର ଟାଣି ଦେଇ ଯାଇଛନ୍ତି ସେ । ଏଣେ ସନ୍ନ୍ୟାସୀ ଦ୍ୱାରରୁ ଫେରିଗଲେ ମହାପାପ। ମୁଁ ତାଙ୍କୁ କହିଥିଲି ହେ ମହାପୁରୁଷ, ଆପଣ ଦୟାକରି ମୋ ଦ୍ୱାର ସମ୍ମୁଖକୁ ଆସନ୍ତୁ । ମୋ ଗୃହରେ ଯାହା ଫଳମୂଳ ଅଛି ମୁଁ ତାହା ଆପଣଙ୍କୁ ଅର୍ପଣ କରିବି । ଏହା କହି ମୁଁ ଯାଇ ଭିତରେ ଯାହା ଫଳମୂଳ ଥିଲା ଆଣି ଦେଖେ ତ ସନ୍ନ୍ୟାସୀ ସେହି ପୂର୍ବ ସ୍ଥାନରେ ଛିଡ଼ା ହୋଇଛନ୍ତି । ତାଙ୍କୁ ଶୁଣାଇ ମୁଁ କହିଥିଲି ସେଠାରେ ଛିଡ଼ାହେଲେ ଆପଣ ଭିକ୍ଷା ନେବେ କେମିତି ? ଆପଣ ଦ୍ୱାର ସମ୍ମୁଖକୁ ଆସନ୍ତୁ ।

ନାଁ ଦେବୀ ! ତାହା କେବେ ସମ୍ଭବ ନୁହେଁ । ଶାସ୍ତ୍ର କହେ କୌଣସି ଦାତାର ଗୃହ ସମ୍ମୁଖକୁ ଯାଇ ଭିକ୍ଷା ନେବା ମହାପାପ । ଏହାଦ୍ୱାରା ଦାତା, ଗ୍ରହୀତା ଉଭୟଙ୍କର କ୍ଷତି ହେବ । ଯଦି ଭିକ୍ଷାଦେବାକୁ ଇଚ୍ଛା ଅଛି, ତେବେ ମୋ ପାଖକୁ ଆସି ଭିକ୍ଷା ଦେଇ ଯାଅ।

ମୁଁ ନାଉର ହୋଇ ଯାଇଥିଲି । କ'ଣ କରିବି ? ତେଣେ ସନ୍ନ୍ୟାସୀ ଭିକ୍ଷା ପାଇଁ ଆବେଦନ କରି ଛିଡ଼ା ହୋଇଛନ୍ତି । ଏଣେ ଲକ୍ଷ୍ମଣ ତିନିଟି ଗାର କାଟିଦେଇ ଯାଇଛନ୍ତି ମୁଁ କ'ଣ କରିବି ? କି ସିଦ୍ଧାନ୍ତ ନେବି, କିଛି ଭାବିପାରିଲି ନାହିଁ ସୁଧାମୟୀ। ଶେଷରେ ସନ୍ନ୍ୟାସୀଙ୍କୁ ହାତଯୋଡ଼ି କହିଥିଲି, 'ହେ ଦିବ୍ୟଜ୍ଞାନୀ ଯୋଗୀ ଶ୍ରେଷ୍ଠ ! ଆପଣ ଦୟାକରି ଏ ସ୍ଥାନକୁ ଆସନ୍ତୁ। ମୁଁ ଆପଣଙ୍କ ପାଖକୁ ଯାଇପାରିବି ନାହିଁ।'

ମୋ କଥା ଶୁଣି ସେ କହିଲେ ହେଉ ଦେବୀ ! ତୁମେ ଯଦି ଏତେ ଜିଦ୍ କରୁଛ ତେବେ ମୁଁ ତୁମ ପାଖକୁ ଯାଉଛି, ଏହାକହି ସେ ଗୋଟାଏ ପାଦ ଲକ୍ଷ୍ମଣ କାଟିଥିବା ରେଖା ଉପରେ ରଖନ୍ତେ ପାଟି କରି ଉଠିଥିଲେ, ଆଃ ଜଳିଗଲି, ଜଳିଗଲି । ତୁମ କୁଡ଼ିଆ ଆଗରେ ତୁମେ କ'ଣ ଅଗ୍ନିସ୍ଥାପନ କରିଛ। ମୋର ଭିକ୍ଷାର ଆବଶ୍ୟକତା ନାହିଁ । ମୁଁ ଜଣେ ସତ୍ୟନିଷ୍ଠ ତପସ୍ୱୀ । ଗୋଟାଏ ଦିନ ଗୋଟାଏ ଗୃହକୁ ଭିକ୍ଷା ମାଗିବାକୁ ଯାଏ । ସେଠାରୁ ଯଦି ନିରାଶ ହୋଇ ଫେରେ ତାହେଲେ ସେଦିନ ମୋର ଉପବାସରେ କଟିଥାଏ । ଆଜ ଦିବାରାତ୍ର ମୁଁ ଅନ୍ନଜଳ ସ୍ପର୍ଶ କରିବି ନାହିଁ । କ୍ଷୁଧା ପୀଡ଼ାରେ ଯଦି ମୋର ମୃତ୍ୟୁ ହୋଇଯାଏ ତାହେଲେ ସେଥିପାଇଁ ତୁମେ ମହାପାପର ଭାଗୀ ହେବ ଦେବୀ।

ସହସା ମୁଁ ଚିତ୍କାର କରି ଉଠିଥିଲି, ନା ସନ୍ନ୍ୟାସୀ ଦେବ ନା । ଆପଣ ସେହିଠାରେ ଅପେକ୍ଷା କରନ୍ତୁ, ମୁଁ ଭିକ୍ଷା ନେଇ ଯାଉଛି । ମୋ କଥାଶୁଣି ସେ ଅଟକି ଯାଉଥିଲେ ଆଉ ମୁଁ ଭିକ୍ଷାପାତ୍ର ଧରି ଲକ୍ଷ୍ମଣଙ୍କ ତିନିଗାର ଡେଇଁ ଆଗେଇ ଯାଇଥିଲି ତାଙ୍କୁ ଭିକ୍ଷା ଦେବାକୁ ।

(କ୍ରମଶଃ)


♥ ଦର୍ଜୀପୋଖରୀ,
ରାଣୀପାଟଣା, ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪


## ଆଲୋଚନା

# ଶୋଷଣ ବନାମ କଲମ

## ସୁବ୍ରତ ପଟ୍ଟନାୟକ



ଦିନକୁ ଦିନ ବଢ଼ି ଚାଲିଛି ଯୌନ ଶୋଷଣ। ନାହିଁ ନିୟନ୍ତ୍ରଣ। ବିଭିନ୍ନ କ୍ଷେତ୍ରରେ ଦେଖାଦେଉଛି ପ୍ରାଦୁର୍ଭାବ। କେବଳ ଅବିବାହିତା ଯୁବତୀ ନୁହନ୍ତି, ବିବାହିତା ମହିଳା ମଧ୍ୟ ନୁହନ୍ତି ସୁରକ୍ଷିତ। ସରକାରୀ ଓ ବେସରକାରୀ ସଂସ୍ଥାରେ ଚାଲିଛି ଏଭଳି କେଳେଙ୍କାରୀ। ହାତଗଣତି କାମୁକ ଅଧିକାରୀଙ୍କ ଲାଗି ସଂସ୍ଥା ହେଉଚି ବଦନାମ।

ଦୁଇଟି ଉଦାହରଣ ଦେଇ ଆଲୋଚନା ଆରମ୍ଭ କରୁଚେ। ପ୍ରଥମଟି ସୁନ୍ଦରଗଡ଼ ଜିଲ୍ଲାର। ସଦର ମହକୁମା ମେଡିକାଲ ଅଫିସର ଓ ସୁପରିଟେଣ୍ଡେଣ୍ଟ ଦାୟିତ୍ୱରେ ଅଛନ୍ତି ଡାକ୍ତର ପ୍ରକାଶ ବଳ। ବୟସ -୭୪। ଚିକିତ୍ସା କ୍ଷେତ୍ରରେ ସର୍ଜନ। ତାଙ୍କର ରହିଛି ସାମାନ୍ୟ ଦୋଷଗୁଣ। ସୁନ୍ଦରୀ ଡାକ୍ତରାଣୀ, ନର୍ସଙ୍କୁ ଦେଖିଲେ ଅସମ୍ଭାଳ। ବିଭିନ୍ନ ଆଳରେ ସୁଯୋଗ ଉଣ୍ଡି ସେମାନଙ୍କୁ ନିଜ ଚାମ୍ବରକୁ ଡକାନ୍ତି। କଥା ପ୍ରସଙ୍ଗରେ ଆରମ୍ଭ କରନ୍ତି ହସ୍ତଚାଳନା। ଯାହାକୁ ଇଂରାଜୀରେ କୁହାଯାଏ- ବ୍ୟାଡ୍ ଟଚ୍।

୨୦୨୪ ଏପ୍ରିଲ ୭ ତାରିଖ ରାତିର ଘଟଣା। ରାତି ଡ୍ୟୁଟିରେ ଥିବା ଜଣେ ଯୁବତୀ ଡାକ୍ତରାଣୀଙ୍କୁ ନିଜ ଚାମ୍ବରକୁ ଡକାଇଲେ ସୁପରିଟେଣ୍ଡେଣ୍ଟ। ଯୁବତୀ ଜଣକ ଦନ୍ତ ଚିକିତ୍ସକ। ବୟସ-୨୮। ଗତ ୪ ବର୍ଷ ଧରି ସେ ଡାକ୍ତରାଣୀ ଅଛନ୍ତି ସୁନ୍ଦରଗଡ଼ ମେଡିକାଲରେ। ପ୍ରଶଂସା କରିବା ଆଳରେ ତାଙ୍କୁ ତାଙ୍କୁ ଅଣ୍ଡାଳିଲେ। କଲେ ପ୍ରେମ ନିବେଦନ। ଡାକ୍ତରାଣୀ ଏହାକୁ ବିରୋଧ କରି ବାହାରି ଆସିଲେ ଚାମ୍ବରରୁ। ସଦର ଟାଉନଥାନାରେ ଦାଏର କଲେ ଅସଦାଚରଣ ଅଭିଯୋଗ। ସାମ୍ବାଦିକତାର ଆଦର୍ଶ ନୀତି ଦୃଷ୍ଟିରୁ, ଆମେ ସମ୍ପୃକ୍ତ ଡାକ୍ତରାଣୀଙ୍କ ନାମ ଓ ପରିଚୟ ଗୋପନ ରଖୁଚେ। ସୁପରିଟେଣ୍ଡେଣ୍ଟ ଆମକୁ ସଫେଇ ଦେଇଛନ୍ତି- ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ଓ ଭିତ୍ତିହୀନ। ପୁଲିସ ତାଙ୍କୁ ଗିରଫ କରିନାହିଁ। କାହିଁକି ଗିରଫ କରୁନାହିଁ, ସେ ବାବଦରେ ଆମେ ଅଜ୍ଞ। ଏକଥା ଏଇଠି ଥାଉ।

ଦ୍ୱିତୀୟ ଘଟଣାଟି ବଖାଣୁଚେ। ଏହା କେନ୍ଦୁଝର ଜିଲ୍ଲାର। ହାଟଡିହି ଟ୍ରେଜେରୀ ଅଧିକାରୀଙ୍କ ମଧ୍ୟ ସମାନ ଧରଣର ରୋଗ। ଟ୍ରେଜେରୀକୁ ବିଭିନ୍ନ କାର୍ଯ୍ୟରେ ଆସୁଥିବା ମହିଳା ଓ ଯୁବତୀଙ୍କୁ ସେ ମଧ୍ୟ ସୁଯୋଗ ଉଣ୍ଡି ନିଭୃତ ଚାମ୍ବରକୁ ଡକାନ୍ତି। ତାଙ୍କ ଫର୍ମୁଲା ନିଆରା। ଯେଉଁ ମହିଳାଙ୍କୁ ସେ ଟାର୍ଗେଟ କରନ୍ତି, ତାଙ୍କୁ ଅଫିସ୍ ଛୁଟିପରେ ଫୋନ୍ ଜରିଆରେ ଅଫିସକୁ ଡକାନ୍ତି। କାମ କରାଇବାର ଆଳରେ ସେମାନଙ୍କ ସହିତ ରସିକତା କରନ୍ତି। ଥରେ ଫସିଗଲେ, ବାରମ୍ବାର ଚାଲେ ଶୋଷଣ। ଏହି ମୁକ୍ତବୃତ୍ତ ସ୍ତମ୍ଭକାର ସମ୍ପୃକ୍ତ ଟ୍ରେଜେରୀ ଅଫିସରଙ୍କ ମତାମତ ଚାହିଁଥିଲେ। ସେ କହିଲେ- ତାଙ୍କ ବିରୋଧରେ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ମହିଳାଗଣ ତାଙ୍କୁ ମିଛରେ କରୁଛନ୍ତି ବଦ୍‌ନାମ୍। ଥାନାରେ ଅଭିଯୋଗ ହୋଇନଥିଲେ ଯେ ଘଟଣା ମିଛ, ସେମିତି ଭାବିବା ଭୁଲ।

ବ୍ୟାଚଲର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ସ୍ୱାସ୍ଥ୍ୟମନ୍ତ୍ରୀ ନିରଂଜନ ପୂଜାରୀ ଏ ସମ୍ପର୍କରେ ଅବଗତ ଅଛନ୍ତି କି ନା ଆମେ ଜାଣିନେ। ସରକାରୀ କର୍ମକ୍ଷେତ୍ର ଗୁଡ଼ିକୁ ଯୌନ ଶୋଷଣର ଅମରାବତୀରେ ପରିଣତ କରୁଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ସେମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯାଉ। ନିଭୃତ ଚାମ୍ବରରେ ଥିବା ସିସି କ୍ୟାମେରାକୁ ଚବିଶ୍ ଘଂଟିଆ ସଚଳ ରଖାଯାଉ। ପ୍ରତି ଅଫିସରେ ଅଭିଯୋଗ ପ୍ରକୋଷ୍ଠ ରହୁ ଓ ନିୟମିତ ଯାଂଚ କରାଯାଉ। ଦୁଇ ଚାରିଜଣ କାମୁକ ଅଧିକାରୀଙ୍କ ଯୋଗୁ ପୁରା ବିଭାଗ ଯେ ଦୁର୍ନାମ ଅର୍ଜୁଛି, ତାହା କେହି ଜାଣୁନାହାନ୍ତି। ଲୋକଲଜ୍ୟା କାରଣରୁ ହେଉ ବା ଉପର ଅଧିକାରୀଙ୍କ ଭୟ ଯୋଗୁ ହେଉ, ଅଧିକାଂଶ କ୍ଷେତ୍ରରେ ଅଭିଯୋଗ ହେଉନାହିଁ। ତଦନ୍ତ କରିବା ସମୟରେ ପୁଲିସ ମଧ୍ୟ ପୀଡ଼ିତାଙ୍କୁ ସହାୟତା କରିବା ବଦଳରେ ଲଜ୍ୟାଜନକ ପରିସ୍ଥିତିରେ ଘାଣ୍ଟୁଛନ୍ତି। ସେହି କାରଣରୁ ଯୌନ କେଳେଙ୍କାରୀ ବଢ଼ି ଚାଲିଥିଲେ ହେଁ ଲୋକଲୋଚନକୁ ଆସୁନାହିଁ। ଯେଉଁ କେତେଜଣ ମହିଳା ସାହସ ସଂଚୟ କରି ସମ୍ମାନ ରକ୍ଷା ଦୃଷ୍ଟିରୁ ଅଧିକାରୀଙ୍କ ବିରୁଦ୍ଧରେ ଅଭିଯୋଗ ଆଣୁଛନ୍ତି, ସେମାନେ ଧନ୍ୟବାଦର ପାତ୍ରୀ। ସେମାନଙ୍କୁ ଆମର ଅଶେଷ ଅଭିନନ୍ଦନ। ଆଜି ଏତିକି। ଜୟ ଜଗନ୍ନାଥ।


+ଓରାଳି, କେନ୍ଦୁଝର
ମୋ: ୯୯୩୭୭୯୧୨୪୪


## କବିତା...

### ॥ କେମିତି ଅଛନ୍ତି ତମର ଫୁଲଗଛ ମାନେ ॥

**● କେଦାର ମିଶ୍ର**



ପ୍ରବଳ ବର୍ଷାରେ କେମିତି ଅଛନ୍ତି
ତମର ଫୁଲଗଛ ମାନେ ?

ତମେ ସବୁ ବେଳେ ଫୁଲ କରି ଫୁଟାଅ
ସମୟର କ୍ଷତକୁ
ବର୍ଷା କଣ ଧୋଇଦିଏ ସେ କ୍ଷତ ?
ତମର ଫୁଲ ବଗିଚା
ଗୋଟେ ଲେଖା ହୋଇନଥିବା
ଆତ୍ମଜୀବନୀ
ବର୍ଷା କଣ ଲେଖିପାରିବ ଆମର
ଜୀବନକୁ ?

ଅନେକ ସମୟରେ ମୋତେ ଲାଗେ
ତମର ଫୁଲଗଛ ମାନେ
ତମକୁ ଜଗି ଥାନ୍ତି ସୈନିକ ପରି
ସେମାନଙ୍କ ହାତ ଗୋଟେ ଗୋଟେ
କୋମଳ ମାରଣାସ୍ତ୍ର
ସେମାନେ ତମକୁ ଓ ତମର ପ୍ରେମକୁ
ପହରା ଦେଉଥାନ୍ତି ଅନବରତ।

ବର୍ଷା କଣ ନିରସ୍ତ୍ର କରିପାରେ
ସେ ଜଗୁଆଳି ମାନଙ୍କୁ ?

ଫୁଲଗଛରେ କେବେ କେମିତି
ତମ ଫୁଟାଅ ଆମ ସମୟର କାହାଣୀ
ସବୁ ପତ୍ରରେ ଝୁଲୁ ଥାଆନ୍ତି
ଚିତ୍ର ବିଚିତ୍ର ଚରିତ୍ର
ଫୁଲ ବଦଳରେ ସବୁ ଡେମ୍ଫରେ
ଚମକୁ ଥାଏ ବିସ୍ମୟ।

ଏ ବର୍ଷା କଣ ପୋଛି ଦେଇ ପାରିବ
ଆମ ପୃଥିବୀର ସବୁ ତକ ବିସ୍ମୟ ?

ଗୋ ମୋର ମରୁ ନଥିବା ଫୁଲଗଛର
ମହାରାଣୀ ! !

ଏଇ ବର୍ଷାରେ ତମେ ଆହୁରି ଆହୁରି
ଜ୍ୟୋତିର୍ମୟୀ ହୁଅ
ତମର ଦେହ
ଆହୁରି ବର୍ଷାମୟ
ଆହୁରି ଫୁଲମୟ
ଆହୁରି ଜୀବନମୟ।


♥ ବିନୋଦିନୀ ନିବାସ
୨୬୫/୧୭୩୬ଏ, ଶାସ୍ତ୍ରୀ ନଗର
ୟୁନିଟ-୪, ଭୁବନେଶ୍ୱର
(ମୋ) ୯୪୩୭୧୫୪୪୪୫


### ॥ ଶବ୍ଦମୟ ॥

**● ଚକ୍ରପାଣି ପରିଚ୍ଛା**



ଶବ୍ଦର କାନ୍ଧରେ ଭରା ଦେଇ
ମାପୁଛି, ନିଜ ଉଚ୍ଚତା।

ବୟସ ଅନୁପାତରେ
ଲାଗେ ଶବ୍ଦ ବେଶ୍ ଅନୁଭବୀ
ଅଭିଜ୍ଞ କପ୍ତାନ୍ ପରି ଜାହାଜର ଓଜନ
ଏବଂ ସମୁଦ୍ରର ଗଭୀରତା
ଏବେ ତା'ର ନଖଦର୍ପଣରେ।

ଯେଉଁଠି ଗହଳ ମାଣ୍ଡିଆ କ୍ଷେତ
ସେଠି ବିଛଣା ପାରି ଦେଇ ଡାକୁଛି ନିଦକୁ
କେମିତି ଜାଣନ୍ତା ଯେ
ଶବ୍ଦ ପାଇଁ ସ୍ୱପ୍ନ ଦେଖିବା ମନା !

ବିକଳ୍ପ ନାହିଁ ବୋଲି
ନିଜେ ଇ ନିଜର ପ୍ରତିଦ୍ୱନ୍ଦ୍ୱୀ, ଅନ୍ତରଙ୍ଗ ଦୁଃଖ
ସାମ୍ନାସାମ୍ନି ହେବା ମାତ୍ରେ
ବଦଳି ଯାଏ ବିଶ୍ୱାସର ମାନଚିତ୍ର
ଛାଇର ବି ଡେଣା ଗଜୁରି ଉଠେ
ଉଡିଯିବା ପାଇଁ।

ରାତିକ ପାଇଁ ଶବ୍ଦ ପାଲଟି ଯାଏ
ମନ୍ତ୍ରମୁଗ୍ଧ ଚିତ୍ର ପ୍ରତିମା
ମାଲ୍ୟାଣୀର ଅନ୍ତଃପୁର ସାରା
ମହମହ ବାସ୍ନା ଛଳନାର।

ଏତିକି କୁହାଯାଇପାରେ
ଶବ୍ଦ ସପକ୍ଷରେ ଯାହା
ପଣବନ୍ଦୀ ଜୀବନର ବି
ଏକ ନିଆରା ଅନୁଭବ ଥାଏ।
ଶବ୍ଦ ଏବେ ଧ୍ୟାନସ୍ଥ ମୁଦ୍ରାରେ।


♥ ବୈପାରୀଗୁଡା,
କୋରାପୁଟ-୭୬୪୦୪୩


### ॥ ଖରା ॥

**● ଶରତ କୁମାର ଦାସ**



ଖରା ଏବେ
ଜଙ୍ଗଲର ବାଘ ପରି ମାତିଛି

ମାତିଛି ତା'ର ତିର୍ଯ୍ୟକ ଚାହାଣି
ନିମିଷକେ ଶୋଷି ନଉଛି ମାଟି ତଳ ପାଣି

ସତେ ଯେମିତି ନିର୍ମମ ଘାତକ
ତା'ହାଣରେ ବଳି ପଡିବେ
ସାରା ପୃଥିବୀବାସୀ

ସେ ପୋଡୁଛି, ଜାଳୁଛି, ସିଝଉଛି
ପୁଣି ଅସହ୍ୟ ଝାଳର ମହୋତ୍ସବ ବନଉଛି
ଶୋଷର ପତିଆରା ଧରି ।

ଚତୁର ମଣିଷର ସତଚେଷ୍ଟା
ଅଟକେଇ ପାରୁନି
ତା ପ୍ରଜାପତିଆ ନିଶ ଫୁଲାକୁ

ସେ ଏବେ ପ୍ରଚଣ୍ଡ ଘାଇଲା
ଅଫିମ ନିଶାରେ ଚୁର
ଶୋଷି ନଉଛି ଗଛ ମୂଳ ରସ ଠୁ
ନିରୀହ ମଣିଷଙ୍କ ସସ ।

ପଞ୍ଝା ମାଡ଼ରେ
ସବୁ କିଛି ଛାରଖାର କଲା ପରେବି
ତା'ଘମଣ୍ଡି କମୁନି
ବରଂ ଦେହର ପାରଦ ବଢ଼େଇ
ବରଗଛ ଓହଳ ତଳେ
ରାତି ରାତି ଡେରା ପକେଇଛି
ଆଉ ଥୋକେ ମଣିଷଙ୍କ
ହୋସ ଉଡେଇ ଦବାକୁ ।


♥ ବଇଁଶୀରିଆ, ଯାଜପୁର
ମୋ: ୯୪୩୭୪୨୩୯୮୫


### ଗୋଟିଏ ଏକପଦୀ

**ଡ. ରଜନୀ ରଂଜନ**



ତମେ ବୁଝ କି ନବୁଝ
ମନ ତମ ନିବୁଜ ଗମ୍ବୁଜ
ମୋ ପ୍ରେମ ତା' ଚାରିପାଖେ
ଘୁରୁଥିବା ଗୁଡିର କାଗଜ ।


♥ ବାଳକାଟୀ, ଖୋର୍ଦ୍ଧା
(ମୋ) ୯୩୩୭୨୬୧୦୭୫


### ॥ ସବୁ ମନାରେ ଆମେ ॥

**● କମଳିନୀ ମଲ୍ଲିକ**



ଜାଣେ ସଖୀ
ତୁ ଆଉ ଯାଉ ନଥିବୁ ବଣକୁ
କୋଳି ତୋଳିବାକୁ
ଯେହେତୁ ବୁଦାମୂଳରେ
ବାଘଟା ଲୁଚି ବସିଥିଲା
ମୁଁ ବି ଆଉ ଯାଉନି ବଗିଚାକୁ
ଫୁଲ ତୋଳିବାକୁ
ଯେହେତୁ ପାଗଳ ଭଅଁରଟା
ମୋ ପଛେ ପଛ ଉଡି ବୁଲିଲା ।

ତୁ କଣ ଆଉ ଯାଉଥିବୁ
ନଈକୁ ଗାଧୋଇ
ଯୋଉଦିନ କୁମ୍ଭୀରଟା
ପାଣ ଭିତରୁ ତୋ ଗୋଡ ଟାଣୁଥିଲା
ମୁଁ ବି ଯାଉନି ପଦ୍ମ ପୋଖରୀକୁ
ଯୋଉଦିନଠୁ କଳାନାଗଟା
ମୋ ଅଂଟାରେ ଗୁଡେଇ ହେଇଗଲା ।

ଜୋଛନାର ଶୀତଳ ଆଲିଙ୍ଗନରେ
ପୁନେଇଁ ଜହ୍ନକୁ ଦେଖୁଥିଲେ ଯେ
କୋଉ ଅନ୍ଧାର ଭିତରୁ
ପାଳଭୂତଟା ମାଡି ଆସିଲା
ବଉଳ ବାସ୍ନାରେ ଉଚ୍ଚାଟିତ ହୋଇ
ଆମ୍ବତୋଟାକୁ ଗଲୁ ଯେ
ଖରାବେଳିଆ ଖଣ୍ଡିଆ ଭୂତଟା
କୋଉ ପିଛା ଛାଡିଲା ।

ନଈବନ୍ଧର ଉଚ୍ଛନ୍ନ ପବନରେ
କାନ୍ଧରୁ ଟିକେ କାନି ଉଡିଗଲା ବୋଲି
ଯେମିତି ବୁନିୟାଦୀର ବାନାଟା
ତଳକୁ ଖସି ପଡିଲା
ସାଗର କୂଳରେ ବସି,
ଲହଡିର ନୀଳରାଗରେ
ସ୍ୱପ୍ନର ହୁଲିଡଙ୍ଗା ଭସେଇବା ଆଗୁଁ
ଝାଉଁବଣ ଫାଙ୍କରୁ ଛିଟିକି ପଡୁଥିବା
ଅସ୍ତରାଗର କାରୁଣ୍ୟରେ
ସବୁ ବୁଡି ଯାଉଥିଲା ।

ସଖୀରେ, ତା ପରଠୁଁ ତୁ ଲୁଚି ରହିଲୁ
ଦର ଆଉଜା କବାଟ ଫାଙ୍କରେ
ମୁଁ ବନ୍ଦ କରିଦେଲି
ମୋ ଘରର ସବୁ ଝରକା
ଆମ ଭିତରେ ଆଉ ନଥିଲା
ଖୋଲା ଅଗଣାରେ ବସି
ରାତି ଆକାଶର ତାରା ଗଣିବା
ଭୋର ବେଳାର କାକରରେ ଭିଜି
ଫୁଲଙ୍କ ବାସ୍ନାରେ ବିଭୋର ହେବା
ଭସା ବାଦଲ ଛାତିରେ
ଇଚ୍ଛାମାନଙ୍କୁ ଲେଖିଦେଇ
ପବନ ପାଲିଙ୍କିରେ
ଆକାଶର ନିଳୀମା ଛୁଇଁବା ।

ଆମେ କେବଳ ପ୍ରେମ କରୁଥିବା
ପ୍ରତାରଣାକୁ ପ୍ରତିବାଦ କରିବା ମନା
ପ୍ରତିଶ୍ରୁତି ଓ ପ୍ରତିବଦ୍ଧତାରେ ବାନ୍ଧି ହେଉଥିବା
ପଂଜୁରୀର ତାଲା ଖୋଲିବା ମନା

ଆମେ କେବଳ ସେବା ଓ ସମର୍ପଣରେ
ନିଜକୁ ଭାଗ ଭାଗ କରି
ତିନି ପ୍ରହରକୁ ଯାଚି ଦେଉଥିବା
ହେଲେ, ତାର ମୂଲ୍ୟ ମାଗିବା ମନା ।


♥ ଭୁବନେଶ୍ୱର
(ମୋ) ୯୮୫୩୫୨୩୮୮୩

# ପ୍ରକୃତ ଲେଖକ ବା ନିରୋଳା ଶବ୍ଦ ସାଧକ ଜୀବନରେ ପୁରସ୍କାରର ଗୁରୁତ୍ୱ କିଛି ନାହିଁ : ନକୁଳ ଚନ୍ଦ୍ର ସାହୁ

**ନକୁଳ ଚନ୍ଦ୍ର ସାହୁ, ଗଳ୍ପ, ଉପନ୍ୟାସ, ଆଲେଚନା ଓ କବିତାର ବର୍ଗକ୍ଷେତ୍ର ଭିତରେ ଜୀବନ ଜୀଉଁଥିବା ଜଣେ ନିରୋଳା ସାରସ୍ୱତ ସାଧକ । ନିଜକୁ 'ହିରୋ ଅଫ୍ ଆୱାର ଟାଇମ୍' ମନେ କରୁଥିବା ନକୁଳ ଚନ୍ଦ୍ରଙ୍କ ପାଇଁ ସାହିତ୍ୟ ହିଁ ସବୁକିଛି । ସବୁକ୍ଷେତ୍ରରେ ସେ ପ୍ରତିପାଦିତ କରିସାରିଛନ୍ତି ନିଜକୁ । ମୌଳିକ ଚିନ୍ତନ ସହ ଗଭୀର ମନନଶୀଳତା ହିଁ ଗଭୀର ଆତ୍ମପ୍ରତ୍ୟୟ ସହ ଫୁଟିପାରେ ତାଙ୍କ ଶବ୍ଦର ଉପବନରେ । ଶ୍ରୀଯୁକ୍ତ ସାହୁଙ୍କ ସହ ଏଥରର ଆଳାପ...**



ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ

**■ କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?**

■■ 'ସୌନ୍ଦର୍ଯ୍ୟ ଲହରୀ'ରେ ଆଚାର୍ଯ୍ୟ ଶଙ୍କର ଉଲ୍ଲେଖ କରିଛନ୍ତି,

ପିବେୟଂ ବିଦ୍ୟାର୍ଥୀ ତବ ଚରଣ ନିର୍ଣ୍ଣେଜନ ଜଳମ୍
ପ୍ରକୃତ୍ୟା ମୁକାନାମପିଚ କବିତା କାରଣତମୟା ।

ଅର୍ଥାତ୍- ଆଲକ୍ତକ ସସଂଯୁକ୍ତ ତୁମ ପାଦୋଦକ ପାନ କଲେ ମୂକ ବ୍ୟକ୍ତିର ବିଚିତ୍ର କାବ୍ୟ ରଚନା ଶକ୍ତି ଜନ୍ମେ । ଅର୍ଥାତ୍ ମାହେଶ୍ୱରୀଙ୍କ କୃପାରୁ କବିତ୍ୱର ସ୍ଫୁରଣ ଘଟିଥାଏ । ଭାମହ ଲେଖିଛନ୍ତି (କାବ୍ୟାଳଙ୍କାର ସୂତ୍ର, ୧/୮), ନୈସର୍ଗିକ ପ୍ରତିଭା ହେତୁ ଜଣେ କବିତା ଲେଖିଛନ୍ତି । କାବ୍ୟାଦର୍ଶରେ ଆଚାର୍ଯ୍ୟ ଦଣ୍ଡୀ ବ୍ୟକ୍ତ କରିଛନ୍ତି-

ନ ବିଦ୍ୟତେ ଯଦ୍ୟପି ପୂର୍ବବାସନା
ଗୁଣାନୁବନ୍ଧି ପ୍ରତିଭାନ ମଦ୍‌ଭୁ ମୁତମ ॥
ଶ୍ରୁତେନ ଯତ୍ନେନ ଚ ବାଗୁପାସିତା
ଧ୍ରୁବଂ କରୋତ୍ୟେବ କମପ୍ୟୁନଗ୍ରହମ୍ ॥

ଅର୍ଥାତ୍- କୌଣସି ନୈସର୍ଗିକ କାବ୍ୟ ପ୍ରତିଭା ନଥାଉ କିଂତୁ ଯଦି ତାଙ୍କର କାବ୍ୟ ଓ କାବ୍ୟ ବିଦ୍ୟାଶାସ୍ତ୍ର ଶ୍ରବଣ, ମନନ ଓ ନିଦିଧ୍ୟାସନ ସାଧନା ଅଛି, ତେବେ ତାଙ୍କ ଉପରେ କବିତାର ସରସ୍ୱତୀ ଅବଶ୍ୟ କୃପା କରିଥାନ୍ତି । ଏଠାରେ ଦଣ୍ଡୀ ଗୋଟିଏ ଫ୍ରେଜ୍ ବ୍ୟବହାର କରିଛନ୍ତି, 'ପୂର୍ବବାସନା'; ଯାହାକୁ ଆଚାର୍ଯ୍ୟ ଶଙ୍କର ଉଲ୍ଲେଖ କରିଛନ୍ତି, 'ପ୍ରାରବ୍ଧଂ ବଳବତ୍ତରମ୍' ! ପୂର୍ବ ଜନ୍ମର ପୁଣ୍ୟ ସ୍ୱରୂପ ଘଟିଥାଏ କବିତାର ସ୍ଫୁରଣ । ଏହା ପ୍ରଥମ କାରଣ । ଦ୍ୱିତୀୟ କଦାପିଚ ମାହେଶ୍ୱରୀ, କୃପା । ତୃତୀୟ: କାବ୍ୟ ଓ କାବ୍ୟ ବିଦ୍ୟା ଶ୍ରବଣ, ମନନ ଓ ନିଦିଧ୍ୟାସନ । ମୋ କବିତା ସ୍ଫୁରଣ ପଛରେ ବିଦ୍ୟମାନ ତିନୋଟି ଯାକ କାରଣ! କାଂସ୍ୟ ପାତ୍ରରେ ଟିକିଏ ଠୋକର ବାଜିଲେ ସୃଷ୍ଟି ହୁଏ ଧ୍ୱନି । ମନୁଷ୍ୟ ଚେତନାରେ କ୍ଷୀଣ ଠୋକର ବାଜିଲେ ଭାବ ପରି ସୃଜନୀର ଘଟିଥାଏ ଉନ୍ମେଷ । ଜେମ୍ସଜୟସ୍‌ଙ୍କ ରଚିତ ଉପନ୍ୟାସ 'ଏ ପୋରଟ୍ରେଟ୍ରୁ ଅଫ୍ ଆନ୍ ଆର୍ଟିଷ୍ଟ ଆଜ୍ ଏ ୟୁଙ୍ଗ୍‌ମ୍ୟାନ୍!' ଆର୍ଟିଷ୍ଟ ଷ୍ଟିଫେନ୍ ଡିଡଲସ୍‌ର ଶୈଶବ, ସେ ନୂଆନୂଆ ସ୍କୁଲ ଛାତ୍ର! ଖେଳ ପଡ଼ିଆରେ ଛିଡ଼ା ହୋଇଛି ଧାଡ଼ିରେ । ଜଣେ ଦୁଷ୍ଟ ପିଲା ତା' ପାଖ ପିଲାକୁ ଠେଲି ହେଲା ଠିଆ । ତାକୁ ପଚାରିଲା, ତୁମ ବାପା କରନ୍ତି କଣ ? ଷ୍ଟିଫେନ୍ କହିଛି, ସେ ଜଣେ ଭଦ୍ରଲୋକ। ମାରେଣା ପିଲାଟି କହିଛି, କଣ ମାଜିଷ୍ଟ୍ରେଟ୍? ଷ୍ଟିଫେନ୍‌ର ଚେତନାରେ ଏଇ କଥା ପଦକ ସୃଷ୍ଟି କରିଛି ସ୍ପଂଦନ । ତା' ଭିତରେ ଥିବା ଶିଳ୍ପୀ ଚେତନାର ଘଟିଛି ସ୍ଫୁରଣ । ଆଗକୁ ସେ ଆଙ୍କିଛି ଯୁବଶିଳ୍ପୀ ଜୀବନର ଚିତ୍ର । ରୋମାଁ ରୋଲାଁ, ତାଙ୍କ ଉପନ୍ୟାସ 'ଜନ୍ ଖ୍ରୀଷ୍ଟୋଫର୍'ରେ ରଖିଛନ୍ତି ନାୟକ 'ଜାଁ କ୍ରିଷ୍ଟୋଫାଁ'ର ଚାଇଲହୁଡ୍ ଚାପ୍ଟର ଏବଂ ତା' ପଛକୁ 'ଲଭ୍ ଏଣ୍ଡ୍ ଫ୍ରେଣ୍ଡସିପ୍'! ଯେଉଁଠୁ ଜୀବନର ବାଙ୍କ ଓ ଫାଙ୍କମାନଙ୍କୁ ଭୋଗ କରି ସେ ହୋଇଛି ଜଣେ ସଂଗୀତ ଶିଳ୍ପୀ । ବେନ୍ ଓକ୍ରୀଙ୍କ ଉପନ୍ୟାସ; ନାୟକ ଶିଶୁ ଓମେଭ୍ । ରିସେସ୍‌ରେ ପିଲାସବୁ ଖେଳ ପଡ଼ିଆକୁ ଚାଲି ଗଲେଣି । ଶ୍ରେଣୀ କକ୍ଷରେ ଶିକ୍ଷୟିତ୍ରୀ ଦେଖିଲେ ଏକମାତ୍ର ଶିଶୁ ଜଣେ ବସି ରହି କରୁଛି କଣ! ରଫ୍‌ଖାତା ସାରା ଅନାବନା ଗାର ଉମେଭ୍ ଟାଣି ଚାଲିଛି । ସେ ପଚାରିଲେ, କଣ ତୁମେ ଆଙ୍କୁଛ ଉମେଭ୍ ? ଏବେ ତୁମେ ଏହାକୁ ବୁଝି ପାରିବ ନାହିଁ! ତାହା ଜୀବନ! ବିଶୁଦ୍ଧ ଜୀବନ!

ଶୈଶବ ହିଁ ଆର୍ଦ୍ର ଭୂମି, ଯେଉଁଠୁ ହୋଇଥାଏ କଳା ଚେତନାର ସ୍ଫୁରଣ । ମୋ ବାପା ଜଣେ ଦୋକାନୀ। ରାତି ଆଠଟା ପରେ ଆଉ ନଥାଏ ବେପାର । ସେ ଲଣ୍ଠନ ଆଲୋକରେ ଦୋକାନ ଉପରେ ବସି ପଢନ୍ତି ଭାଗବତ, ଛାନ୍ଦ ରତ୍ନାକରର ଛାନ୍ଦ ତ କେତେବେଳେ ନାମରତ୍ନ ଗୀତା । ତା' ପ୍ରଭାବ ମୋ ଚେତନାରେ ପଡ଼ିଛି। ସୃଜନୀ ଧୀରେ ଧୀରେ ଭାଷାର ଆଲୋକ ପରି ବୀଜପତ୍ର ମେଲିଛି । ଅବିଭକ୍ତ ପୁରୀ ଜିଲ୍ଲାର ଛୋଟ ଗୋଟିଏ ସହର ଜଟଣୀ। ଜଟଣୀ ଚାରିପଟ ପରିବ୍ୟାପ୍ତ ଗାଁ । ସବୁ ଗାଁର ପିଲା ସ୍ଥାନୀୟ ଏକମାତ୍ର ହାଇସ୍କୁଲ, ଜଟଣୀ ହାଇସ୍କୁଲରେ ପଢ଼ନ୍ତି । ଶସ୍ୟ ଅମଳ ପରେ ସବୁ ଗାଁ'ରେ ଆରମ୍ଭ ହୁଏ ବାଦୀପାଲା । ମୁଁ ଅଷ୍ଟମ ଶ୍ରେଣୀରେ ପଢୁଥାଏ। ମତେ ସବୁ ଗାଁ'ର ପିଲା ପାଲା ଦେଖିବାକୁ ତାଙ୍କ ଗାଁ'କୁ ଡାକନ୍ତି । ମୁଁ ଯାଏ । ଯୋଦ୍ଧା ଗାୟକମାନଙ୍କ ସାହିତ୍ୟ ସଂଗୀତ ମୋହରେ ପଡ଼ିଯାଏ । ମୋ ଭିତରେ ଜାଗ୍ରତ ହୁଏ କଳା ଚେତନା । ଇଡା ନାଡୀ ହୁଏ ସ୍ପଂଦିତ । କବିତାର ସରସ୍ୱତୀ ଅମୃତମୟ ପୁରକୁ ମତେ ନେଇଯାଆନ୍ତି । ପ୍ରଥମେ ଲେଖିଥିଲି ଛଂଦ କବିତା । ହାଇସ୍କୁଲ ସରିଲା ବେଳକୁ ମୁଁ ହୋଇସାରିଥିଲି କବି । କବିତା ଲେଖି ଗୋଟିଏ ଦୁଇଟି ପୁରସ୍କାର ହାତେଇ ନେଇଥିଲି ମଧ୍ୟ!

ମାନବ ଶରୀରର ଏକ ପ୍ରମୁଖ ନାଡୀ 'ଇଡା' । ଇଡା ସ୍ପଂଦିତ ହେଲେ ସୃଷ୍ଟି ହୁଏ ଇମୋସନ୍ । ଇମୋସନ୍ ଆସିଲେ ଆସିଥାଏ କବିତା । କବିତା ଗୋଟିଏ ବାର୍ତ୍ତା । କାହାରି ଉଦ୍ଦେଶ୍ୟରେ ଅନ୍ତର୍ମନ ଏହାକୁ କରିଥାଏ ବ୍ୟକ୍ତ । ଉଦ୍ଦେଶ୍ୟ ନଥିଲେ କବି ଖୋଲି ନଥାଏ ମୁଖ । ସବ୍‌ଜେକ୍ଟ ଦୃଷ୍ଟିରୁ କବିତା ଏକ ସାମାଜିକ ବାର୍ତ୍ତା । ହୁଏତ କବିତା ଅବ୍‌ଜେକ୍ଟର ବାର୍ତ୍ତା ମାନବର ଚିରକାଳିନ ବେଦନା । ସେହି ବେଦନା ମୋ ଭିତରେ ନିଗାଡ଼ି ଆଣିଥିଲା କବିତା । ହାଇସ୍କୁଲ ସରିବା ପୂର୍ବରୁ ମୋ ଭିତରେ ଥିବା 'ମୁଁ'ର ବଖରା ଭିତରେ ଜଣେ 'ତମେ'କୁ ପାଇଥିଲି । ଅନ୍ତର୍ମନ ସେହି 'ତମେ'କୁ ସୁଖୀ କରିବାକୁ ଲେଖି ଥିଲା ନୂଆ ନୂଆ କବିତା; ଚିର କାଳିନ ବେଦନାର ଶୁଶ୍ରୂଷା । ଆଦ୍ୟସ୍ଫୁରଣରୁ ଆବେଦନାର ନୀଳ ପିପାସା!

**■ ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?**

■■ ମୋର ସାରସ୍ୱତ ପ୍ରେରଣା ମହାକବି କାଳିଦାସ, ମାଘ, ଶ୍ରୀହର୍ଷ, ଭବଭୂତି, ଭାରବି ଓ କବି ଆଶ୍ୱଘୋଷ ଅଟନ୍ତି । ସମସ୍ତେ ସଂସ୍କୃତ ସାହିତ୍ୟ ଆକାଶର ଅସ୍ତହୀନ ସୂର୍ଯ୍ୟ । ଏହି ମହାକବିମାନଙ୍କ ପ୍ରେରଣା ସୃଷ୍ଟି ଓ ଦୃଷ୍ଟିରୁ ଲାଭକରି ମୁଁ ଧରିଛି କଲମ ।

+ + +

ସମୟ ଭଲ କରୁଚି ବ୍ୟାକରଣ' ମୋ ବହି, ତା ଆରମ୍ଭରେ ଗୋଟିଏ ଉଦ୍ଧୃତି ରଖିଛି-

'ଗେଟେ ଦେଲେ ମୋତେ ରୀତି, ପ୍ରଶ୍ନ କରିବା ଫାକୁଲିଟୀ / ମୁଁ ନିତ୍‌ସେଙ୍କଠୁ ପାଇଛି । ଭାନ୍ ଗୋଘ୍‌ଙ୍କ ଲେଟର୍ସ' / ପଢ଼ି ନିଜକୁ ଚିହ୍ନିଚି । କେମିତି ସଂଗ୍ରାମ କରି ସରଳ / ଜୀବନଟିଏ ଜୀଇବାକୁ ହେବ ମୁଁ ତାଙ୍କଠୁ ଶିଖିଚି । / ଯେଉଁଠି କଳା ହିଁ ସବୁ କିଛି!'

ମୋ ପାଇଁ ସାହିତ୍ୟ ହିଁ ସବୁକିଛି!

ମୋ ସାହିତ୍ୟର ଆଦ୍ୟଗୁରୁ କବି ସମ୍ରାଟ ଉପେନ୍ଦ୍ର ଭଂଜ । ତାଙ୍କ ରଚିତ ପ୍ରେମ ସୁଧାନିଧି ଲାବଣ୍ୟବତୀ, କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ ଓ ସୁଭଦ୍ରା ପରିଣୟ ପ୍ରେମ ଛାଂଦ ମତେ ଖଡି ଛୁଆଁଛନ୍ତି । ବୈଦେହୀଶ ବିଳାସ ସଂସାରର ଖଣ୍ଡିଏ ଶ୍ରେଷ୍ଠ କୃତି । ମାତ୍ର ଗଣିତ ପରି କ୍ଲିଷ୍ଟ ହେତୁ ଏହାକୁ ବୁଝିବାକୁ ଅସମର୍ଥ ରହିଛି । ବରଂ ପ୍ରେମ ସୁଧାନିଧିର ଲାବଣ୍ୟ ମୋ ହୃଦୟକୁ ବୈଖରୀର ଧ୍ୱନିରେ କରିଛନ୍ତି ମୁଖରିତ। ମୁଁ ଜାଣିଛି, କବିତା ଅର୍ଥ ପ୍ରେମ ବା ସୁଧା ଧାରା । ହୃଦୟରେ ପ୍ରେମର ଫୁଲଟି ନ ଫୁଟିଲେ କବିତାର ରସଧାରା ପ୍ରାଣରୁ ନିର୍ଝରିତ ହୁଏ ନାହିଁ । ପ୍ରାଣ ପୁଷ୍ପିତ ହେବାର ନାମ ପ୍ରେମ । ପ୍ରେମ ଜୀବନର ବସନ୍ତ ଋତୁ । ପ୍ରେମ କାଳାତୀତ ଏକ କଳାତ୍ମକ ଅନୁଭବ ।

ସେଇ କାଳାତୀତ କଳାତ୍ମକ ଅନୁଭବ ମୋ ଭିତରେ ସଂଚାରିତ କରାଇଥିଲେ କବି ଉପେନ୍ଦ୍ର ।

**■ କେମିତି ଥିଲା ସାହିତ୍ୟଜଗତରେ ପ୍ରଥମ ପ୍ରବେଶ ଅନୁଭୂତି ?**

■■ ୧୯୭୦ ମସିହା, ମୋର ପ୍ରଥମ ଲେଖା ଗୋଟିଏ କବିତା 'ଯୁବଶ୍ରୀ' ନାମକ ସାହିତ୍ୟ ପତ୍ରିକାରେ ପାଇଥିଲା ପ୍ରକାଶନ । ୧୯୮୦ ମସିହା, ମୋ ପ୍ରଥମ କବିତା ପୁସ୍ତକ 'ଏବଂ ପୁନରପି' ହୋଇଥିଲା ପ୍ରକାଶିତ ।

କବିତା ବହି ସ୍ୱପ୍ନର ସୁବାସିତ ଫୁଲମାଳ ଗୋଟିଏ! କବିତା କବିର ନିଜ ପ୍ରାଣ କଥା, ନିଜ ମନ କଥା, ନିଜର ସ୍ୱପ୍ନ ଓ ନିଜ ପ୍ରେମ କଥା । କହି ଦେଲେ ସରିଯାଏ ପ୍ରେମ କଥା, ମାତ୍ର ଅସରନ୍ତି ପ୍ରେମକଥା କବିତା । ଅସୀମ ଓ ଅନନ୍ତ ତା' ରାସ୍ତା, ଫୁଲ ବିଛା! ସେଇ ରାସ୍ତାରେ ପାଦ ଥାପି ଚାଲିଲା ବେଳେ ମୁଁ ମନେ କରିଛି, ଯେମିତି ମୁଁ ଜଣେ 'ହିରୋ ଅଫ୍ ଆୱାର ଟାଇମ୍', (ଔପନ୍ୟାସିକ ତୁର୍ଗନେଭ୍‌ଙ୍କ ପ୍ରସିଦ୍ଧ ଉପନ୍ୟାସର ନାୟକ ନୁହେଁ)! ବରଂ ଗ୍ରୀକ୍ ମିଥ୍‌ର ରାଜପୁତ୍ର Narcissus, ଯେ କି ନିଜ ସୌନ୍ଦର୍ଯ୍ୟ ପ୍ରତି ଅତ୍ୟନ୍ତ ଆସକ୍ତ!

ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶ ବେଳେ ମୋର ମନେ ହୋଇଥିଲା ଯେମିତି ମୁଁ ମୁଣ୍ଡରେ ପିନ୍ଧିଛି ଏକ ଭୁରୁଭୁରୁ ସୁବାସିତ ଫୁଲର ମୁକୁଟ । ନୂଆ ବହି ଖଣ୍ଡେ ପ୍ରକାଶିତ ହେବା ବେଳେ ଏବେ ବି ମୁଁ ଆଘ୍ରାଣ କରିଥାଏ ସେଇ ସୁବାସ ।

**■ ଆପଣ କବିତା, ଗଳ୍ପ ଲେଖିବା ସହ ପ୍ରବନ୍ଧ ମଧ୍ୟ ଲେଖନ୍ତି । ଏକାଥରେ ସାହିତ୍ୟର ସବୁ ବିଭାଗରେ ସ୍ୱଚ୍ଛନ୍ଦ ଭାବେ ବିଚରଣ କରିବାର ରହସ୍ୟ କଣ ? ବର୍ତ୍ତମାନ ସୁଦ୍ଧା ଆପଣଙ୍କର କେତୋଟି ପୁସ୍ତକ ପ୍ରକାଶିତ ? ସେଥି ମଧ୍ୟରୁ କେଉଁଟି ଆପଣଙ୍କର ପ୍ରିୟ ଓ କହିଁକି ?**

■■ ଉପନ୍ୟାସ, ପ୍ରବନ୍ଧ, କବିତା ଓ ଗପ... ମୋ ଭିତରେ ଅଭୀପ୍ସାର ଅନନ୍ତ ସତ୍ତାଙ୍କ ପ୍ରତି ଆବାହନର ଗୋଟିଏ ଫର୍ମ । ଏହା ଅଲଗା ଅଲଗା ଦିଶୁଛି ଯେମିତି ଅଲଗା ଅଲଗା ପୁଷ୍ପ, ଚଂପକ, ଗୋଲାପ, ପଦ୍ମ ବା କଦମ୍ବ! ମାତ୍ର ସବୁ ଏକ ମୋ ଚେତନାର ପୁଷ୍ପ । ଏଥିରେ ରହସ୍ୟ (Mystery) ନାହିଁ କିଛି । ବରଂ ଅଛି କୃପା । ପରା ଶକ୍ତିଙ୍କ କରୁଣା । ତେଣୁ ସ୍ୱଚ୍ଛନ୍ଦ ଭାବେ ସାହିତ୍ୟର ସମସ୍ତ ବିଭାଗରେ ମୁଁ କରିଥାଏ ବିଚରଣ ।

ବର୍ତ୍ତମାନ ସୁଦ୍ଧା ମୋ ପ୍ରକାଶିତ ପୁସ୍ତକ ସଂଖ୍ୟା ବାଶଶି ଓ ଖଣ୍ଡିଏ ସଂପାଦନା ପୁସ୍ତକକୁ ଯୋଗ କଲେ ତେଇଶି ।

ମୋ ପୁସ୍ତକ ମାନଙ୍କ ଭିତରୁ ମୋ ପ୍ରିୟ ପୁସ୍ତକ ? ସବୁତକ! ସବୁତକ ଯେମିତି ମା' ଚରଣ ତଳର ବିଛା ସଦ୍ୟ ତୋଳା ମଂଦାର ପୁଷ୍ପ! ସୁବାସିତ ଓ ସୁନ୍ଦର । ମୋର ସବୁ ସୃଷ୍ଟି ବଳିଷ୍ଠ ।

**■ ଓଡ଼ିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ କେତେ ଆଶାବାଦୀ ?କଣ କଲେ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବ ବୋଲି ଆପଣ ଭାବନ୍ତି ?**

■■ ଓଡ଼ିଶା ଏକ ଗ୍ରାମ ବହୁଳ ପ୍ରଦେଶ । ପ୍ରତେତ୍ୟକ ଗ୍ରାମର ଗୋଟିଏ ମୁଣ୍ଡରେ ଭାଗବତ ଟୁଙ୍ଗି ଓ ଅନ୍ୟ ମୁଣ୍ଡରେ ଭୀମଭୋଇଙ୍କ ଅଲେଖ ଟୁଙ୍ଗି ବିଦ୍ୟମାନ । ସଂଧ୍ୟା ହେଲେ ହୁଏ ଭାଗବତ ପାଠ ଓ ଶୁଣାଯାଏ ଭୀମ ଭୋଇ ଜଣାଣ । ବହୁ ମନ୍ଦିରରେ ଏବେ ବି ପାଠ କରା ଯାଉଛି ରାମାୟଣ, ମହାଭାରତ ଓ ହରିବଂଶ । ଓଡ଼ିଶାର ବହୁ ମନ୍ଦିର ପ୍ରାଙ୍ଗଣରେ ଅଚ୍ୟୁତାନନ୍ଦ ଓ ସାଲୁବେଗଙ୍କ ଜଣାଣ ଗାନ କରନ୍ତି ଲୋକେ । ଉପେନ୍ଦ୍ର ଭଂଜଙ୍କ ଭଜନ, ବାହୁ ତଳେ ମତେ ରଖ ମହାବାହୁ' କିଂବା କବିସୂର୍ଯ୍ୟଙ୍କ 'ବାଧିଲା ଜାଣି କ୍ଷମା କର ନୋହିଲେ ରମା ରମଣ' ଭଳି ସ୍ତବ ମନ୍ଦିର ପରିସରରେ ଗାନ କରନ୍ତି ଅସଂଖ୍ୟ ଓଡ଼ିଆ । ମଙ୍ଗଳାସ୍ତୁତି ଓ ଖୁଦୁରୁକୁଣୀ କଥା ବହି ପ୍ରତିବର୍ଷ ବିକ୍ରୟ ହେଉଛି ହଜାର ହଜାର । ମାର୍ଗଶୀର ଗୁରୁବାରେ କାହାଘରେ ପଠିତ ନ ହୁଏ ଲକ୍ଷ୍ମୀ ପୁରାଣ ? ବର୍ତ୍ତମାନ ଲେଖା ଯାଉଥିବା ଦୁର୍ବଳ ଓଡ଼ିଆ ସାହତ୍ୟ ଯଦି ଏକ ଶତ ବର୍ଷ ପର୍ଯ୍ୟନ୍ତ ଲେଖା ନଯାଏ ଓଡ଼ିଆ ସାହିତ୍ୟ ବଂଚି ଥିବ ତାହାର କିଛି କ୍ଷତି ହେବ ନାହିଁ ।

**■ କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ କବିତାକୁ ଆଧାର କରି କରାଯାଇ ପାରିବ କି ?**

■■ ମାତୃଭାଷା ସଂକଟରେ ନାହିଁ । ମାତୃଭାଷାରେ ପ୍ରକାଶିତ ବହିମାନ ଏବେ ସଂକଟରେ ଅଛନ୍ତି । ପ୍ରସିଦ୍ଧ ବହିମାନ ଯାହା ଅତୀତରେ ମୁଦ୍ରିତ ହୋଇ ଥିଲା ତାହା ଏବେ ଆଉ କେହି ମୁଦ୍ରଣ କରୁ ନାହାନ୍ତି । ଦ୍ୱିତୀୟ ସଂକଟ, ପଚାଶ ଖଣ୍ଡ କିଂବା ଶହେ ପଚିଶ ଖଣ୍ଡ ବହି ଛାପି ମୁଦ୍ରଣ କର୍ମ ସମାପ୍ତ କରି ଦିଆ ଯାଉଛି । ସେହି ପଚାଶ ଖଣ୍ଡି ବହିନେଇ କୋଡ଼ିଏ ହଜାର ଦେଇ ଲେଖକ ଓ ଲେଖିକା ସନ୍ତୁଷ୍ଟ! କବିତା ଈଶାଣଟିଏ ହୋଇ ଏବେ ଘରର ଅନ୍ଧାରୁଆ କୋଣରେ ରହିଛି । ଏବେ ଚାିରଆଡ଼ ଗଦ୍ୟର ପ୍ରଭାବ । କେବଳ ମାତୃଭାଷା (ଏମ୍.ଆଇ.ଏଲ) ବିଷୟରେ ବଂଚିଛି କବିତା । ସେ କଣ ସାହିତ୍ୟକୁ ସଂକଟରୁ ଉଦ୍ଧାର କରିବ ?

**■ ଆପଣ ଜଣେ ଅନୁଭବି ଲେଖକ । ଆପଣ କୁହନ୍ତୁ ତୁଳନାତ୍ମକ ସାହିତ୍ୟର ଆବଶ୍ୟକତା କେତେ ? ଜଣେ ଲେଖକର ସାମାଜିକ ଦାୟିତ୍ୱ କଣ ହେବା ଉଚିତ୍ ?**

■■ ତୁଳନାତ୍ମକ ସାହିତ୍ୟର ଆବଶ୍ୟକତା ରହିଛି । ଏହା ଏକ ରକମ ସୁନାକୁ ପରଖିବା କଷଟି । ଏହା ଦ୍ୱାରା ସାହିତ୍ୟର ଉଚିତ ମୂଲ୍ୟ ହୋଇଥାଏ ନିରୂପିତ । ଲେଖକ ନିଜେ ଜଣେ ସାମାଜିକ ମଣିଷ । ଡି ବୋନାଲ୍‌ଡ ଲେଖିଛନ୍ତି, ସେ 'ମିରର୍‌ସ ଦି କରେଣ୍ଟ ସୋସିଆଲ୍ ସିଚ୍ୟୁଏସନ୍ କରେକ୍ଟଲୀ' । ତେଣୁ ସେ ଜାଣନ୍ତି କେଉଁ ସ୍ଥିତି ତାଙ୍କୁ ଆଘାତ ଦେଉଛି । ଔପନ୍ୟାସିକ ସୋଲ୍‌ଝେ ନିତ୍‌ସେଙ୍କ ପରି ସେ ତାଙ୍କର ବାସ୍ତବ ଚିତ୍ର ପ୍ରଦାନ କରି ବଦଳାଇବା ଭୂମିକାଟିଏ ପ୍ରସ୍ତୁତ କରନ୍ତି । ଯେଉଁଥିରେ ଥାଏ ତାଙ୍କର ଅଂଶ । ଉଇଲୀକ୍ ଓ ୱାରେନ୍ ଲେଖିଛନ୍ତି, 'ଲାଇଫ୍ ଇଜ୍, ଇନ୍ ଲାର୍ଜ ମେଜର୍ ଏ ସୋସିଆଲ ରିଅଲିଟୀ' । ତେଣୁ ଲେଖକଙ୍କ ଜୀବନ ବଂଚିବା ଏକ ସାମାଜିକ ବଡ଼ ଦାୟିତ୍ୱ । ସୋସିଆଲ୍ ଟ୍ରୁଥ୍‌କୁ ସେ କଳାତ୍ମକ ମୂଲ୍ୟବୋଧରେ ବଦଳାନ୍ତି ।

**■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?**

■■ ପ୍ରକୃତ ଲେଖକ ବା ନିରୋଳା ଶବ୍ଦ ସାଧକ ଜୀବନରେ ପୁରସ୍କାରର ଗୁରୁତ୍ୱ କିଛି ନାହିଁ । ସଂଗୀତଜ୍ଞ ତାନସେନ୍‌ଙ୍କ ଗୁରୁ ସମ୍ରାଟ ଆକବରଙ୍କ ପ୍ରଦତ୍ତ ଉପହାର ଦମୀ ଅତର ବୋତଲ ନେଲେ ଏବଂ ତାହାକୁ ଦୂରକୁ ଫିଙ୍ଗି ଦେଲେ!

କ୍ଷୁଧିତର ଖାଦ୍ୟ ଦରକାର । ଅଭାବୀ, ଦୁସ୍ଥ ଓ ଅର୍ଥାର୍ଜନ ଅକ୍ଷମ ଲୋକର ଲଟେରୀ ପରି ପୁରସ୍କାର ଅର୍ଥ ଦରକାର ହୋଇଥାଏ । ବର୍ତ୍ତମାନ ଅନେକ ଅଲେଖକ ଓ ଅକବି, ସେମାନେ ଲେଖକ ଓ କବି ହେବାକୁ ଅର୍ଥ ଦେଇ ପୁରସ୍କାର ଭାବେ ଗୋଟିଏ ଫୁଲ ତୋଡ଼ା ଖଣ୍ଡିଏ ମାନପତ୍ର ଓ ଗାମୁଛାଟିଏ କରୁଛନ୍ତି କ୍ରୟ । ଘର ସଜାଇବାରେ ମାନପତ୍ରଟି ଭଲ କାମରେ ଆସୁଛି ।

ବୈଦିକ କାଳରୁ ଯେଉଁ ବାର୍ତ୍ତାଟି ଭୀମଭୋଇଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଖକୁ ଯାଇଛି, ସେହି ବାର୍ତ୍ତାଟି ଆଜି ସାହିତ୍ୟରେ ସମସ୍ତଙ୍କ ପାଖକୁ ଯାଉ। ସମସ୍ତଙ୍କର କଲ୍ୟାଣ ହେଉ । ♥

**■ ଅଳ୍ପରେ ନକୁଳ ଚନ୍ଦ୍ର ସାହୁ**


ଜନ୍ମ : ୨୧ ମଇ ୧୯୫୧
ଜନ୍ମସ୍ଥାନ - ଗୋଡିସାହି, ବାରଙ୍ଗ ବ୍ଲକ, କଟକ
ପିତା : ୰ ମହେଶ୍ୱର ସାହୁ
ମାତା : ଦୁଲେଇ ଦେଇ
ପତ୍ନୀ - ସୁଚିତ୍ରା ସାହୁ
ପୁତ୍ର - କୁମାର ଶବ୍ଦଯଜ୍ଞ
କନ୍ୟା- ସଂଜୀବନୀ ଗାୟତ୍ରୀ ଓ ଗୀତା ଯାଜ୍ଞସେନୀ
ବୃତ୍ତି : ଅବସରପ୍ରାପ୍ତ ବେସରକାରୀ ଅଧିକାରୀ

**■ ପ୍ରକାଶିତ ପୁସ୍ତକ ■ :**
ମୋଟ ୨୩ ଖଣ୍ଡ





ପୁତ୍ର ଓ ପୁତ୍ରବଧୂଙ୍କ ସହ ନକୁଳ ଚନ୍ଦ୍ର ...



ପ୍ରାଣପ୍ରିୟା ପତ୍ନୀଙ୍କ ସହ ନକୁଳ ଚନ୍ଦ୍ର ...



ପ୍ରିୟ ବନ୍ଧୁମାନଙ୍କ ଗହଣରେ ଲେଖକ ଶ୍ରୀଯୁକ୍ତ ସାହୁ ।



## ସଦାନନ୍ଦ ତ୍ରିପାଠୀ

ସଞ୍ଜୟର ମୂଳଘର ଗଞ୍ଜାମ ଜିଲ୍ଲାରେ । କିନ୍ତୁ ତା'ର ଜନ୍ମ ଓ ଅବସ୍ଥାନ ସୁନ୍ଦରଗଡ଼ ଜିଲ୍ଲାର କୁଆଁରମୁଣ୍ଡାରେ, ଯାହା ଥିଲା ତା' ବାପାଙ୍କର କର୍ମକ୍ଷେତ୍ର ଓ ଏବକୁ ସ୍ଥାୟୀ ଠିକଣା ବି । ମୋ ସହ ସାକ୍ଷାତ ହେବା ପରେ, ପ୍ରଥମେ ପ୍ରଥମେ, କେବେ କେଉଁ ରବିବାର ଦିନ ସେ ବସ୍‌ଯୋଗେ ଆସୁଥିଲା ରାଉରକେଲା । ସେକ୍ଟର-୨ ସରକାରୀ ବସ୍‌ଷ୍ଟାଣ୍ଡରେ ଥିବା ଶିବଶକ୍ତି ପୁସ୍ତକାଳୟରେ ପହଞ୍ଚୁଥିଲା ପତ୍ରପତ୍ରିକା ଓ ବହି କିଣିବାକୁ ।

## ପ୍ରିୟ ପାଠକ-୧୧

# ସଂଜୟ ଭଳି ପାଠକଟିଏ ପାଇବା ବାସ୍ତବରେ ଅତି ସୌଭାଗ୍ୟର ବିଷୟ

ସଞ୍ଜୟ ରାଉଳ ପରି ପିଲାଟିକୁ କେବେ ହେଲେ ଭୁଲିଯାଇ ହେବକି ? ବହୁ ସମ୍ପର୍କୀୟଙ୍କୁ ଏ ଲୋକ ଭୁଲି ସାରିଲାଣି, ବହୁ ଘନିଷ୍ଠ ଓ ବାଲ୍ୟବନ୍ଧୁ ମଧ୍ୟ ଏବକୁ ବିସ୍ମୃତ ଏବଂ ଏପରିକି ଘୋର ପରାଭବ ଦେଇଥିବା ଅନେକ ହୃଦୟହୀନ ଦାମ୍ଭିକଙ୍କର ଚେହେରା ସୁଦ୍ଧା ମନେନାହିଁ ଆଉ । ଅଥଚ, ଚେଷ୍ଟା କଲେ ବି ସଞ୍ଜୟଙ୍କୁ ଭୁଲି ହେବ ନାହିଁ ।

ମୋ ଗଳ୍ପର ଜଣେ ପାଠକ ହିସାବରେ ସଞ୍ଜୟ ରାଉଳ ସହ ମୋର ପରିଚୟର ପୁନାଦି ପଡ଼େ ୧୯୯୪ ମସିହାରେ । ସେତେବେଳକୁ ସେ କଲେଜର ଛାତ୍ର । ପଢ଼ି ସାରିଥା'ନ୍ତି ପତ୍ରପତ୍ରିକାରେ ପ୍ରକାଶିତ ମୋର କେତୋଟି ଗଳ୍ପ । ୧୯୯୩ ମସିହାରେ କଟକର 'ବିଦ୍ୟାପୁରୀ ପ୍ରକାଶନୀ' ଦ୍ୱାରା ପ୍ରକାଶ ପାଇ ୧୯୯୪ରେ ଦଶମ ଭୁବନେଶ୍ୱର ପୁସ୍ତକମେଳା ପୁରସ୍କାର ହାସଲ କରିଥିବା ମୋର 'ରଙ୍ଗନାଥ ଘଡ଼େଇ' ଗଳ୍ପ ସଂକଳନଟି କିଣି ସେ ପଢ଼ିବା ପରେ ମୋତେ ଭେଟିବା ପାଇଁ ଆସି ପହଞ୍ଚିଥିଲା ରାଉରକେଲାରେ, ମୋର ତତ୍କାଳୀନ କର୍ମକ୍ଷେତ୍ର ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ମୁଖ୍ୟ ଶାଖାରେ ।

କ୍ୱଚିତ୍ କେବେ କିଏ ଭେଟିବାକୁ ଆସୁଥିଲେ ସୁଦ୍ଧା, ସେ ସମୟରେ ପାଠକମାନେ ପ୍ରାୟତଃ ଚିଠି ଲେଖୁଥିଲେ ଓ ମୋବାଇଲ ଫୋନ୍ ଆଣିବା ପରେ ଫୋନ୍ କରୁଛନ୍ତି କିମ୍ବା ବାର୍ତ୍ତା ପଠାଉଛନ୍ତି । ସଞ୍ଜୟ ମୋ ପାଖକୁ କେତୋଟି ଚିଠି ପଠାଇଛନ୍ତି ଓ କାଳକ୍ରମେ ଆମେ ବହୁବାର ପରସ୍ପରକୁ ଭେଟିଛୁ ଏବଂ ଫୋନ୍‌ରେ କଥା ହୋଇଛୁ । ସେହିପରି ଘଟିଛି ଅନ୍ୟ ଅନେକ ପାଠକଙ୍କ ସହ । ସେମାନଙ୍କ ସହିତ ବି ଗଢ଼ିଉଠିଛି ବ୍ୟକ୍ତିଗତ ସମ୍ପର୍କ । କିନ୍ତୁ ସଞ୍ଜୟ ଭଳି ପାଠକ ସହ ସୃଷ୍ଟି ହୋଇଥିବା ନିବିଡ଼ତା ଯେପରି ଦୀର୍ଘସ୍ଥାୟୀ ଓ ସ୍ମରଣୀୟ ହୋଇ ରହିଛି, ସେପରି କ୍ୱଚିତ୍ ଅନ୍ୟ କେଉଁ ପାଠକଙ୍କ କ୍ଷେତ୍ରରେ ଘଟିଛି ।

ମୋର ସବାସାନ ଭାଇଠାରୁ ସଞ୍ଜୟର ବୟସ ଦଶବର୍ଷ କମ୍ । ତଥାପି, ମୋଠାରୁ ଊଣେଇଶି ବର୍ଷ ସାନ ସଞ୍ଜୟ ମୋତେ ବଡ଼ଭାଇର ମାନ୍ୟତା ଦେବାରେ କିଛି ଅସୁବିଧା ନଥିଲା । ଅଥଚ କାଳକ୍ରମେ ମୋତେ ସେ ପିତୃବତ୍ ସମ୍ମାନ ଦେଖାଉଥିଲା ଏବଂ ପାଲଟି ଯାଇଥିଲା ଜଣେ ଘନିଷ୍ଠ ବନ୍ଧୁ; ପୁତ୍ର ତୁଲ୍ୟ ବନ୍ଧୁ ।

ସଞ୍ଜୟର ମୂଳଘର ଗଞ୍ଜାମ ଜିଲ୍ଲାରେ । କିନ୍ତୁ ତା'ର ଜନ୍ମ ଓ ଅବସ୍ଥାନ ସୁନ୍ଦରଗଡ଼ ଜିଲ୍ଲାର କୁଆଁରମୁଣ୍ଡାରେ, ଯାହା ଥିଲା ତା' ବାପାଙ୍କର କର୍ମକ୍ଷେତ୍ର ଓ ଏବକୁ ସ୍ଥାୟୀ ଠିକଣା ବି । ମୋ ସହ ସାକ୍ଷାତ ହେବା ପରେ, ପ୍ରଥମେ ପ୍ରଥମେ, କେବେ କେଉଁ ରବିବାର ଦିନ ସେ ବସ୍‌ଯୋଗେ ଆସୁଥିଲା ରାଉରକେଲା । ସେକ୍ଟର-୨ ସରକାରୀ ବସ୍‌ଷ୍ଟାଣ୍ଡରେ ଥିବା ଶିବଶକ୍ତି ପୁସ୍ତକାଳୟରେ ପହଞ୍ଚୁଥିଲା ପତ୍ରପତ୍ରିକା ଓ ବହି କିଣିବାକୁ । ସେହି ସ୍ଥାନଟି ଥିଲା, ଆମେ କେତେଜଣ ଲେଖାଲେଖି କରୁଥିବା ବନ୍ଧୁମାନଙ୍କ ରବିବାରିଆ ଖଟି । କେବେକେବେ ତା' ସହ ଭେଟ ହୋଇଯାଏ । ସେ ଓକିଲାତି ଓ ସାମ୍ବାଦିକତା କରିବା ପରେ ବାଇକ୍‌ରେ କୁଆଁରମୁଣ୍ଡାରୁ ଆସେ ରାଉରକେଲା । ବଡ଼ ହୋଇ ରୋଜଗାରର ପନ୍ଥା ଓ ସାମାଜିକ ପ୍ରତିଷ୍ଠା ପାଇବା ପରେ ମଧ୍ୟ ମୋ ସହିତ ସାକ୍ଷାତ ହେଲେ ସେ ସାବଧାନ ମୁଦ୍ରାରେ ଦୁଇହାତ ଦୂରରେ ଠିଆହୁଏ ଓ ମୁଣ୍ଡ ଝୁଙ୍କାଇ କଥାବାର୍ତ୍ତା କରେ । ମୁଁ ଯେତେ ମିତ୍ର ଭଳି ବ୍ୟବହାର କଲେ ସୁଦ୍ଧା ତା'ର ସଂକୋଚ ଦୂର ହୁଏନା ।

ମୋର ଯେଉଁ ଗଳ୍ପ ଯେଉଁଥିପାଇଁ ତାକୁ ଭଲଲାଗେ, ସେ କଥା ତ ସେ କହେ; କିନ୍ତୁ ଯେଉଁଟା ସନ୍ତୋଷଜନକ ମନେହୁଏନା ସେ ବାବଦରେ କହିବାକୁ ବି ପଛଘୁଞ୍ଚା ଦିଏନା । ସେ ଏପରି କହେ, 'ଆପଣଙ୍କର ଏଇ ଗଳ୍ପଟି ମୋତେ ସେତେ ବେଶୀ ଛୁଇଁଲା ନାହିଁ । ଗଳ୍ପଟିରେ ଆଉ କଣ ହୋଇଥାନ୍ତା କି ଗଳ୍ପଟି ଅନ୍ୟ କିପରି ହୋଇପାରିଥାନ୍ତା, ସେକଥା କହିପାରିବିନି । କିନ୍ତୁ ଆପଣ ଆଉ ଟିକିଏ ଚିନ୍ତାକଲେ ହୁଏତ ଅଲଗା ବାଗରେ ଲେଖିବାକୁ ଇଚ୍ଛା କରିପାରନ୍ତି । ଏଇଟା ମୋତେ ଆପଣଙ୍କ ଗଳ୍ପ ଭଳି ଲାଗିଲା ନାହିଁ ।

ସଞ୍ଜୟ ଭଳି ପାଠକଟିଏ ପାଇବା ବାସ୍ତବରେ ଅତି ସୌଭାଗ୍ୟର ବିଷୟ । କେବଳ ପାଠକ ନୁହେଁ, ସମାଲୋଚକ, ଯଦିବା ସେ ସ୍ୱୀକାର କରେ ଯେ ତାକୁ କିଛି ଜଣାନାହିଁ । ମୋର ଆୟୁଷ ବଢ଼ାଇବା ଦିଗରେ ତା'ର ଯଥେଷ୍ଟ ଅବଦାନ ରହିଛି ଓ ସେ ମୋର ଅନ୍ୟତମ ପ୍ରେରଣାର ଉତ୍ସ । 'ପାଠକ ଈଶ୍ୱର' ଆଖ୍ୟା ଦେଇ ତାକୁ ମୁଁ ଦୂରେଇ ଦେବାକୁ କି ସଂକୁଚିତ କରିବାକୁ ଚାହେଁନା । ସେ ମୋ ହୃଦୟରେ ଆସନପାତି ବସିଛି ଓ ନିଜେ ଈଶ୍ୱର ହୋଇଥିବା ସତ୍ତ୍ୱେ ମୋତେ ଈଶ୍ୱରର ଆସନରେ ବସାଇଛି । ତା'ର ବିଶ୍ୱାସ ହିଁ ମୋର ସଂଶୋଧନ ପ୍ରବଣତାର ହେତୁ ।

କେବେ କେଉଁ ନୂଆବର୍ଷର ପ୍ରଥମ ବା ଦ୍ୱିତୀୟ ଦିନରେ ସେ ମୋ ପାଇଁ ଗୋଟିଏ ଡାଏରୀ ଆଣିଦିଏ । କେବେ କେଉଁ ଗାଳ୍ପିକର ସଦ୍ୟ ପ୍ରକାଶିତ ପୁସ୍ତକ ବା କେବେ ଗୋଟେ କଲମ । ସେ ମନେ ରଖିଥାଏ ଗପ କଳା ଚାଲୁଥିବା କଲମରେ ମୁଁ ଲେଖାଲେଖି କରେ । ଗୋଟିଏ ନୂଆ କଲମ ଦେଇ ମୋର ଏକ ପୁରୁଣା କଲମ ସେ ମାଗିନିଏ । କେତେଜଣ ତା' ବୟସର ଗାଳ୍ପିକଙ୍କ ସହ ସେ ମୋର ପରିଚୟ କରାଇଥିଲା, ଏଇ ଯେମିତି : ଶିବ ନାରାୟଣ ସ୍ୱାଇଁ, ଦିଲ୍ଲୀପ ସାହୁ, ବିବିଧ ବିଶ୍ୱ ଓ ଅନ୍ୟ କିଏ.. । ବିଶ୍ୱକୁ ବାଦ୍‌ଦେଲେ ଅନ୍ୟମାନେ ଗଳ୍ପ ଲେଖିବା ଛାଡ଼ି ସାରିଛନ୍ତି ବହୁ ବର୍ଷ ପୂର୍ବରୁ ।

ଚବିଶ ବର୍ଷ ବୟସରେ ସଞ୍ଜୟ ମୋତେ ଦେଲା ସେ ଲେଖିଥିବା ଗୋଟିଏ ଗଳ୍ପ । ତା'ର ଶୀର୍ଷକ ରଖିଥିଲା; 'ଦାମ୍ପତ୍ୟ' । ତାହା ଏକ ଚମତ୍କାର କ୍ଷୁଦ୍ରଗଳ୍ପ । ପୂର୍ବରୁ ବି ହୁଏତ ସେ ଲେଖିଥିବ କେତୋଟି ଗଳ୍ପ । କିନ୍ତୁ ସେ ଲେଖେ ବୋଲି ବି କେବେ କହି ନଥିଲା ମୋତେ । ସେଇଟି ପଢ଼ିବା ପରେ ମୁଁ ଅଭିଭୂତ ହେଲି। ୧୯୯୯ ମସିହାର କାର୍‌ଗିଲ ଯୁଦ୍ଧ ପରେ ୨୦୦୦ ମସିହାରେ ମୋ ଦ୍ୱାରା ସମ୍ପାଦିତ, 'ଜୀବନ ଯୁଦ୍ଧ' ସଂକଳନର 'ଜୀବନ' କ୍ରମରେ ପ୍ରକାଶିତ ଗଳ୍ପ ମଧ୍ୟରୁ ସଞ୍ଜୟର 'ଦାମ୍ପତ୍ୟ' ଗଳ୍ପଟି ଅନ୍ୟତମ । ସେଥିରେ ଶିବ ନାରାୟଣ ସ୍ୱାଇଁ ଓ ଦିଲ୍ଲୀପ ସାହୁଙ୍କର ଗୋଟିଏ ଗୋଟିଏ ଗଳ୍ପ ମଧ୍ୟ ରହିଛି ।

ସଞ୍ଜୟର ଶୁଭ ସଂଖ୍ୟା ପାଞ୍ଚ । ଊଣେଇଶି ସହ ପଞ୍ଚସ୍ତରୀ ମସିହା ଅଗଷ୍ଟ ଦୁଇ ତାରିଖ ଦିନ ଜନ୍ମଗ୍ରହଣ କରିଥିବା ସଞ୍ଜୟ ବାହାଘର ଦୁଇ ହଜାର ପାଞ୍ଚ ମସିହା ଜୁନ୍ ମାସ ଏକ ତାରିଖ ଦିନ ହୋଇଥିଲା ସୁଜାତାଙ୍କ ସହିତ ।

ଚାରି ସଂଖ୍ୟାଟି ସଞ୍ଜୟ ପାଇଁ ଅତ୍ୟନ୍ତ ଅଶୁଭ ଓ ରବିବାର ହେଉଛି ତା'ର ଘାତବାର। ସେଦିନ ଥିଲା ପ୍ରଭୁ ଜଗନ୍ନାଥଙ୍କ ବାହୁଡ଼ା ଯାତ୍ରା । ଦୁଇ ହଜାର ଅଠର ମସିହା ଜୁଲାଇ ବାଇଶ ତାରିଖ, ରବିବାର । ସକାଳ ସାଢ଼େ ଆଠଟା ବେଳେ ଏକ ସଡ଼କ ଦୁର୍ଘଟଣାର ସମ୍ମୁଖୀନ ହୋଇ ସଂସାରରୁ ବାହୁଡ଼ିଗଲେ ସଞ୍ଜୟ । କୁଆଁରମୁଣ୍ଡାରୁ ନିଜ କାର୍ ଚଳାଇ ଯାଉଥିଲେ ବୀରମିତ୍ରପୁର ରାସ୍ତାରେ । ତାଙ୍କ ବାମ ପାର୍ଶ୍ୱରେ ବସିଥିଲା ତାଙ୍କର ଅଲିଅଳି ଝିଅ, ଦଶବର୍ଷର ବାଳିକା । ସାମ୍ନାପଟୁ ଆସୁଥିବା ଗୋଟିଏ ଟ୍ରକ୍ ଧକ୍କା ଦେଲା କାର୍‌କୁ । ସେଇଠି ହିଁ ଉଡ଼ିଗଲା ସଞ୍ଜୟଙ୍କର ପ୍ରାଣବାୟୁ । ଆହତ ହୋଇଥିବା ଝିଅଟି ଚିକିତ୍ସା ପାଇ ସୁସ୍ଥ ହେଲା ।

ସଞ୍ଜୟ ରାଉଳ ଆଉ ନାହିଁ, ବିଶ୍ୱାସ କରିବାକୁ ମୋର ଇଚ୍ଛା ହୁଏନା । ସେ ମୋ ପାଖେ ପାଖେ ରହିଛି ସର୍ବଦା; ମୁଁ ପ୍ରାୟ ପ୍ରତିଦିନ ସ୍ମରଣ କରିଥାଏ ତାକୁ ।



ପ୍ରିୟ ପାଠକ ସଞ୍ଜୟ ରାଉଳ

ତା'ର ମହାପ୍ରୟାଣ ପରେ ତା' ପତ୍ନୀ ସୁଜାତା ଏବଂ କୋରାପୁଟରେ ରହୁଥିବା ଘନିଷ୍ଠ ବନ୍ଧୁ ମନୋଜ ପଣ୍ଡାଙ୍କ ଉଦ୍ୟମରେ ପ୍ରକାଶ ପାଇଛି ଏକମାତ୍ର ଗଳ୍ପ ସଂକଳନ, 'ଆଖି ଯେଉଁ ଭାଷା କହେ' । ବହିଟିକୁ ପ୍ରକାଶ କରିଛନ୍ତି ଭୁବନେଶ୍ୱରର ଅଗ୍ରଣୀ ସଂସ୍ଥା- ପଶ୍ଚିମା ପ୍ରକାଶନୀ ।

ମୋର ପ୍ରିୟ ପାଠକ, ଅଥଚ ପୁତ୍ରପ୍ରତିମ ସଞ୍ଜୟର ଭାରି ଅନୁସନ୍ଧିତ୍ସୁ ଓ କଥାକୁହା ଆଖି ଦୁଇଟି ମୋତେ ସବୁବେଳେ ଜଳଜଳ ଦିଶେ । ♥♥

---

ପଢ଼ିବା ପରେ...

# ବ୍ୟକ୍ତରୁ ଅବ୍ୟକ୍ତ ଦେଇ ନିର୍ଭୀକ ସ୍ୱୀକାରୋକ୍ତି ମଧ୍ୟରେ ପ୍ରେମର ଦୀପ୍ତ ଆଲେଖ୍ୟ : ଲକ୍ଷ୍ମୀପ୍ରିୟାଙ୍କ "ଚନ୍ଦ୍ରରେଖାରୁ ଚନ୍ଦ୍ରାବଳୀ"



## ବୈଷ୍ଣବ ଚରଣ ସାମଲ

ଶ୍ରଦ୍ଧେୟା ଲକ୍ଷ୍ମୀପ୍ରିୟା ମାଇତିଙ୍କର କବିତା ସଂକଳନ 'ଚନ୍ଦ୍ରରେଖାରୁ ଚନ୍ଦ୍ରାବଳୀ' ହୃଦୟ ରସରେ ଜାରିତ ଓ ଅସ୍ମିତାବୋଧରେ ଦୀପ୍ତ ବିକ୍ଷତ ପ୍ରେମ - ଚେତନାର ଏକ ରମ୍ୟ ମଧୁର ଅଭିବ୍ୟକ୍ତି କେବଳ ନୁହେଁ। ନାରୀର ପ୍ରେମ ଯେ ସମର୍ପଣ , ନମନୀୟତା , କମନୀୟତା , ତ୍ୟାଗ, ତିତିକ୍ଷା , କ୍ଷମା ଓ ନିତ୍ୟ ସଂଗୀତର ଅନ୍ତର୍ଧ୍ୱନି ତାହାର ମଧ୍ୟ ଏକ ଭାବଦୀପ୍ତ ମନ୍ମୟ ଉଚ୍ଚାରଣ। ନାରୀ ଓ ପୁରୁଷକୁ ନେଇ ଯେଉଁ ପ୍ରେମର ଉନ୍ମେଷ ଘଟେ ତାହାର ପୂର୍ଣ୍ଣତା ଘଟେ ସମର୍ପଣରେ। ଏହି ସମର୍ପଣ ଦେହ ସହିତ ଦେହର ନୁହେଁ; ଆତ୍ମା ସହିତ ଆତ୍ମାର। ଯେଉଁଠି ଦୁଇଟି ଆତ୍ମା ଏକାକାର ହୋଇଯାଏ ସେଠି ଶରୀର ପରସ୍ପରକୁ ଛାଡ଼ିଗଲେ ମଧ୍ୟ ପ୍ରେମ ରହେ ଅକ୍ଷତ। ସତ୍ ପ୍ରେମ ହିଁ ଶ୍ୱାସ ଓ ପ୍ରାଣର ସଦୃଶ। ପ୍ରେମ ଏକ ସ୍ନିଗ୍ଧ ସୁବାସିତ ଫୁଲ ପରି। ତାହା କାହା ପାଇଁ ଆକସ୍ମିକ ଭାବରେ ବିକଶି ପାରେ। ତାହା ଉପରେ କୌଣସି ବନ୍ଧନ ନଥାଏ। ତାହାର ମଧ୍ୟ ନଥାଏ ସୀମା। ବନ୍ଧନ ବା ସୀମା ଭିତରେ ରହିଗଲେ ଫୁଲ ଯେପରି ବିକଶିତ ହୁଏନାହିଁ ସେହିପରି ପ୍ରେମର ମଧ୍ୟ ବିକାଶ ହୁଏ ନାହିଁ। ଯିଏ ଅନାବିଳ ପ୍ରେମର ପଥିକ ହୁଏ ସିଏ ହୋଇଯାଏ ଜୀବନ୍ତ ପ୍ରେମ ଓ ନିଜେ ହୋଇଯାଏ ପ୍ରେମର ପଥ। ପୁରୁଷ ପାଇଁ ପ୍ରେମ - ନେବାର। ଶରୀର ସୁଖ ମୁଖ୍ୟ , ନାରୀ ପାଇଁ ପ୍ରେମ-ଦେବାର। କୌଣସି ପ୍ରାପ୍ତିର ଆଶା ରଖି ସେ ଅନାବିଳ ଭାବରେ ତ୍ୟାଗ କରିପାରେ , ଉକ୍ତ କବିତା ସଂକଳନର ସମସ୍ତ କବିତା ତ୍ୟାଗଦୀପ୍ତା ନାରୀ ହୃଦୟର ବାଙ୍ମୟ ଉଚ୍ଚାରଣ ହେଲେ ମଧ୍ୟ ସର୍ବତ୍ର ରହିଛି ନାରୀ - ଅସ୍ମିତାର ଦୀପ୍ତ ଅଭିବ୍ୟକ୍ତି। କବୟତ୍ରୀ ଲକ୍ଷ୍ମୀପ୍ରିୟା ଯେପରି ସାହସର ସହିତ ସ୍ୱୀକାରୋକ୍ତି ପ୍ରକାଶ କରିଛନ୍ତି ତାହା ଅନ୍ୟ ନାରୀମାନଙ୍କ ପାଇଁ ହୋଇଛି ଏକ ଆହ୍ୱାନ। ଏହି ସ୍ୱୀକାରୋକ୍ତି ଭିତରେ ପ୍ରେମ ନାମରେ ପ୍ରତାରଣା ଓ ଛଳନା କରୁଥିବା ପୁରୁଷମାନଙ୍କ ପ୍ରତି ମଧ୍ୟ ଏକ ଚେତାବନୀ।

ପ୍ରାୟ ସମସ୍ତ କବିତାରେ ଅଛି ଚନ୍ଦ୍ରରେଖା ଅର୍ଥାତ୍ ଜ୍ୟୋସ୍ନାର ଶୀତଳ ଅମୃତ କ୍ଷୀଣ ଜ୍ୟୋତି ; ତାହା କ୍ଷୀଣ ହେଲେ ମଧ୍ୟ ପ୍ରଭାବଶାଳୀ। ଅଛି ମଧ୍ୟ କେତେକରେ ପୂର୍ଣ୍ଣଚନ୍ଦ୍ରର ପୂର୍ଣ୍ଣ ଜ୍ୟୋସ୍ନାର ଅମୃତସ୍ପର୍ଶ। ଏ ଚନ୍ଦ୍ରାବଳୀ କବିତାର ଏକ ଚରିତ୍ର ମାତ୍ର ନୁହେଁ; ଗୋପପୁରର ସଂଭୋଗ ଲାଳସୀ ଚନ୍ଦ୍ରାବଳୀ ନୁହେଁ; ଚନ୍ଦ୍ରାଗରେ ଅନୁରଞ୍ଜିତପ୍ରେମ। ସ୍ରଷ୍ଟାର ଏହା ଅଜବ ସୃଷ୍ଟି । କାହାକୁ ଏହା ଶାନ୍ତିଦିଏ ନାହିଁ; ବରଂ ଦିଏ ଶାସ୍ତି। (ପ୍ରେମ)

କବୟତ୍ରୀଙ୍କ ଭାଷାରେ 'ସ୍ୱର ବ୍ୟଞ୍ଜନରେ ଗଠିତ / ଅଢ଼େଇ ଅକ୍ଷରର / ଓଁ କାର ଧ୍ୱନି ପରି ବ୍ରହ୍ମ ଶବ୍ଦଟିଏ / ଏଇ ପ୍ରେମ।' (ପ୍ରେମ)

ପୁନଶ୍ଚ ସେ କହନ୍ତି -

ଈଶ୍ୱରଙ୍କ ସୃଷ୍ଟିରେ ଅତି ଗହନ ବାସ୍ତବ ସତ୍ତା ଟିଏ / ଏଇ ପ୍ରେମ/ ଏଇ ପ୍ରେମ କରି କିଏ କବି ବନିଯାଏ / କିଏ ଗଡ଼ ଜିତିଯାଏ
କିଏ ଇତିହାସେ ରହିଯାଏ /
କିଏ ପୁଣି ଧୋକା ଖାଇଯାଏ
ବିଷ ପିଇଥାଏ, ମାନସିକ ଭାରସାମ୍ୟ ହରାଇ / କିଏ ପାଗଳ ବି ହୋଇଯାଏ
କିଏ ପୁଣି / ପ୍ରେମକୁ ପାଇବାକୁ ଯାଇ
ଆତଙ୍କ ବି ରଚିଥାଏ / ବିଚାରେ ଯାଇ ପ୍ରେମ ଲାଗି / ପୁଣି ଫାଶି ଖୁଣ୍ଟେ ଚଢ଼ିଯାଏ / ତଥାପି ସରେନି ହାରେନି ମରେନି ଏଇ ପ୍ରେମ। ( ପ୍ରେମ)

ଚମତ୍କାର ଭାବରେ କବୟତ୍ରୀ ପ୍ରେମର ଯେଉଁ ଚିତ୍ରଟିଏ ଆଙ୍କି ଦେଇଛନ୍ତି ତାହା ଆମେ ସଚରାଚର ଦେଖୁ ଓ ଉପଲବ୍ଧି କରୁ। କବି କାଳିଦାସ ହୁଅନ୍ତୁ ବା ସେକ୍ସପିୟର ହୁଅନ୍ତୁ, ଇଟାଲୀର କବି ଦାନ୍ତେ ହୁଅନ୍ତୁ ବା ଆମ ମଧ୍ୟ ଯୁଗର କବି ଦିନକୃଷ୍ଣ ହୁଅନ୍ତି ଅଥବା ମାୟାଧର ମାନସିଂହ ହୁଅନ୍ତୁ ସମସ୍ତେ ପ୍ରେମ ପାଇଁ ଯନ୍ତ୍ରଣା ପାଇଛନ୍ତି। ରାଜରୋଷର ଶିକାର ହୋଇଛନ୍ତି। ଦଣ୍ଡ ପାଇଛନ୍ତି ମାତ୍ର ସେମାନେ ସେହି ପ୍ରେମ ପାଇଁ ହୋଇଛନ୍ତି ବଡ଼, ସର୍ବମାନ୍ୟ। ପ୍ରେମ ଅଛିଣ୍ଡା,




ଅକ୍ଷୟ, ଅନନ୍ତ, ପ୍ରେମର ଈଶ୍ୱରୀୟ ଭାବ ଉପରେ କବୟତ୍ରୀ ବିଶ୍ଳେଷଣ କରି ସଂକଳନସ୍ଥ ବିବିଧ କବିତାରେ ପ୍ରେମ ଉପରେ ଆଲୋକପାତ କରିଅଛନ୍ତି। ଯେତେବେଳେ କୌଣସି ପ୍ରେମିକ ତା'ର ପ୍ରେମିକାକୁ ଭୁଲାଇ ନାନା ଆଶ୍ୱାସନା ଦେଇ ସ୍ୱାର୍ଥ ସାଧନ କଲା ପରେ ଅନ୍ୟତ୍ର ବିବାହ ହୋଇଯାଏ ସେତେବେଳେ ଗାଁର ସରଳ ପ୍ରେମିକା / ଯୁବତୀଟି ଭାଙ୍ଗି ପଡ଼େ ନାହିଁ; ବରଂ ସ୍ୱାଭିମାନର ସହ କହେ-
ମୋ ପାଇଁ ଏଇ ଗାଁ ଭଲ / ଭଲ ଏଇ ନଈ ପଠା
ସାଇତି ରଖିବି ତମ ଭଲାପାଇବାକୁ / କୁନା ଓ ବଣି ପରି
ମୋ' ପଣତରେ ଗଣ୍ଠି କରି /
ତମ ପାଖେ ବିକି ଦେଇ ମୋର ମଥା
ଯେତିକିରେ ଲୋକ...
ମୁଁ ସେତିକିରେ ଥାଏ
ରହୁ ତୁମ ମାନମହତ /
ରହୁ ତୁମ ମାନଇଜ୍ଜତ
ଆମ କଥା ଲୁଚିଯାଉ ...
ଆମ ଗାଁ ମାଟିରେ /
ନ ଜାଣୁ ଏଇ ଜଗତ।

ଚନ୍ଦ୍ରାବଳୀ- ଗାଁର ଏଇ ସରଳା ଯୁବତୀ, ଯିଏ ପ୍ରେମିକା ସାଜି ଥିଲା କୌଣସି ଯୁବକର, ସେହି ଯୁବକ ତାକୁ ଛାଡ଼ି ଚାଲିଯିବା ପରେ, ସେ ତା'ର ପ୍ରେମକୁ ହୃଦୟ ଭିତରେ ସାଇତି ରଖିଛି ଓ ଭଲପାଇଛି ଗାଁ ମାଟିକୁ। ପ୍ରେମରେ ଏଠି ଆତ୍ମା ସହିତ ଆତ୍ମାର ହୋଇଯାଇଛି ଅଛେଦ୍ୟ ବନ୍ଧନ।

ଜହ୍ନକୁ କବୟତ୍ରୀ ପ୍ରେମ ଓ ମାଧୁର୍ଯ୍ୟର ପ୍ରତୀକ ଭାବରେ ନେଇଛନ୍ତି। କବୟତ୍ରୀ ବଡ଼ସାନ, ମାନ ସମ୍ମାନ ଭେଦ ବିଚାର କରନ୍ତିନାହିଁ। ତାଙ୍କର ଅନ୍ତରର ଅଭିବ୍ୟକ୍ତି-

ମୁଁ ଖୋଜେ ଭଲପାଇବା / ପ୍ରତିଟି ସରଳ ମନରେ / ନିରୀହ ପ୍ରାଣରେ / ନିଜେ ମରି ଅନ୍ୟକୁ ବଂଚାଇବା / ମହୀୟାନର ବିଶାଳ ଛାତିରେ। ( ମଣିଷପଣିଆ)

ଏହା କବୟତ୍ରୀଙ୍କ ଶୁଦ୍ଧ ମଣିଷପଣିଆର ଉଚ୍ଚାରଣ। ବାରମ୍ବାର ବିଦ୍ରୁପ କରିଛନ୍ତି ପ୍ରେମକୁ ପଣ୍ୟ ମନେ କରୁଥିବା ପ୍ରେମିକମାନଙ୍କ ପ୍ରତି। ଅଶ୍ରୁ ବିନ୍ଦୁ ଭିତର ଦେଇ ସେ ଅନୁଭବିଛନ୍ତି ପ୍ରେମର ପ୍ରତିବିମ୍ବନକୁ।



ହୃଦୟରେ ପ୍ରେମ ନାମରେ ପ୍ରତାରଣା ଯୋଗୁଁ ଘା' ସୃଷ୍ଟି ହୋଇଛି ମାତ୍ର ମନକୁ ମନାତୀତକୁ ନେଲା ପରେ ତାଙ୍କ ମନ ଭିତରୁ ନକଲି ପାଉଣା ହଜିଯାଇଛି ଓ ତାଙ୍କୁ ମିଳିଯାଇଛି ଅସଲି ଚିକିତ୍ସା। ମନ ପ୍ରଶାନ୍ତ ହୋଇଛି। ହୃଦୟ ପ୍ରସାରିତ ହୋଇଛି। ତଥାପି ସ୍ମୃତି ଛାଡ଼ିଯାଇନାହିଁ। ସେ ମନେ କରିଛନ୍ତି ପ୍ରିୟତମର ପ୍ରେମ ଥିଲା ତାଙ୍କ ପାଇଁ ଛଳନା, ସବୁ ମିଛ ଆଉ ପିଲା ଖେଳ। ଏଥର ସେ ଏକଲା ଚାଲିବାକୁ ସ୍ଥିର କରିଛନ୍ତି। ତଥାପି ସେ ଈଶ୍ୱରଙ୍କ ପାଖରେ ପ୍ରିୟତମଙ୍କ ମଙ୍ଗଳପାଇଁ ପ୍ରାର୍ଥନା କରିଛନ୍ତି। ସେ ଠିକ୍ ଭାବରେ ଜାଣନ୍ତି ତାଙ୍କ ଭଲପାଇବାର ମୂଲ୍ୟ କେହି ଦେଇ ନାହାନ୍ତି ଆଜିଯାଏ। ତଥାପି ସେ ଖୋଜିଛନ୍ତି ତାଙ୍କ ଭଲପାଇବାକୁ। ଏହି ଖୋଜିବା ପ୍ରାୟ କବିତାମାନଙ୍କରେ ଅତ୍ରତତ୍ର ଅଛି। ତାଙ୍କ ଭିତରେ ସ୍ମୃତି ଜୀଇ ରହିଛି। ଅନେକ ସମୟରେ ଦେଖାଯାଏ ଭୁଲ ବୁଝାବଣା ଯୋଗୁ ପ୍ରେମ ବ୍ୟର୍ଥ ହୋଇଯାଏ । ତାହାର ମୁଖ୍ୟ କାରଣ ସଂଦେହ।

କବୟତ୍ରୀ ତେଣୁ କହନ୍ତି-

ମୁଁ ସନ୍ୟାସିନୀ/ ଫେରିଯାଅ ସବୁ ଫେରିଯାଅ / ଲୋଡ଼ାନାହିଁ ବସ୍ତୁ/ ମୋର କିବା ପାର୍ଥିବ ଶରୀର / ଦେବ ଯଦି ଦିଅ ବିଦାୟ ଦିଅ / ମୁଁ ନେଇଯିବି ଜୀଅନ୍ତା କବର।

(ଜୀଅନ୍ତା କବର)

କାବ୍ୟନାୟିକା ଚାହିଁନି କୌଣସି ବସ୍ତୁ ବା ଶରୀରର ସାନିଧ । ପ୍ରେମରେ ଛଳନା , ପ୍ରତାରଣା ଓ ସଂଦେହକୁ ଉପଲବ୍ଧ କରି ସେ ଏବେ ପ୍ରେମ- ସନ୍ୟାସିନୀ। ଏବେ ସେ ଅନୁଭବ କରୁଛନ୍ତି -

ବିଶ୍ୱାସ କରି କେତେ ଭୁଲଟାଏ / କରିଦେଲି ମୁଁ ସତରେ (ଚକାଭଉଁରୀ)।

କାବ୍ୟନାୟିକା କହନ୍ତି ଶୁଦ୍ଧ ସଂପର୍କ ଅନନ୍ତ ସାଗର ସଦୃଶ। ତାହା ସୀମିତ ଓ ସଂକୀର୍ଣ୍ଣ ନାଳ ନୁହେଁ। କାବ୍ୟନାୟିକାଙ୍କ ପ୍ରେମ ବିଶୁଦ୍ଧ, ଛନ୍ଦ କପଟତାହୀନ। ତେଣୁ ତାଙ୍କର ବେଳେ ବେଳେ ମନେହୁଏ ସତେ ଯେମିତି ପ୍ରିୟତମଙ୍କ ହାତ ତାଙ୍କ ହାତ ସହିତ ଚାପି ହୋଇଯାଇଛି ଓ ତାଙ୍କ ଭିତରେ ନିଃଶ୍ୱାସ ପ୍ରଶ୍ୱାସ ରୁଦ୍ଧ ହୋଇ ଆସୁଛି। ସେତିକି ସେ ଦେଖୁଛନ୍ତି ଏକ ଉଜ୍ଜ୍ୱଳ ଆଲୋକରେ ତାଙ୍କ ହାତ ଧରି ଆକାଶ ଉପରକୁ ଉଠି ଯାଉଛନ୍ତି। କ୍ରମେ କ୍ରମେ କାବ୍ୟନାୟିକାଙ୍କର ହୋଇଛି ଶୁଦ୍ଧ ପ୍ରେମର ଉତ୍ତରଣ ଓ ଅନୁଭବ କରିଛନ୍ତି ନୂଆ ଏକ ଦିବ୍ୟ ପରଶର। (ବସନ୍ତ)

କାବ୍ୟନାୟିକା ପୁଣି ଦୃଷ୍ଟି ଫେରାଇଛନ୍ତି ସମାଜ ଉପରକୁ । ଅନୁଭବିଛନ୍ତି ନାରୀକୁ ଉପଭୋଗର ଯନ୍ତ୍ର ମନେ କରି ବର୍ବରମାନଙ୍କର ତା' ଉପରେ ଧର୍ଷଣ, ହରଣ ଓ ମାରଣ ଆଦି ନାନା କୁତ୍ସିତ କର୍ମକୁ। ତାଙ୍କର ତେଣୁ ଅପେକ୍ଷା ନାରୀ ମୁକ୍ତି ପାଇଁ। କେତେବେଳେ ଆସିବ ଆସନ୍ତା କାଲି। (ପରିସମାପ୍ତି)

ଜୁଇ, ପ୍ରତାରକ, ପଥର ହୃଦୟ ଆଦି ନାନା କବିତାରେ ମଧ୍ୟ ଅଛି ପ୍ରେମ ଜନିତ ଦୁଃଖ, ଯନ୍ତ୍ରଣା, ଲୁହ ଓ ଲହୁର କଥା। ଚନ୍ଦ୍ରଯାନ କବିତାଟି କାବ୍ୟନାୟିକାଙ୍କର ଭାବପ୍ରବଣ ହୃଦୟର ଏକ ପ୍ରତିକ୍ରିୟା ଚନ୍ଦ୍ର ଦେହରେ ପଂହଚି ଚନ୍ଦ୍ରଯାନ ଭାବୁଛି ସେଠି ଅଛି ଖାଲି ହାହାକାର, ଧୂମକେତୁର ଧୂଆଁ । ଜୀବନ ନାହିଁ। ଏଇ ପୃଥିବୀ ହିଁ ମଣିଷ ପାଇଁ ସ୍ୱର୍ଗ। ଏଇଠି ଅଛି ପ୍ରେମ , ଏଠି ମଧ ଅଛି ଅଶ୍ରୁ, କାରୁଣ୍ୟ, ଦୁଃଖ ଓ ଯନ୍ତ୍ରଣା। ଏସବୁ ସତ୍ତ୍ୱେ ଏଠି ଜୀବନର ଅଛି ମାଧୁର୍ଯ୍ୟ। ଏଇଠି ବର୍ଷା ଆସେ କବିର କଲମ ମୂନରେ ପ୍ରୀତିଝରା କବିତାଟିଏ ହୋଇ। ନୂଆ ଏକ ଟାଇଟନିକ, ଯଦିଚ , ଜ୍ୱଳନ , ପ୍ରତାରଣା ପରେ, ପିଲାଦିନ, ଖୋଜୁଛି ମୁଁ କେତେ, ଶ୍ରେଷ୍ଠ ଉପହାର, କୁହ ହୋ କବି , କାଠିକର ପାଠ , ପ୍ରେମ ଓ ପ୍ରେମିକା, ତମେ ସହରୀ ହେଲା ପରେ , ଆଦି କବିତାରେ ମଧ୍ୟ କାବ୍ୟନାୟିକାଙ୍କ ପ୍ରେମ ସଂପର୍କିତ ଚିନ୍ତନ ବେଶ୍ ମାର୍ମିକ।

ମୋଟ୍ ଉପରେ କବୟତ୍ରୀ ଲକ୍ଷ୍ମୀପ୍ରିୟା ମାଇତିଙ୍କର କବିତା ପୁସ୍ତକଟି ମାତ୍ର ୧୨୪ ପୃଷ୍ଠାର କବିତା ପୁସ୍ତକ ହୋଇପାରେ ମାତ୍ର ତାଙ୍କର ଅନୁଭୂତିରେ ଏହା ହୋଇଛି ଜୀବନ୍ତ ଓ ସହିତ ବେଶ୍ ଦୀର୍ଘ ଆଉ ବିସ୍ତୃତ। ହୁଏତ ଏହା ବ୍ୟକ୍ତିଗତ ପରି ଜଣାଯାଏ ମାତ୍ର ବ୍ୟକ୍ତିଗତାରୁ ଉତ୍ତୀର୍ଣ୍ଣ ହୋଇଯାଇଛି ସମଗ୍ରକୁ। ପ୍ରେମ , ପ୍ରେମର ଅନୁଭୂତି ଓ ପ୍ରେମ ଜନିତ ପ୍ରତାରଣା - ଜଣେ ବ୍ୟକ୍ତିର କେବଳ ନୁହେଁ; ସମଗ୍ରର , ଅନେକଙ୍କର । ପ୍ରେମ ଠିକ୍ ହୋଇଗଲେ ଜୀବନ ଠିକ୍ ହୋଇଯାଏ। ସମାଜ ମଧ୍ୟ ଠିକ୍ ହୋଇଯାଏ। ପ୍ରେମ ଚିରନ୍ତନ , ଉପଭୋଗ ସର୍ବସ୍ୱ ଓ ଛଳନାପୂର୍ଣ୍ଣ ପ୍ରେମ ଆଦୌ ପ୍ରେମ ନୁହେଁ ; କାମ ! ଏହା କବୟତ୍ରୀଙ୍କ ଏହି କବିତା ପୁସ୍ତକ ଚେତେଇଦିଏ। ଗୋଟିଏ କଥା ଏଥିରେ ସ୍ପଷ୍ଟ ହୋଇଛି ଯେ ପୁରୁଷର ପ୍ରେମ ; ଯାହା ନେବାର ଓ ମସ୍ତିଷ୍କର ହୋଇଥାଏ ତାହା ପ୍ରେମ ନୁହେଁ । ନାରୀର ପ୍ରେମ କିନ୍ତୁ ଦେବାର। ଏହି ଦେବାରେ ଥାଏ ବିଶ୍ୱଜୀବନର ପ୍ରୀତି। ଏହି ଦୃଷ୍ଟିରୁ ଶ୍ରଦ୍ଧେୟା ଲକ୍ଷ୍ମୀପ୍ରିୟାଙ୍କ ଏହି କବିତା ପୁସ୍ତକ , ଯାହା ତାଙ୍କ ହୃଦୟ ଓ ମାନସ - ମନ୍ଥନ କରି ପ୍ରକାଶ ପାଇଛି ତାହା ପାଠକ ମାନଙ୍କୁ ଆକର୍ଷଣ କରିବ ନିଶ୍ଚୟ। କବିତା ଗୁଡ଼ିକ ଆବେଗଦୀପ୍ତ , ସ୍ୱଚ୍ଛନ୍ଦ , ମଧ୍ୟେ ମଧ୍ୟେ ଅଛି ସାଂଳାପିକ ଶୈଳୀ। କୃତ୍ରିମତ ନାହିଁ, ଅଛି ପ୍ରାକୃତିକତା, ସ୍ୱତଃ ହୃଦୟର ଉଚ୍ଛ୍ୱାସ। ଏତିକିରେ ଅଟକି ନଯାଇ ଆହୁରି ଲେଖନ୍ତୁ, ଏହାହିଁ ମୋର କାମନା।

♥ ଅବସରପ୍ରାପ୍ତ ପ୍ରଫେସର,
ଅପର୍ଣ୍ଣାନଗର,
ଚାଉଳିଆଗଞ୍ଜ, କଟକ

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୧ ଏପ୍ରିଲ ୨୦୨୪

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com



## ଚେତନାର ଦର୍ପଣ - ୨୬

# ଈଶ୍ୱରଙ୍କୁ ଜପ



♥ ଲଳିତ ମୋହନ ମିଶ୍ର

ଭଗବାନଙ୍କୁ ସ୍ମରଣ କରିବା ଜପ, ତପସ୍ୟା କରିବା ତପ । ପାଟିକରି ପ୍ରଭୁଙ୍କ ନାମ ଜପ କରିବା ଅପେକ୍ଷା ନିରବରେ ପ୍ରଭୁଙ୍କ ନାମ ସ୍ମରଣ କରିବା ବାସ୍ତବିକ୍ ଜପ । ସ୍ମରଣ କରିବାର ଦାୟିତ୍ୱ ମନକୁ ଦେଇଦେବା ଉଚିତ୍ । ଏହା ମାନସିକ ଜପ । କିଛି ଲୋକ ଭଗବାନଙ୍କୁ ଡାକିବା ପାଇଁ ମାଳା ବ୍ୟବହାର କରିଥାନ୍ତି । ଯାହା ଦ୍ୱାରା ସେମାନେ ମହାପ୍ରଭୁଙ୍କୁ କେତେ ଥର ସ୍ମରଣ କଲେ, ଅବା କେତେ ଥର ମାଳା ଗଡାଇଇଛନ୍ତି ? ତାହା ହିସାବ କରିବାର ମନୋଭାବ ଭୁଲ୍ । ଭଗବାନଙ୍କୁ ସ୍ମରଣ କରିବାରେ ହିସାବ କରାଯାଏ ନାହିଁ । ଏହା କୌଣସି ଦୋକାନ କିମ୍ବା ବ୍ୟବସାୟ ପେଣ୍ଠସ୍ଥଳୀ ନୁହେଁ, ଯେଉଁଠାରେ ପ୍ରତ୍ୟେକ ଜିନିଷର ହିସାବ ରଖିବା ଆବଶ୍ୟକ । ଭଗବାନଙ୍କ ସହ ଭକ୍ତି ଶ୍ରଦ୍ଧା ରଖିବା, ଏହି ଗଣନୀୟ ଯୋଗ୍ୟ ନୁହେଁ ... ଏହା ଏକ ବ୍ୟବସାୟ । ଏହା ଜପ ତପ ନୁହେଁ । କିନ୍ତୁ କିଛି ଲୋକ ହିସାବ ରଖିବାରେ ଅଭ୍ୟସ୍ତ ହୋଇଯାଆନ୍ତି ଏବଂ ଅଜାଣତରେ ସେମାନଙ୍କର ମନ ଗଣିତରେ ଚାଲିଥାଏ । ଜଣେ ବ୍ୟକ୍ତି ତାର ଅତ୍ୟନ୍ତ ସ୍ନେହି ପରିବାରକୁ ଭୋଜନ ପାଇଁ ନିମନ୍ତ୍ରଣ କରିଥିଲା । ଭୋଜନ ବହୁତ ଆନନ୍ଦଦାୟକ । ସେଠାରେ ବିଭିନ୍ନ ପ୍ରକାର ସ୍ୱାଦିଷ୍ଟ ଭୋଜନ ଥିଲା, ତେଣୁ ସମସ୍ତେ ଆନନ୍ଦରେ ଖାଉଥିଲେ । ଯଜମାନ ମଧ୍ୟ ଅତିଥିମାନଙ୍କୁ ଆନନ୍ଦରେ ଖାଇବାକୁ ଦେଉଥିଲେ । ପୁରୀର ପ୍ଲେଟ୍ ଉଠାଇ ମୁଖ୍ୟ ଅତିଥିଙ୍କୁ କହିଲେ , 'ଆଉ ଦୁଇଟି ପୁରି ନିଅନ୍ତୁ । ଆପଣ ତ ସେମିତି କିଛି ଖାଇନାହାଁନ୍ତି । ବନ୍ଧୁ ମନା କରି କହିଲେ - ମୁଁ ଆଠ ଦଶଟି ପୁରି ଖାଇଲିଣି । ଆଉ ଖାଇ ପାରିବି ନାହିଁ, ଏହା ମୋ ପାଇଁ ଯଥେଷ୍ଟ । ଏହା ଶୁଣି ଯଜମାନଙ୍କ ପାଟିରୁ ବାହାରିଗଲା - ସମୁଦାୟ ତ କୋଡିଏଟି ପୁରି ହୋଇଥିଲା । ତୁମେ ଏକା କେଉଁଠି ଦଶଟି ଖାଇଦେଲ ? ଯଜମାନଙ୍କ ମସ୍ତିଷ୍କ ହିସାବ କରୁଥିଲା, ଅତିଥି କେତେ ପୁରି ଖାଇଛନ୍ତି । ତେଣୁ ଅଜାଣତରେ ତାଙ୍କ ପାଟିରୁ ବାହାରିଗଲା କୋଡିଏଟି ପୁରି । ଠିକ୍ ସେହିପରି ଯିଏ ଭଗବାନଙ୍କୁ ଭଜନ କୀର୍ତ୍ତନ ଏବଂ ସ୍ମରଣ କରି ମାଳା ବୁଲାଇଥିବ, ସେ ଜାଣତରେ ଅଜାଣତରେ ତାର ହିସାବ ରଖୁଥିବ । ତେଣୁ ଭଗବାନଙ୍କୁ କେତେଥର ଡାକିଲି ଯେ ହିସାବ ରଖେ, ସେ ଦୋକାନୀ । ସେ କେବେ ଭକ୍ତ ହୋଇପାରିବ ନାହିଁ । କାରଣ ପ୍ରାର୍ଥନା ଭଜନ କୀର୍ତ୍ତନ ମାଳା ଗଡାଇବା ଏସବୁ ବ୍ୟବସାୟ ଆଧାରରେ ନୁହେଁ, ଏହା ଶୁଦ୍ଧଚିତ୍ତ ଭକ୍ତି ଶ୍ରଦ୍ଧା ଚିଦାନନ୍ଦ....

♥ କୁରାଳ, ନୟାଗଡ
(ମୋ) ୯୪୩୭୯୮୫୮୬୬

## ॥ ଆତ୍ମଜୀବନୀ ॥

# ମୋ ମାଆ ସୁବର୍ଣ୍ଣରେଖା

ଡ. ଶ୍ରୀକାନ୍ତ ଚରଣ ପାତ୍ର



ଆମର ନଈକୂଳିଆ ଗାଆଁ
(ପୂର୍ବ ପ୍ରକାଶିତ ଉତ୍ତାରୁ)

### (୨୩)
### 'ମନ୍ଦିର ସମାନ ଗ୍ରାମ ଚାଟଶାଳୀ....'

**ବିଭିନ୍ନ ପ୍ରତିଯୋଗିତାରେ ମୋ ତଳଶ୍ରେଣୀରେ ପଢୁଥିବା ଚେଙ୍ଗଦା ଗ୍ରାମର ଗୋବିନ୍ଦ ଚନ୍ଦ୍ର ଦାସ ପ୍ରାୟ ସବୁବେଳେ ପ୍ରଥମ ହେଉଥିଲେ । ଅତି ଦରିଦ୍ର ଓ ବୈଷ୍ଣବ ଘରର ପିଲାସେ । ମାଆ ଭିକମାଗି ଖାଦ୍ୟ ସଂଗ୍ରହ କରୁଥିଲେ ।**

ପ୍ରତିଦିନ ଠିକ୍ ୧୦ଟାରେ ପ୍ରାର୍ଥନା କରାଯାଏ । ସମସ୍ତ ଶିକ୍ଷକ ଓ ଛାତ୍ର ବାରନ୍ଦାରେ ଗୋଟଏ ଧାଡିରେ ଛିଡାହୋଇ ପ୍ରାର୍ଥନା କରୁ... 'ଆହେ ଦୟାମୟ ବିଶ୍ୱ ବିହାରୀ' । ତାପର ଶ୍ରେଣୀକି ଯାଉ ପାଠ ପଢିବାପାଇଁ । ପ୍ରତି ଶନିବାର ଦିନ କୌଣସି ଗୋଟିଏ ଶ୍ରେଣୀର ବା ବିଭିନ୍ନଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କବିତା ଆବୃତ୍ତି, ପଦ୍ୟାନ୍ତ, ତର୍କ ବା ମାନସାଙ୍କ ପ୍ରତିଯୋଗିତା ହେଉଥାଏ । ତର୍କ ପ୍ରତିଯୋଗିତାର ଦୁଇଦିନ ପୂର୍ବରୁ ବିଷୟ ଘୋଷଣା କରାଯାଏ । ତର୍କ, ଆବୃତ୍ତି ଓ ପଦ୍ୟାନ୍ତ ପ୍ରତିଯୋଗିତା ଶେଷରେ ପ୍ରତି ପିଲାର ଭୁଲ ଦର୍ଶାଇବା ସହିତ କଣ କରିଥିଲେ ଆହୁରି ଭଲ ହୋଇଥାନ୍ତା ସେକଥା ଗୁରୁଜୀମାନେ କୁହନ୍ତି । ଫଳରେ ବିଦ୍ୟାର୍ଥୀ ନିଜକୁ ସଂଶୋଧନ କରିନିଏ । ଏଇଭଳି ପ୍ରତିଯୋଗିତା ମୋପାଇଁ ଖୁବ ଲାଭଦାୟକ ସାବ୍ୟସ୍ତ ହୋଇଥିଲା ମୋର ପରବର୍ତ୍ତୀ ଜୀବନରେ ।

ବିଭିନ୍ନ ପ୍ରତିଯୋଗିତାରେ ମୋ ତଳଶ୍ରେଣୀରେ ପଢୁଥିବା ଚେଙ୍ଗଦା ଗ୍ରାମର ଗୋବିନ୍ଦ ଚନ୍ଦ୍ର ଦାସ ପ୍ରାୟ ସବୁବେଳେ ପ୍ରଥମ ହେଉଥିଲେ । ଅତି ଦରିଦ୍ର ଓ ବୈଷ୍ଣବ ଘରର ପିଲାସେ । ମାଆ ଭିକମାଗି ଖାଦ୍ୟ ସଂଗ୍ରହ କରୁଥିଲେ । ମେଟ୍ରିକ ପରେ ଆଉ ପଢି ନପାରି ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କଲେ । ମାତ୍ର, ଦୁଃଖର ବିଷୟ ଯେ ସେ ଅଳ୍ପଦିନ ଭିତରେ ରୋଗାକ୍ରାନ୍ତ ହୋଇ ପ୍ରାଣତ୍ୟାଗକଲେ ।

ପ୍ରତି ବିଷୟ ବିଶେଷତଃ ଇଂରାଜୀ ଓ ଓଡିଆ ସାହିତ୍ୟର ସଠିକ୍ ପଠନ ଉପରେ ଗୁରୁଜୀମାନେ ଗୁରୁତ୍ୱ ଦେଉଥିଲେ । ପ୍ରଥମେ ଗୁରୁଜୀ ନିଜେ ଦୁଇଥର ପଢିଦେଇ ଛାତ୍ର, ଛାତ୍ରୀମାନଙ୍କୁ ପଢିବାକୁ କୁହନ୍ତି ,ଭୁଲ ପଢୁଥିଲେ ସଂଶୋଧନ କରି ଦିଅନ୍ତି ଓ ଘରୁ ପଢି ଆସିବାକୁ ଏବଂ ନୂଆ ଶବ୍ଦର ବନାନ ଶିଖିବାକୁ କୁହନ୍ତି । ତାପର ଦିନ ବା ଯେଉଁଦିନ ସେ ବିଷୟ ଥିବ ସେଦିନ ଶ୍ରେଣୀରେ ପିଲାଙ୍କଠାରୁ ପାଠ ଆଦାୟ କରନ୍ତି ଗୁରୁଜୀମାନେ । ସେଦିନ ଭୁଲକଲେ ନିଶ୍ଚିତଭାବରେ ଦଣ୍ଡ ଭୋଗୀବାକୁ ପଡେ । ତାଥିଲା ଆଣ୍ଠେଇବା, ଏକଗୋଡିଆ ଛିଡାହେବା, ଖରାରେ ଦୁଇହାତକୁ ମଥାଗ୍ରେ ଦେଇ ଛିଡାହେବା,ଏବଂ ବେତ ବା ବେଗୁନିଆ ଛାଟରେ ମାଡଦେବା ଇତ୍ୟାଦି। ସେ କି ମାଡରେ ବାବାଃ ! ଦେହରୁ ରକ୍ତ ବାହାରିଯିବ, ନହେଲେ ନୋଳା ବସିଯିବ। ଘରେ କାହାରି କାହାରି ଜେଜେମା ଦେଖିଲେ ଗଳାଫଟେଇ ଚିତ୍କାର କରିବ,'ଆମର ପାଠ ପଢିବା ଦରକାର ନାହିଁ,ଏ ମାଷ୍ଟ୍ର ମୋ ନାତିକୁତ ମାରିପକାଇବ । ଯା ବିଶୁଆ (ବୁଢୀର ପୁଅ), ମାଷ୍ଟ୍ରକୁ ସେଇକଥା କହିଦବୁ, ବୁଝିଲୁ । 'ବିଶ୍ୱନାଥ ସିନା ମାଆକୁ' ହଁ'କହିଦିଏ, କିନ୍ତୁ ଗୁରୁଜୀଙ୍କ ପାଖକୁ ଯାଏନି କି ତା'ପୁଅର ପାଠପଢା ବନ୍ଦ କରେନି । ସ୍କୁଲ ନଗଲେ ନିଜେ ପ୍ରଧାନ ଗୁରୁଜୀ ଆସି ଛୁଆକୁ ଖୋଜି ଧରିନେଇଯିବେ ଓ ତାକୁ ପୁଣି ଦଣ୍ଡଦେବେ । ତେବେ, ମାଡ ଡରରେ ଜଣେଜଣେ ପିଲା ଗାଆଁ ଛାଡି ମାମୁଁ ବା ଅନ୍ୟ ବଂଧୁ ଘରକୁ ପଳାଇଯାଉଥିଲେ ।

ତେବେ, ମୁଁ ଲକ୍ଷ୍ୟକରିଛି ଯେ ପ୍ରତ୍ୟେକ ଗୁରୁଜୀ ଅତ୍ୟନ୍ତ ସ୍ନେହୀ ଓ ଦରଦୀ ମଣିଷ ଥିଲେ । ଅଧିକ ମାଡ ଦେଇଥିବା ପିଲାର ଘରକୁ ଯାଇ ନିଜ ତରଫରୁ ତା'ଅଭିଭାବକକୁ ସବୁକଥା କହି ପିଲାର କିମିତି ଭଲହେବ ସେକଥା ବୁଝାଇଦିଅନ୍ତି ।

ବନ୍ୟା ସମୟରେ ସ୍କୁଲ ଘରେ ପାଣି ପଶି ଅପରିଷ୍କାର କରିଦିଏ । ବନ୍ୟା ଛାଡିଗଲେ, ପ୍ରଥମେ ପ୍ରତ୍ୟେକ ଶ୍ରେଣୀଗୃହକୁ ଓ ବାରନ୍ଦାକୁ ସଫା କରିବାକୁ ପଡେ । ଶିକ୍ଷକ ଓ ଛାତ୍ରଛାତ୍ରୀ ସମସ୍ତେ କାମରେ ଲାଗିଯାଆନ୍ତି । ପୁଣି ଅତି ଯତ୍ନରେ ବଢାଇଥିବା ଫୁଲ ଓ ଅନ୍ୟ ବଗିଚାକୁ ବି ସଫା କରନ୍ତି ।

ସ୍କୁଲ ଘରର କେବଳ କାନ୍ଥସବୁ ପକ୍କା ହୋଇଥିଲେବି ଉପରେ ଟିଣଛପର ହୋଇଥିଲା ଓ ମେଜିଆସବୁ ମାଟିର ଥିଲା। ତେଣୁ, ପ୍ରାୟ ସପ୍ତାହକୁ ଥରେ ପୁଅ ପିଲାମାନେ ଗୋବର ଆଣିଦିଅନ୍ତି ଓ ଝିଅମାନେ ଶ୍ରେଣୀଗୃହ ଓ ବାରଣ୍ଡାର ମେଜିଆ ବା ତଳ ଅଂଶକୁ ଲିପାପୋଛା କରନ୍ତି । ଏଥିରେ କାହାରି ଆପତ୍ତି ନଥାଏ।

ଆମେ ଗଣେଶ ଓ ସରସ୍ୱତୀପୂଜା ଖୁବ୍ ଜାକଜମକରେ ପାଳନ କରୁଥିଲୁ । ପ୍ରଧାନ ଗୁରୁଜୀ ନିଜେ ମୂର୍ତ୍ତି ଗଢିଦିଅନ୍ତି, କାଗଜରେ ଫୁଲକାଟି ସଜେଇଦିଅନ୍ତି । ଆମେ ନାନା ପ୍ରକାରର ଫୁଲ ସଂଗ୍ରହ କରି ଆଣୁ, ମାଆମାନେ ପୂଜାଥାଳି ସଜାଡି ଦିଅନ୍ତି ନିଜନିଜର ସାଧ ଅନୁସାରେ । ଗାଆଁର ପ୍ରାୟ ନବେଭାଗ ଲୋକ ଗରିବ ଥିଲେ । ତେଣୁ, ସେମାନଙ୍କ ପିଲାମାନେ ବେଶିକିଛି ଆଣିପାରନ୍ତିନି ବା ଅଧିକ ଚାନ୍ଦାବି ଦେଇପାରନ୍ତିନି କିମ୍ବା ପ୍ରତିପୂଜାରେ ସେମାନେ ନିଜନିଜର ପିଲାଙ୍କ ପାଇଁ ନୂଆ ଜାମାପଟା ଆଣିପାରନ୍ତିନି । ମୋର ସ୍ଥାନ ଏଇ ଗରିବ ଘରର ପିଲାଙ୍କ ଭିତରେ ଥିଲା। (କ୍ରମଶଃ)

♥ ଅବସରପ୍ରାପ୍ତ ଅଧ୍ୟକ୍ଷ
ଚମାରଗାଁ, ଲକ୍ଷ୍ମଣନାଥ,
ବାଲେଶ୍ୱର-୭୫୬୦୮୭
ମୋ: ୭୮୯୪୬୭୯୪୪୧

## ସ୍ମୃତି ଆଲେଖ୍ୟ

# କୋଲକାତାର ପବନରେ ଅଦୃଶ୍ୟ ଆଶିଷ

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

**କବି ଓ ଲେଖକମାନଙ୍କ ବାସ୍ତବରେ ଦୁଇଟି ରୂପ । କହିବାକୁ ଗଲେ ଦୁଇଟି ଶରୀର। ଗୋଟିଏ ହେଲା ସ୍ଥୂଳ ଶରୀର, ଯାହା ଦୃଶ୍ୟମାନ । ଆଉ ଅନ୍ୟଟି ହେଲା ତାଙ୍କର ଲେଖକୀୟ ବ୍ୟକ୍ତିତ୍ୱ ଯାହା ସ୍ୱକ୍ଷ୍ମରୂପ ଧାରଣ କରି ରହିଥାଏ ଚିରକାଳ ବିରାଜମାନ। ମୁଁ କୋଲକାତା ଯିବା ବେଳେ ଯେଉଁମାନେ ନଥିଲେ ସଶରୀରରେ ସେମାନଙ୍କୁ ମଧ ଅନୁଭବ କରିପାରୁଥିଲି କୋଲକାତାର ଆକାଶ ପବନରେ । ସତେ ଯେମିତି ତାଙ୍କ ନିଃଶ୍ୱାସ ପ୍ରଶ୍ୱାସରେ ସ୍ୱର୍ଶ ମୋ ଦେହରେ ଛୁଇଁ ଯାଉଛି। ସତେ ଯେମିତି ମୋର କୋଲକାତା ଆଗମନରେ ସେମାନେ ଲାଭ କରିଛନ୍ତି ପରମ ତୃପ୍ତି ।**



ବଙ୍ଗଳା ଭାଷା ମୁଁ ଶିଖିଥିଲି ଦଶମ ଶ୍ରେଣୀରେ ପଢ଼ିବା ସମୟରୁ, ବଡ଼ବାପା ସ୍ୱର୍ଗତଃ ପୂର୍ଣ୍ଣଚନ୍ଦ୍ର ମେହେରଙ୍କ ନିକଟରୁ । ବଡ଼ବାପା ଓ ବାପା ଉଭୟେ ବଙ୍ଗଳା ସାହିତ୍ୟର ଆତ୍ମା ସହିତ ସଂଯୁକ୍ତ କରି ଦେଇଥିଲେ ମୋତେ । ବିଶେଷତଃ ବାପାଙ୍କ ହାତରେ ସର୍ବଦା ରହିଥାଏ କୌଣସି ନା କୌଣସି ବଙ୍ଗଳା ଗଳ୍ପ ବା ଉପନ୍ୟାସ ପୁସ୍ତକ। ସେ ତ ଧ୍ୟାନମଗ୍ନ ହୋଇ ପଢ଼ୁଥାନ୍ତି। ବେଳେବେଳେ ହଠାତ୍ ମୋତେ ତାଙ୍କ ନିକଟକୁ ଆସିବା ପାଇଁ ଦିଅନ୍ତି ସେହି ସିକ୍ତ ନିର୍ଦ୍ଦେଶ । ତାଙ୍କ ନିକଟବର୍ତ୍ତୀ ହେବା ପରେ ମୋତେ ଚାହିଁ କହିବେ 'କି ସୁନ୍ଦର ଓ ହୃଦୟସ୍ପର୍ଶୀ ଏ ବାକ୍ୟସବୁ! ତୁ ତ କିଛି ପଢୁନାହୁଁ । ଜାଣିବୁ ବା କିପରି ? ଏତିକି କହି ସୁନିର୍ଦ୍ଦିଷ୍ଟ, ପୃଷ୍ଠାର ନିର୍ବାଚିତ ବାକ୍ୟଗୁଡ଼ିକ ପଢ଼ି ଶୁଣାଇ ଦିଅନ୍ତି ଅତି ଯତ୍ନରେ । ତାଙ୍କ ବାର୍ତ୍ତାଳାପ ମଧ୍ୟରେ ଯେଉଁ ଲେଖକ ଲେଖିକାମାନେ ପ୍ରାଣବନ୍ତ ହୋଇ ଉଠନ୍ତି ମୋ ଆଗରେ ତାହା ସେତେବେଳେ ଯେମିତି ବିହ୍ୱଳ କରୁଥିଲା ମୋତେ, ଆଜି ମଧ ସେହି ସ୍ମୃତି ଜୀବନ୍ତ ହୋଇ ରହିଛି । ବାପା ସର୍ବଦା କହିବେ- ରବୀନ୍ଦ୍ର ନାଥ, ବଙ୍କିମଚନ୍ଦ୍ର, ଶରତଚନ୍ଦ୍ର, ବିଭୂତି ଭୂଷଣ ବନ୍ଦୋପାଧ୍ୟାୟ, ଆଶାପୂର୍ଣ୍ଣା ଦେବୀ ଅଥବା ବିମଳ ମିତ୍ରଙ୍କ ଲେଖା ସଂପର୍କରେ । ସେ ସବୁ କଥା ଯେ ଆଜି ବି ଅନୁରଣିତ ହେଉଛି ମୋ ହୃଦୟରେ ତାହାକୁ ବ୍ୟକ୍ତ କରିବି ବା କିପରି ! ଯେଉଁମାନଙ୍କ ବିଷୟରେ ବାପା କହୁଥିଲେ, ସେମାନେ ଆଉ କେହି ମୁଁ କୋଲକାତା ଯିବାବେଳକୁ ନଥିଲେ ଏ ଦୁନିଆରେ । ତେବେ ମଧ ମୁଁ କେବେ ହେଲେ ଅନୁଭବ କରି ନାହିଁ ଯେ ସେମାନେ କୋଲକାତା ବାତାବରଣରେ ଅନୁପସ୍ଥିତ ଅଛନ୍ତି ବୋଲି । ଅର୍ଥାତ୍ ସେ ସମସ୍ତଙ୍କ ରଚନା ସମ୍ଭାର ଓ ବ୍ୟକ୍ତିତ୍ୱ ସହିତ ଯେଉଁ ସ୍ୱକ୍ଷ୍ମ ସଂପର୍କ ରହିଛି ଅଦୃଶ୍ୟ ଭାବରେ ତାହା ଅନ୍ତର୍ଚକ୍ଷୁ ମଧ୍ୟଦେଇ ସୁସ୍ପଷ୍ଟ ଭାବରେ ଦେଖି ପାରୁଥିଲି। ମନେ ହେଉଥିଲା ସେମାନେ ମୋ ପାଖରେ ଏଇଠି କେଉଁଠି ଯେମିତି ଘୂରି ବୁଲୁଛନ୍ତି । ବଙ୍କିମଚନ୍ଦ୍ରଙ୍କ ଆନନ୍ଦମଠରେ ଯେଉଁ ବନ୍ଦେ ମାତରମ ଶ୍ଳୋକ ଲିପିବଦ୍ଧ ହୋଇଛି, ତାହା ତ ସ୍ୱଦେଶରେ ମାତୃ- ସତ୍ତା ସହିତ ଜଡ଼ିତ କରି ରଖି ଆସିଛି । ରବୀନ୍ଦ୍ରଙ୍କ ଗୀତାଞ୍ଜଳି ସ୍ଥୂଳ ବଙ୍ଗଳା ବହିରୁ ଦେଖି ଦେଖି ଓ ପୁଣି କେତେବେଳେ ନ ଦେଖି ମଧ ଛାତ ଉପରକୁ ଉଠିଯାଇ ଏକାକୀ ଆବୃତ୍ତି କରୁଥିଲି । ଆଶ୍ଚର୍ଯ୍ୟ ହୋଇ ଜପିବା ଏକ କଳା । ବାପା ବିମଳ ମିତ୍ରଙ୍କ ରଚିତ ଏ ବାକ୍ୟଟି ଶୁଣାଇ ଦେଇଥିଲେ ଯେଉଁ ଦିନରୁ ସେହି ସମୟରୁ ଲାଖି ରହିଛି ମୋ ଛାତିର ପ୍ରାଚୀରରେ । ରବୀନ୍ଦ୍ରନାଥଙ୍କ ବିଚିତ୍ରା ସଂକଳନଟି ବହୁ ସମୟରେ ଥାଏ ବାପାଙ୍କ ପାଖରେ । ମଝିରେ ମଝିରେ ସେଠୁ ଅନେକ ପୃଷ୍ଠା ପଢ଼ି ପକାଉଥିଲି ମୁଁ । ବିମଳ ମିତ୍ରଙ୍କ ଗୋଟିଏ ଦୀର୍ଘ ଗଳ୍ପ ଅନୁବାଦ କରିଥିଲି ଯାହା ୧୯୮୮ ମସିହାରେ ଝଙ୍କାର ପତ୍ରିକାରେ ପ୍ରକାଶିତ ହୋଇଥିଲା । ସେହିପରି ରବୀନ୍ଦ୍ର ନାଥଙ୍କ ଏକାଧିକ ମିନିଗଳ୍ପ ଅନୁବାଦ କରି ସଂପର୍କ ପତ୍ରିକାରେ ପ୍ରକାଶ କରାଇଥିଲି । ମନେ ପଡୁଛି ଲେଖକ ବନଫୁଲଙ୍କ କଥା ତାହା ଏକ ଛଦ୍ମନାମ । କଲେଜରେ ପଢ଼ିବା ବେଳେ ମାଗାଜିନକୁ ଗଳ୍ପଟିଏ ଲେଖି ଦେବାପାଇଁ ଯେତେବେଳେ କରୁଥିଲି ଆନ୍ତରିକ ପ୍ରୟାସ ସେତେବେଳେ ବାପା ବନଫୁଲଙ୍କ ଦ୍ୱାରା ରଚିତ ଗଳ୍ପର ଦୃଷ୍ଟାନ୍ତ ମୋ ଆଗରେ ଉପସ୍ଥାପନ କରି ଦେଇଥିଲେ । ସେହିପରି ଆଶାପୂର୍ଣ୍ଣା ଦେବୀ ହେଉଛନ୍ତି ମୋର ଜଣେ ଅତିପ୍ରିୟ ଲେଖିକା। ମନେପଡ଼େ ତାଙ୍କର ପ୍ରଥମ ପ୍ରତିଶ୍ରୁତି ଉପନ୍ୟାସ, ଯାହା ଜ୍ଞାନପୀଠ ପୁରସ୍କାର ଲାଭ କରିଥିଲା । ଉପନ୍ୟାସର ଗୋଟିଏ ବାକ୍ୟ ସ୍ୱତଃ ମନେ ପଡ଼ିଯାଉଛି ତାହା ହେଲା- 'ସ୍ୱାଭିମାନ ଓ ଅହଙ୍କାର ହେଉଛନ୍ତି ଦୁଇ ଜାଆଁଳା ଭାଇ । ଏମାନଙ୍କୁ ସ୍ୱତନ୍ତ୍ର ସ୍ୱତନ୍ତ୍ର ଭାବରେ ଚିହ୍ନିବା ଆଦୌ ସହଜ ନୁହେଁ' । ଏ କଥାଟି ସତେ ଯେପରି ପ୍ରତିଦିନ ବିଭିନ୍ନ ଚରିତ୍ରଙ୍କ ସଂସ୍ପର୍ଶରେ ଆସିଲା ବେଳେ ମୋର ମନେ ପଡୁଥାଏ ।

କବି ଓ ଲେଖକମାନଙ୍କ ବାସ୍ତବରେ ଦୁଇଟି ରୂପ । କହିବାକୁ ଗଲେ ଦୁଇଟି ଶରୀର। ଗୋଟିଏ ହେଲା ସ୍ଥୂଳ ଶରୀର, ଯାହା ଦୃଶ୍ୟମାନ । ଆଉ ଅନ୍ୟଟି ହେଲା ତାଙ୍କର ଲେଖକୀୟ ବ୍ୟକ୍ତିତ୍ୱ ଯାହା ସ୍ୱକ୍ଷ୍ମରୂପ ଧାରଣ କରି ରହିଥାଏ ଚିରକାଳ ବିରାଜମାନ। ମୁଁ କୋଲକାତା ଯିବା ବେଳେ ଯେଉଁମାନେ ନଥିଲେ ସଶରୀରରେ ସେମାନଙ୍କୁ ମଧ ଅନୁଭବ କରିପାରୁଥିଲି କୋଲକାତାର ଆକାଶ ପବନରେ । ସତେ ଯେମିତି ତାଙ୍କ ନିଃଶ୍ୱାସ ପ୍ରଶ୍ୱାସରେ ସ୍ୱର୍ଶ ମୋ ଦେହରେ ଛୁଇଁ ଯାଉଛି । ସତେ ଯେମିତି ମୋର କୋଲକାତା ଆଗମନରେ ସେମାନେ ଲାଭ କରିଛନ୍ତି ପରମ ତୃପ୍ତି । ସେମାନଙ୍କ ସହିତ ନୀରବରେ ନିର୍ବିଘ୍ନରେ ମୋର ବାର୍ତ୍ତାଳାପ ଚାଲିଥାଏ ଭିତରେ ଭିତରେ । ବସରେ ବସି ଗଲାବେଳେ ହେଉ, ଟ୍ରାମ୍‌ରେ ଚଢ଼ି ଲକ୍ଷ୍ୟସ୍ଥଳରେ ପହଞ୍ଚିବା ବେଳକୁ ହେଉ କିମ୍ବା ଅନ୍ୟ ଲେଖକ ଲେଖିକାଙ୍କ ସହିତ ଆଳାପ ଆଲୋଚନା କରୁଥିବା ବେଳେ ଏହି ସ୍ୱର୍ଗତଃ ଲେଖକ ଲେଖିକାଙ୍କ ସୂକ୍ଷ୍ମ କଳେବର ସତେ ଯେମିତି ମୋତେ ଘେରି ରହିଥାଏ ପ୍ରତିକ୍ଷଣରେ । ବଡ଼ ଅଦ୍ଭୁତ କଥା ଯେଉଁ ଲେଖକ ଲେଖିକାଙ୍କ ଆମେ ଥରେ ଥରେ ଅନ୍ତର ଦେଇ ପାଠ କରୁ ସେମାନେ ଆମ ସହିତ ରହିଯାଆନ୍ତି ଏକାତ୍ମ ହୋଇ ସେଥିପାଇଁ ଲେଖକ ମାତ୍ର ଗୋଟିଏ ଶରୀରରେ ବଞ୍ଚେ ନାହିଁ ତା'ର ପ୍ରତିଟି ଲେଖା ବହିର ପ୍ରତିଟି ଧାଡ଼ି ହେଉଛି ଏକ ଏକ ଚିରନ୍ତନ ରୂପ କେତେ ଭାବରେ, କେତେ ରୂପରେ, କେତେ ଲୋକଙ୍କ ହୃଦୟରେ ସେ ଯେ ପ୍ରବେଶ କରିଯାଏ ତାହାର ବର୍ଣ୍ଣନା କରିବା ଏକ ଅସମ୍ଭବ ବ୍ୟାପାର । କୋଲକାତା ମହାନଗରୀକୁ ଯାଇ ଯେଉଁମାନେ କହିଥିଲେ ଦେଖିଥାନ୍ତି ବୋଲି ଭାବୁଥିଲି ସେମାନଙ୍କ ଅନ୍ତଃ ରୂପ ଆଗରେ ମୁଁ ଯେ କିପରି ବାର୍ତ୍ତାଳାପ କରିପାରିଛି ଓ ସେମାନଙ୍କ ସ୍ନେହ-ସ୍ପର୍ଶରେ ଲାଭ କରିଛି ଅଦୃଶ୍ୟ ଆଶୀର୍ବାଦ ତାହା ମୁଁ ଯେତିକି ଜାଣେ ମୋର ଅନ୍ତରାତ୍ମା ତା ଠାରୁ ଆହୁରି ଅଧିକ ଜାଣିଛି । କେତେବେଳେ କେଉଁ ମୁହୂର୍ତ୍ତରେ ଅନ୍ତରାତ୍ମାର ସେହି ଅସାମାନ୍ୟ ପୁଲକ ମୋତେ ନେଇ ଯାଇପାରେ ଏକ ସୌନ୍ଦର୍ଯ୍ୟମୟ କଳାର ଜଗତକୁ ତାହା କେମିତି ବା କହି ହେବ ଏହି ସମୟରେ, ଏହି ପରିସରରେ ବା ଏହି ପରିବେଶରେ !

କୋଲକାତାରୁ ଫେରି ଆସିବା ହୋଇଗଲାଣି ଛବିଶ ସତେଇଶ ବର୍ଷ ଅଥଚ ସେମାନେ ରହିଛନ୍ତି ମୋର ନିକଟରେ ଅତି ଅନ୍ତରଙ୍ଗ ଭାବରେ ଯାହା ଦେଖିବାର ଶକ୍ତି ମୋର ନାହିଁ କିମ୍ବା ଆପଣମାନଙ୍କର ମଧ ନାହିଁ ।


♥ ଆଡଜଙ୍କ ପ୍ରଫେସର
ସ୍ନାତକୋତ୍ତର ଓଡ଼ିଆ
ଭାଷା ଓ ସାହିତ୍ୟ ବିଭାଗ
ଉତ୍କଳ ବିଦ୍ୟାଳୟ, ବାଣୀବିହାର,
ଭୁବନେଶ୍ୱର

## ଶ୍ରୁତିଫେସ

## ପତ୍ରିକା ସମୀକ୍ଷା

### କଥା କଥା କବିତା କବିତା

ସମ୍ପାଦକ :
**ଅକ୍ଷୟ ବେହେରା**
ଠିକଣା : ଏମ୍. ଆ.ଜି(୨) ୬୫/୫, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୭୫୧୦୧୬
ମୋ: ୯୪୩୭୨୭୯୯୪୧
ମୂଲ୍ୟ : ୧୭୫/-




"ସମ୍ପ୍ରତି ସାହିତ୍ୟରେ ଗୋଷ୍ଠୀବାଦକୁ ନେଇ ଯେଉଁ ବିଶୃଙ୍ଖଳା ଚାଲିଛି ସାଧାରଣ ପାଠକ ମନରେ ଯଥେଷ୍ଟ ପ୍ରଭାବ ପକାଉଛି। ଉଭୟେ ସାହିତ ଓ ସାହିତ୍ୟିକଙ୍କ ପ୍ରତି ପାଠକର ଆଗ୍ରହ କମି କମି ଯାଉଛି। ସାହିତ୍ୟରେ ନିଜ ନିଜ ସଫଳ ପାଇଁ ପ୍ରାୟତଃ ଆମେ ବ୍ୟଗ୍ର କିନ୍ତୁ ସାହିତ୍ୟର ଅଭିବୃଦ୍ଧି ହେଉଛି କି ? ଯେଉଁଠି ନିଜ ଗରିମାକୁ ବଢ଼ାଇବା ଯେବେ ଏକମାତ୍ର ଲକ୍ଷ୍ୟ ହୋଇଯାଏ ତେବେ ସାହିତ୍ୟ ଗୌଣ ହୋଇପଡ଼େ। ଏସବୁ ଲିଟ୍ ଫେଷ୍ଟିଭାଲ, ତାରକା ହୋଟେଲ୍ ସାହିତ୍ୟରେ କ'ଣ କିଛି ଲାଭ ହୁଏ ? କଲମ ଓ ସାଧାନକୁ ଛାଡ଼ି ଆମେ ଯେଉଁ ପୁରସ୍କାର, ସମ୍ମାନ, ଆସନ, ମଞ୍ଚ ପାଇବା ଦୌଡ଼ରେ ମୋହଗ୍ରସ୍ତ ହୋଇପଡ଼ିଛୁ ସେଠି ଆମ ଭାଷା ସାହିତ୍ୟ ଜନନୀର କେଉଁ ଉନ୍ନତି ହେବ ?" ଏକଥା "କଥା କଥା କବିତା କବିତା"ର ରୌପ୍ୟ ଜୟନ୍ତୀ ତଥା ପୂଜା ସଂଖ୍ୟା ସମ୍ପାଦକୀୟ ବକ୍ତବ୍ୟରେ କହିଛନ୍ତି ସମ୍ପାଦକ କବି ଅକ୍ଷୟ ବେହେରା ।

ଏହି ସଂଖ୍ୟାରେ ରାହୁଲ ଗୌତମଙ୍କ ଚର୍ଚ୍ଚାରେ ଚର୍ଚ୍ଚାରେ ନୋବେଲ ବିଜେତା କ୍ରମରେ ଜନ୍‌ଫୋସେଙ୍କ ସମ୍ପର୍କରେ ସବିଶେଷ ପ୍ରକାଶ ପାଇଥିବା ବେଳେ ସୁମନ ଦାଶଙ୍କ ପ୍ରସ୍ତୁତି ଓ ଉପସ୍ଥାପନାରେ କଲମ୍ବିଆର ପ୍ରଖ୍ୟାତ ଲେଖକ ଗାବ୍ରିଏଲ ଗାର୍ସିଆ ମାର୍କ୍ୱେଜ ଓ ଆପୁଲିଆନୋ ପିଲିନୋ ମେଣ୍ଡୋଜାଙ୍କ ଏକ ସାକ୍ଷାତକାର ପ୍ରକାଶ ପାଇଛି । ଶ୍ୟାମଲୀ ସେନଗୁପ୍ତଙ୍କ ତାରୁଣ୍ୟର ଝଙ୍କାରରେ ଶୂନ୍ୟ ପଶକର ଦୁଇ ସନ୍ଧିର ବାଂଲା କବିତା, କବି ଓ ସେମାନଙ୍କର କାବ୍ୟ ଭାବନା ସ୍ଥାନିତ ହୋଇଛି । ସୁପ୍ରିୟା ମଲ୍ଲିକଙ୍କର ଆଜିର ସମୟ ଏବଂ ବୁଦ୍ଧ ଓ ମାର୍କ୍ସଙ୍କ ବିଚାର, ଡ. ବିଜୟଲକ୍ଷ୍ମୀ ମହାନ୍ତିଙ୍କ 'ଓଡିଆ ରୂପତତ୍ତ୍ୱ' ଡ. ମାଳବିକା ରାୟଙ୍କ 'ମେଘାଛନ୍ନ ସ୍ମୃତି ମୁକୁଳିତ', ପ୍ରିୟବ୍ରତ ଅମୀୟ ରଂଜନ ମହାନ୍ତିଙ୍କ ନାଟ୍ୟକାର ବିଜୟ ଶତପଥୀଙ୍କ ନାଟ୍ୟମାନସ, ତ୍ରିନାଥ ପଟ୍ଟନାୟକଙ୍କ 'ରମ୍ଭା ଶୁକ ସମ୍ବାଦ', ଡ. ଗିରିଜା ଶଙ୍କର ଶର୍ମାଙ୍କ 'କବି, କବିତା ଓ ସମାଜ', ରାମକୃଷ୍ଣ ସାହୁଙ୍କ 'ଜୀବନ: ପ୍ରେମର ପ୍ରତିଫଳନ', ଡ. ନିଖିଳାନନ୍ଦ ପାଣିଗ୍ରାହୀଙ୍କ 'ବେହିସାବୀ ବୟସ', କେଦାର ମିଶ୍ରଙ୍କ 'ଜୟନ୍ତ ମହାପାତ୍ରଙ୍କ ଓଡିଆକବିତା : ଏକ ପାଠକୀୟ ସ୍ମୃତିଲେଖ' ଆଦି ଉଚ୍ଚକୋଟୀର ପ୍ରବନ୍ଧ ସ୍ଥାନିତ ହୋଇଥିବା ବେଳେ ହରିହର ମିଶ୍ର, ନୀଳମଣି ପରିଡା, କାର୍ତ୍ତିକ ସ୍ୱାଇଁ, ଗୌତମ ଜେନା, ରକ୍ଷକ ନାୟକ, ସମରେନ୍ଦ୍ରନାଥ ମହାପାତ୍ର, ହରିଶ୍ଚନ୍ଦ୍ର ବେହେରା, କମଳ କୁମାର ମହାନ୍ତି, ଶ୍ରୀହରି ଧଳ, ରସାନନ୍ଦ ସାହୁ, ଅଭିରାମ ଦାସ, ଡା. ଦୀନବନ୍ଧୁ ସାହୁ, ମମତା ପଟ୍ଟନାୟକ, ଦୀପିକା ଦାଶ, ମନୋଜ କୁମାର ପଣ୍ଡା, ସାବିତ୍ରୀ କବି, ବୃନ୍ଦାବନ ଦାସ, ପୂର୍ଣ୍ଣ ମହାରଣା ପ୍ରମୁଖଙ୍କ ଅନେକ ଚମତ୍କାର କବିତା ସ୍ଥାନିତ ହୋଇଛି । ଆମ ସମୟର କଥା ବିଭାଗରେ ଘନବିହାରୀ ମହାରଣା, ଅଜୟ ସ୍ୱାଇଁ, ସୁନନ୍ଦା ପ୍ରଧାନ, ସନ୍ଧ୍ୟା ଦାସ, ଅଶୋକ ବିଶ୍ୱାଳଙ୍କ ଗପ ବେଶ୍ ମନଛୁଆଁ । ସବୁଥର ପରି ପ୍ରକାଶିତ ପୁସ୍ତକ ଆଲୋଚନା ଗୁଡିକ ମଧ ହୃଦୟଗ୍ରାହୀ । ବିଳମ୍ବରେ ପ୍ରକାଶିତ ହେଲେ ମଧ କଥା କଥା କବିତା କବିତା ତା'ର ସ୍ୱାତନ୍ତ୍ର୍ୟ ବଜାୟ ରଖିଥିବା ସମ୍ପାଦକଙ୍କ ବଳିଷ୍ଠ ସମ୍ପାଦନାର ପ୍ରମାଣ ଦିଏ । ♥

# ବାଲେଶ୍ୱର ରେମୁଣା ନିର୍ବାଚନ ମଣ୍ଡଳୀ ୩୯ ନଂ ଜୋନରେ କଂଗ୍ରେସ କର୍ମୀ ବୈଠକ




ବାଲେଶ୍ୱର , ୨୦/୪ (ନି.ପ୍ର): ଶନିବାର ରେମୁଣା ନିର୍ବାଚନ ମଣ୍ଡଳୀ ୩୯ ନଂ ଜୋନ ରେ ଏକ କଂଗ୍ରେସ କର୍ମ ବୈଠକ ନିଜାମ ପୁର ପଞ୍ଚାୟତ ର ଲଙ୍କାପୋଡା ମଠ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇ ଯାଇ ଅଛି।ଏହି ବୈଠକକୁ ରେମୁଣା ବ୍ଲକ ସଭାପତି ତରୁଣ ଦାସ ସଭାପତିତ୍ୱ କରିଥିଲେ।ବାଲେଶ୍ୱର ଜିଲ୍ଲା ସଭାପତି ସଞ୍ଜୀବ ଗିରି ତାଙ୍କ ବକ୍ତବ୍ୟରେ କର୍ମୀ ମାନଙ୍କୁ ଉଦ୍ବୋଧନ ଦେଇ କହିଥିଲେ କି ଆପଣ ମାନେ କେବଳ ବିଜେଡି ଓ ବିଜେପି ର ନେତା ଓ କର୍ମୀ ମାନଙ୍କୁ ପ୍ରଶ୍ନ ପଚାରନ୍ତୁ ସେମାନେ କଣ କରିଛନ୍ତି ଶାସନରେ ରହି ଲୋକମାନଙ୍କର ସେହିପରି ରେମୁଣା ବିଧାୟକ ପ୍ରାର୍ଥୀ ସୁଦର୍ଶନ ଜେନା ତାଙ୍କ ବକ୍ତବ୍ୟରେ ୨୦୦୯ ମସିହାରୁ ୨୦୧୪ ମସିହା ପର୍ଯ୍ୟନ୍ତ ସାଂସଦ ଭାବେ ଶ୍ରୀକାନ୍ତ ଜେନା ଓ ବିଧାୟକ ଭାବେ ସେ ନିଜେ ରହି ରେମୁଣା ଅଞ୍ଚଳର ଯେଉଁ ସବୁ ବିକାଶ କରିଛନ୍ତି ପରବର୍ତ୍ତୀ ସମୟରେ ସେଭଳି ଭାବେ କୌଣସି ଆଖିଦୁର୍ଶିଆ କାମ ରେମୁଣା ନିର୍ବାଚନ ମଣ୍ଡଳୀର ହୋଇ ନାହିଁ।ତେଣୁ ପୁଣି ଥରେ ଆପଣ ମାନେ ଏହି ୨୪ ନିର୍ବାଚନ ରେ ଲଢେଇ କରି ସେହି ସୁଯୋଗ କୁ ଶ୍ରୀକାନ୍ତ ଜେନା ଓ ମୋତେ ଦିଆ କରାଇଲେ ପୁଣି ଏହି ରେମୁଣା ଉନ୍ନତି ପଥରେ ଆଗେଇ ଯିବ ବୋଲି କର୍ମୀ ମାନଙ୍କୁ ବୁଝାଇ ଥିଲେ।ବାଲେଶ୍ୱର ସାଂସଦ ପ୍ରାର୍ଥୀ ତଥା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ବାଲେଶ୍ୱର ର ଉନ୍ନତି ପଥର ସାରଥୀ ଶ୍ରୀକାନ୍ତ ଜେନା କହିଥିଲେ କି ମୁଁ ସେତେବେଳେ ବି କହିଥିଲି ଦିଲ୍ଲୀ ବାଲେଶ୍ୱର ଦ୍ୱାରାସ୍ତ ହେବ ଆଜି ବି କହୁଛି ବାଲେଶ୍ୱର ଦିଲ୍ଲୀ ଦ୍ୱାରାସ୍ତ ନୁହଁ ଦିଲ୍ଲୀ ବାଲେଶ୍ୱର ଦ୍ୱାରାସ୍ତ ହେବ।ତାଙ୍କ ସାଂସଦ ଓ ମନ୍ତ୍ରୀ ତ୍ୱ ସମୟରେ ସିପେଟ, ମେଡ଼ିକାଲ କଲେଜ, ଏମ୍ସ, ବାଂକତିରା ଜଳସେଚନ ପ୍ରକଳ୍ପ, ଗଙ୍ଗାହାର,ସୋନ, ବୁଢ଼ାବଳଙ୍ଗ ଆଦି ନଦୀ ଉପରେ ପୋଲ ପ୍ରଭୃତି ଠାରୁ ଆରମ୍ଭ କରି ଜଳେଶ୍ୱର ରେ ଦୁଇଟି, ଶୋଭାରାମ ପୁର, ତାମ୍ପୁଲିଆ, ସୋର ୫ ଟି ରେଲ କ୍ରସିଂ ରେ ଉଡ଼ନ୍ତା ପୋଲ ହୋଇଥିବା ଉଦାହରଣ ଦେଇ କହିଥିଲେ କି ଆମ ଶାସନ କାଳରେ ଯେଉଁ ସବୁ କାମ କରିଛୁ ଆମେ ମୁହଁ ଉପରକୁ ଟେକି ଆଖିରେ ଆଖି ମିଶେଇ କହୁଛୁ ଆମକୁ ଯେତେବେଳେ ଜନତା ଭୋଟ ଦେଇ ଜିତାଇ ଛନ୍ତି ଆମେ ସେତେବେଳେ ଜନତାଙ୍କ ବିଶ୍ୱାସକୁ ସମ୍ମାନ ଦେଇଛୁ।କିନ୍ତୁ ମୁଁ ଆହ୍ୱାନ କରୁଛି ବିଜେଡି ଓ ବିଜେପି ପ୍ରାର୍ଥୀ ବନ୍ଧୁ ମାନଙ୍କୁ ଆସନ୍ତୁ ଡିବେଟ୍ କୁ ଏବଂ ମୁହଁ ଟେକି କୁହନ୍ତୁ ସେମାନେ ତାଙ୍କ ଶାସନ କାଳରେ ଲୋକଙ୍କ ହିତରେ କଣ କରିଛନ୍ତି ?କହି ପାରିବେ ନାହିଁ,ପୂର୍ବତନ ପ୍ରଧାନ ମନ୍ତ୍ରୀ ଡ଼.ମନମୋହନ ସିଂ ଯେଭଳି ଭାବେ ଚୁପ ରହି କାମ କରିଯାନ୍ତି, କଥା କମ କୁହନ୍ତି,ସେହିଭଳି ଆମେ କମ କଥା କହୁ ଓ ବେସି କାମ କରୁ।ବିଜେଡି ବିଜେପି ବେସି କଥା କୁହନ୍ତି କାମ କରନ୍ତି ଶୂନ୍ୟ।ଶ୍ରୀ ଜେନା ଉପସ୍ଥିତ କର୍ମୀ ମାନଙ୍କୁ କଂଗ୍ରେସ କୁ ତନ ମନ ଓ ଧନ ସାହାଯ୍ୟ କରିବାକୁ କହିବା କ୍ଷଣି ସେଠାରେ ଉପସ୍ଥିତ କର୍ମୀ ମାନଙ୍କ ମଧ୍ୟରୁ କିଛି କର୍ମୀ ସକ୍ଷମ ଅନୁଯାଇ ଅର୍ଥ ସାହାଯ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିକାଶ କୁମାର ଦାସ,ରଞ୍ଜନ ଦାସ, ଅକ୍ଷୟ ମଳିକ, ନିସିତ ବାରିକ, କହ୍ନେଇ ବେହେରା,କୁମୁଦୁନି ଦାସ, କହ୍ନେଇ ପ୍ରଧାନ,ଅରୁଣ ଜେନା, ନିରଞ୍ଜନ ବେହେରା,ଗଣେଷ ପଣ୍ଡା, ଶ୍ରୀକାନ୍ତ ପତି, ରାମଚନ୍ଦ୍ର ପ୍ରଧାନ, ପରିତୋଷ ମଣ୍ଡଳ, ଲୁମ୍ବୁଧର ମୋହାନ୍ତି, ବଲାଇ ଦାସ, ଅଚ୍ୟୁତ ନନ୍ଦ, ରାମନାରାୟଣ ଶତପଥୀ, ସୁବ୍ରତ ରାଉଳ, ମଧୁସୁଧନ ରାଉତ, ଅଜୟ ଜେନା , କମଲଲୋଚନ ଆଚାର୍ଯ୍ୟ, ଆରତୀ ଜେନା,କବିତା ଜେନା, ରତ୍ନାକର ଭୁକ୍ତା, ପ୍ରମୁଖ ଉପସ୍ଥିତ ଥିଲେ।

# ଚେକ୍ ବାଉନସ ମାମଲାରେ ୬ ମାସର କାରାଦଣ୍ଡ

ବେତନଟୀ , ୨୦/୪ (ନି.ପ୍ର): ବେତନଟୀ ସ୍ଥିତ ବିଚାର ବିଭାଗୀୟ ଅଦାଲତରେ ଏକ ଚେକ ବାଉନ୍ସ ମାମଲାରେ ଶନିବାର ରାୟ ପ୍ରକାଶ ପାଇଛି। ମାନ୍ୟବର ବିଚାରପତି ଏ. ଅଭିନାଶ ନାଇଡୁ ଉକ୍ତ ମାମଲାର ବିଚାର କରି ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରି ୬ମାସର କାରାଦଣ୍ଡର ଆଦେଶ ପ୍ରଦାନ କରିଛନ୍ତି। ଏହା ସହିତ ୧ଲକ୍ଷ ୫୦ହଜାର ଟଙ୍କା ଜୋରିମାନା ପୈଠ କରିବାକୁ ନିର୍ଦ୍ଦେଶ ମଧ୍ୟ ଦିଆଯାଇଛି। ଅନାଦେୟ ଅଧିକ ୨ମାସର କାରାଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତ ଜଣକ ହେଲେ ବେତନଟୀ ଅଞ୍ଚଳ ର ସଞ୍ଜୀବ କୁମାର ଭୂୟାଁ । ସୂଚନାଯୋଗ୍ୟ ସଞ୍ଜୀବ ଭୂୟାଁ ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କର ବେତନଟୀଶାଖାରୁ ୨ଲକ୍ଷ ଟଙ୍କାର ଋଣ ନେଇଥିଲେ। ତେବେ ଋଣ ପରିଶୋଧ କରିବା ପାଇଁ ଗତ ୨୦୨୨ମସିହାରେ ୧ଲକ୍ଷ ୧୭ହଜାର ୨୪୭ଟଙ୍କାର ବ୍ୟାଙ୍କଚେକ ପ୍ରଦାନ କରିଥିଲେ। ମାତ୍ର ଉକ୍ତ ଚେକର ବ୍ୟାଙ୍କ ଆକାଉଣ୍ଟରେ ପର୍ଯ୍ୟାପ୍ତ ପରିମାଣର ଅର୍ଥ ନଥିବାରୁ ୨୦୨୨ ମସିହା ଜୁଲାଇ ମାସ ୩୦ତାରିଖରେ ଚେକଟି ବାଉନ୍ସ ହୋଇଯାଇଥିଲା । ଏହାକୁ ନେଇ ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କ ପକ୍ଷରୁ ୨୦୨୨ ମସିହା ଅଗଷ୍ଟ ୨୯ତାରିଖରେ ବେତନଟୀସ୍ଥିତ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ କୋର୍ଟରେ ମାମଲା ରୁଜୁ ହୋଇଥିଲା । ଉକ୍ତ ବିଚାରାଧୀନ ମାମଲାରେ ଜଡିତ ସମସ୍ତ ସାକ୍ଷ୍ୟ ପ୍ରମାଣ ଆଧାରରେ ମାନ୍ୟବର ବିଚାରପତି ଏ. ଅଭିନାଶ ନାଇଡୁ ଏହାର ଶୁଣାଣି କରିଛନ୍ତି । ଉକ୍ତ ମାମଲାକୁ ବ୍ୟାଙ୍କ ପକ୍ଷରୁ ଆଇନଜୀବୀ ବଟକୃଷ୍ଣ ପାଢ଼ୀ ପରିଚାଳନା କରୁଥିଲେ।

# ଶ୍ରୀ ଶ୍ରୀ ଶିରିଡି ସାଇ ସତସଙ୍ଗ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ



ବାରିପଦା , ୨୦/୪ (ନି.ପ୍ର): ସ୍ଥାନୀୟ ଭଂଜପୁର ଜଗଦ୍ଧାତ୍ରୀ ମେଳା ପଡିଆରେ ୧୩ ତମ ଶ୍ରୀ ଶ୍ରୀ ଶିରିଡି ସାଇ ସତସଙ୍ଗ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ଓ ଆୟୋଜକ କମିଟିର ସଭାପତି ପୁରୁଷୋତ୍ତମ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଉପ ସଭାପତି ତଥା ପୂର୍ବତନ କାଉନସିଲର ଦେବାଶିଷ ଦାସ, ସାଧାରଣ ସମ୍ପାଦକ ବେଣୁଧର ମହାନ୍ତ, ଉପଦେଷ୍ଟା ସତ୍ୟନାରାୟଣ ଜୀ, ସହ ସମ୍ପାଦକ ପଦ୍ମଲୋଚନ ମହାନ୍ତ କୋଷାଧକ୍ଷ ଅବନୀ ଷଡଙ୍ଗୀ ତଥା ମୁଖ୍ୟ ଆୟୋଜକ କୁନା ବେଜ ଓ ମନୋଜ ମହାନ୍ତିଙ୍କ ସମେତ ସମସ୍ତ ସଭ୍ୟ ଉପସ୍ଥିତ ରହି ସୁଚିନ୍ତିତ ମତାମତ ଦେଇଥିଲେ ଓ ଆସନ୍ତା ମେ ମାସ ୧୧ ତାରିଖ ଦିନ ସାଇବାବାଙ୍କ ସତସଙ୍ଗ କାର୍ଯ୍ୟକ୍ରମ ଅବସରରେ ସକାଳ ୫ ଟା ୩୦ ମିନିଟରେ କାକଟ ଆରତୀ, ଦିନ ୧୨ ଟା ୩୦ ରେ ମାଧ୍ୟାହ୍ନ ଆରତୀ, ସନ୍ଧ୍ୟା ୬ ଟା ୩୦ ରେ ସନ୍ଧ୍ୟା ଆରତୀ, ୮ ଟା ରୁ ସର୍ବସାଧାରଣଙ୍କ ପାଇଁ ପ୍ରସାଦସେବନ ଏବଂ ରାତି ୧୦ ଟା ୩୦ ରେ ଶେଯ ଆରତୀ କାର୍ଯ୍ୟକ୍ରମ ରହିଛି ବୋଲି ସମ୍ପାଦକ ଶ୍ରୀ ମହାନ୍ତ ଜଣାଇଛନ୍ତି ଓ ପ୍ରତିବର୍ଷ ପରି ଏ ବର୍ଷ ମଧ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ରହିଛି ଓ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ କଳାକାର ମାନଙ୍କୁ ମଧ ସୁଯୋଗ ଦିଆଯିବ ବୋଲି ସ୍ଥିର କରାଯାଇଛି ଓ ଇଚ୍ଛୁକ ଗାୟକ ମାନେ ମେ ୧୦ ତାରିଖ ଦିନ ଭଂଜପୁର ସାଇବାବା କାର୍ଯ୍ୟାଳୟରେ ନାମ ପଞ୍ଜିକରଣ କରିପାରିବେ ଓ ବହୁ ସଂଖ୍ୟାରେ ଉପସ୍ଥିତ ରହି ବାବାଙ୍କ ସାନିଧ୍ୟ ଲାଭ କରିବାକୁ କମିଟି ତରଫରୁ ଅନୁରୋଧ କରାଯାଇଛ।

# ହନୁମାନ ଜୟନ୍ତି ଅବସରରେ ଉତ୍ସବମୁଖର ହୋଇ ଉଠିଛି ଦେବଳା ଗ୍ରାମ ପଂଚାୟତ



ଉଦଳା, ୨୦/୪ (ନି.ପ୍ର): କପ୍ତିପଦା ବ୍ଲକ ଅନ୍ତର୍ଗତ ଦେବଳ ପଂଚାୟତ ପ୍ରତିବର୍ଷ ପରି ହନୁମାନ ଜୟନ୍ତି ଅବସରରେ ଉତ୍ସବମୁଖର ହୋଇଉଠିଛି । ଏହିଅବସରରେ ଦିବସବ୍ୟାପି ବେଦମନ୍ତ୍ର ଉଚ୍ଚାରଣ କରି ହନୁମାନଙ୍କ ବିଗ୍ରହକୁ ପୂଜାର୍ଚ୍ଚନା କରାଯିବା ସହିତ ସାମୁହିକ ହନୁମାନ ଚାଳିଶା ପାଠ କରାଯାଇଥିଲା । ସନ୍ଧ୍ୟାରେ ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଆସର ଗ୍ରାମବାସିଙ୍କ ମଧ୍ୟରେ ଖୁସି ଓ ଆନନ୍ଦର ମାହୋଲ ଖେଳାଇ ଦେଇଥିଲା । ଗ୍ରାମର ସରପଂଚ ଭୀମଚରଣ ସିଂ, ଫିତାକାଟି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଏହି ଉତ୍ସବ ଗ୍ରାମବାସୀଙ୍କୁ କିପରି ଏକତାସୂତ୍ରରେ ବାନ୍ଧି ରଖିଛି ବିସ୍ତୃତ ବର୍ଣ୍ଣନା କରିଥିଲେ । କାର୍ଯ୍ୟକ୍ରମର ମୁଖ୍ୟ ଆୟୋଜକ ଅର୍ଜୁନ ସିଂ, ଗତ ୨୦୦୫ ମସିହା ଠାରୁ ଆଜିପର୍ଯ୍ୟନ୍ତ ଦିର୍ଘ ୨୦ ବର୍ଷ ଧରି ଏହି କାର୍ଯ୍ୟକ୍ରମ କିପରି ବଂଚି ରହିଛି ଓ ହନୁମାନଙ୍କୁ ପୂଜାର୍ଚ୍ଚନା କରାଯାଉଛି ଏହାର ବିସ୍ତୃତ ଇତିହାସ ସମ୍ପର୍କରେ ଅବଗତ କରାଇଥିଲେ । ଚଳିତ ବର୍ଷ ଏହା ଏପ୍ରିଲ ୧୪ ତାରିଖରୁ ଆରମ୍ଭ ହୋଇ ୨୦ ତାରିଖରେ ଉଦ୍‌ଯାପିତ ହୋଇ ଯାଇଛି । ଦିର୍ଘ ୧ ସପ୍ତାହ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମର ଭିନ୍ନ ଭିନ୍ନ ଦିବସ ମାନଙ୍କରେ ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ ଓ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ ଅତିଥି ଭାବରେ ଯୋଗ ଦେଇ ଗ୍ରାମବାସୀଙ୍କ ଏକତା ଓ ଭାଷା, ସଂସ୍କୃତିକୁ ଭଲପାଇବା ସହିତ ଏହାକୁ ବଂଚାଇ ରଖିବା ପାଇଁ ଚଳାଇ ଆସୁଥିବା ଆପ୍ରାଣ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ ।

# ରାଜନୀତି ବିଜ୍ଞାନ ବିଭାଗ ଛାତ୍ରଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ମାଲକାନଗିରି, ୨୦/୪ (ନି.ପ୍ର): ମାଲକାନଗିରି ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ତରଫରୁ ଶେଷ ବର୍ଷ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ସଭା ଆଜି ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ମାଲକାନଗିରି ମହାବିଦ୍ୟାଳୟର ଅଧ୍ୟକ୍ଷ ଲିଙ୍ଗରାଜ ମିଶ୍ର ମୁଖ୍ୟ ଅତିଥି ରୂପେ ଯୋଗଦାନ କରି ଛାତ୍ରଛାତ୍ରୀଙ୍କୁ ଉଚ୍ଚ ଶିକ୍ଷିତ ହୋଇ ଦେଶର ବିକାଶରେ ଅଂଶଗ୍ରହଣ କରିବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟ ବକ୍ତା ରୂପେ ବରିଷ୍ଠ ପ୍ରଧାପକ ଅର୍ଥଶାସ୍ତ୍ର ବିଭାଗର ଅଶୋକ ଷଡ଼ଙ୍ଗୀ ଛାତ୍ରଛାତ୍ରୀଙ୍କୁ ଉଚ୍ଚ ଆଶା ରଖି ଉଚ୍ଚ ପଦ ପଦବୀରେ ଅବସ୍ଥାପିତ ହେବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ବାଣିଜ୍ୟ ବିଭାଗର ମୁଖ୍ୟ ଡକ୍ଟର ରଞ୍ଜନ କୁମାର ସ୍ୱାଇଁ ଆଜିର ଯୁଗରେ ଛାତ୍ରଛାତ୍ରୀମାନେ ଶୃଙ୍ଖଳିତ ସହିତ ଶିକ୍ଷକମାନଙ୍କୁ ସମ୍ମାନ ଦେବା ପାଇଁ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧାପିକା ଲିପ୍ସାରାଣୀ ନାୟକ ସଭାପତିତ୍ୱ କରିଥିବା ବେଳେ ଅନ୍ୟତମ ପ୍ରମେୟ କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିବା ସହିତ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ଶହେରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ସକ୍ରିୟ ଅଂଶଗ୍ରହଣ କରି ସଭାକୁ ସାଫଲ୍ୟ ମଣ୍ଡିତ କରିଥିଲେ। ସଭା ପ୍ରାରମ୍ଭରେ ବିଘ୍ନ ବିନାୟକଙ୍କ ପ୍ରତିମୂର୍ତିରେ ପୁଷ୍ପ ପ୍ରଦାନ କରିବା ସହିତ ଆଳତୀ ଓ ଦୀପ ପ୍ରଜ୍ୱଳନ କରାଯାଇଥିଲା। ଛାତ୍ରୀ ଦୀପାଞ୍ଜଳୀ ପାଙ୍ଗି ବିଦାୟ ସଂଗୀତ ଗାଇଥିଲେ। ଏହି ଅବସରରେ ପୂର୍ବତନ ଛାତ୍ର ଶିବ ପ୍ରସାଦ ପଣ୍ଡା, ଯୁଗ୍ମ ସଚିବ ଜି.ଏସ.ଟି ଛାତ୍ରଛାତ୍ରୀଙ୍କୁ ମାଲକାନଗିରି ମହାବିଦ୍ୟାଳୟ ଏକ ସୁପ୍ରତିଷ୍ଠିତ ମହାବିଦ୍ୟାଳୟ ସହିତ ତାର ଶିକ୍ଷାଦାନ ପ୍ରଣାଳୀ ଅତି ସୁନ୍ଦର ବୋଲି ଆଭାସୀ ମାଧ୍ୟମରେ ଜଣାଇଥିଲେ। ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ ଉପହାର ସ୍ୱରୂପ ଅତିଥି ମାନଙ୍କ ଦ୍ୱାରା କଲମ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ହୋଇ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ମନରଞ୍ଜନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସଭା ଶେଷରେ ସମରେଶ ଭଞ୍ଜ ଅଧ୍ୟାପକ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଟିକେଟ କଟିବା ପରେ....

ଆଜିର ସମାବେଶରେ ୪୦ ହଜାର ସମର୍ଥକ ଓ କର୍ମକର୍ତ୍ତା ଯୋଗ ଦେଇଥିଲେ। ସେମାନେ ୩୦ ହଜାର ଲୋକଙ୍କ ସମାଗମ ଆଶା କରୁଥିବା ବେଳେ ତା’ଠାରୁ ଢେର ଲୋକ ଆସିଥିବାରୁ ସେ ଉତ୍ସାହିତ ଥିବା କହିଥିଲେ ସମୀର। ସମୀର ଗଣମାଧ୍ୟମକୁ କହିଛନ୍ତି, କର୍ମକର୍ତ୍ତାମାନେ ଆଜିର ସମସ୍ତ ଆୟୋଜନ କରିଥିଲେ। ଟିକେଟ ପୁନର୍ବିଚାର ପାଇଁ ଆମ ନେତା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଛୁ। ତାଙ୍କ ନିଷ୍ପତ୍ତିକୁ ଆମେ ଅପେକ୍ଷା କରିବୁ। ଯଦି ଟିକେଟ ନ ବଦଳିଲା ତା’ହେଲେ ପରବର୍ତ୍ତୀ ପଦକ୍ଷେପ କ’ଣ ନିଆଯିବ, ସେ ନେଇ ନିଷ୍ପତ୍ତି ନେବାକୁ କର୍ମକର୍ତ୍ତାମାନେ ମୋତେ ସଂପୂର୍ଣ୍ଣ ଦାୟିତ୍ୱ ଦେଇଛନ୍ତି। ଟିକେଟ ପରିବର୍ତ୍ତନ ନ ହେଲେ ପରବର୍ତ୍ତୀ ପଦକ୍ଷେପ ସଂପର୍କରେ ମୁଁ କର୍ମକର୍ତ୍ତାଙ୍କ ସହିତ ବସି ଆଲୋଚନା କରିବି। ସମୀରଙ୍କ ବଦଳରେ ବିଜେଡି ଏଥର ବିଜେପିରୁ ଆସିଥିବା ଦିଲ୍ଲୀପ ନାୟକଙ୍କୁ ନିମାପଡ଼ା ବିଧାନସଭା ଆସନରୁ ପ୍ରାର୍ଥୀ କରିଛି। ତାଙ୍କ ପ୍ରାର୍ଥୀ କରାଯିବାର ପର ଦିନ ଅର୍ଥାତ୍ ଗତ ୧୮ ତାରିଖରେ ସମୀରଙ୍କ ସମର୍ଥକମାନେ ଏକ ବୈଠକ କରିଥିଲେ। ଏଥିରେ ନିଷ୍ପତ୍ତି ହୋଇଥିଲା ଯେ ଶନିବାର ଏକ ବିଶାଳ ସମାବେଶ କରି ସମୀରଙ୍କୁ ଟିକେଟ ଦେବାକୁ ଦଳୀୟ ନେତୃତ୍ୱଙ୍କ ନିକଟରେ ଦାବି ଉପସ୍ଥାପନ କରାଯିବ। ଏହି ବୈଠକରେ ସମୀର ମଧ୍ୟ ଯୋଗ ଦେଇଥିଲେ। ସେଠାରେ ସେ ଭାବବିହ୍ୱଳ ହୋଇଯାଇଥିଲେ। ପୁରୀର ୧୧ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଦସ୍ୟ ଧର୍ମେନ୍ଦ୍ର ସାହୁଙ୍କ ଆତ୍ମହତ୍ୟା ଘଟଣାରେ ବିବାଦରେ ଥିଲେ ସମୀର। ତେଣୁ ଦଳ ତାଙ୍କୁ ଟିକେଟ୍ ଦେଇନଥିବା ଚର୍ଚ୍ଚା ହେଉଛି।

### ଟିକେଟ ନମିଳିବାରୁ ଗୁଡ଼ାଏ କଥା....

ଆଧ୍ୟାତ୍ମିକ, କ୍ରୀଡ଼ା ଓ ରାଜନୈତିକ କାର୍ଯ୍ୟକ୍ରମରେ ଯୋଗଦେଇ ଲୋକଙ୍କ ପାଖରେ ରହୁଛି ବୋଲି ଶ୍ରୀ ପାଟ୍ଟଶାଣି କହିଛନ୍ତି। ସୂଚନାରୁ ପ୍ରକାଶ, ଚିଲିକା ପାଇଁ ଆଶାୟୀ ଥିଲେ ପ୍ରସନ୍ନ ପାଟ୍ଟଶାଣି। ଦଳ ସୁପ୍ରିମୋଙ୍କୁ ଠାରୁ ସବୁଜ ସଙ୍କେତ ପାଇଥିବା ଗାଇ ବୋଲୁଥିଲେ। ଏହା ଖରବ ସମ୍ନାକୁ ଆସିବା ପରେ ବିଜେଡି ପାଇଁ ଆଶାୟୀ ଥିବା ରଘୁନାଥ ସାହୁଙ୍କ ସମର୍ଥକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲେ। ପାଟ୍ଟଶାଣିଙ୍କୁ ଖୋଲମ୍‌ଖୋଲା ବିରୋଧ କରିଥିଲେ। ବାରମ୍ବାର ଭୁବନେଶ୍ୱ ଆସି ବିଜେଡି କାର୍ଯ୍ୟାଳୟ ଆଗରେ ପ୍ରତିବାଦ କରିଥିଲେ। ଆଉ ରଘୁନାଥ ସାହୁଙ୍କ ସପକ୍ଷରେ ଯୁକ୍ତି ବାଢ଼ିଥିଲେ। ଯାହାର ଫଳ ଆସି ରଘୁନାଥ ସାହୁଙ୍କୁ ମିଳିଲା। ଆଜି ପ୍ରକାଶ ପାଇଥିବା ଷଷ୍ଠ ପର୍ଯ୍ୟାୟ ତାଲିକାରେ ରଘୁନାଥ ସାହୁଙ୍କୁ ବିଜେଡି ଚିଲିକାରୁ ପ୍ରାର୍ଥୀ କରିଛି।

### ଝାରସୁଗୁଡ଼ାରେ ଡଙ୍ଗାବୁଡ଼ି ଘଟଣା....

୪୦ ଜଣଙ୍କୁ ସଙ୍ଗେ ସଙ୍ଗେ ଉଦ୍ଧାର କରିଥିଲେ। ଫଳରେ ସେମାନେ ବଞ୍ଚି ଯାଇଥିଲେ। କିନ୍ତୁ ଆଉ ୮ ଜଣ ବୁଡ଼ି ଯାଇଥିଲେ। ଜଣଙ୍କ ମୃତଦେହ ଗତକାଲି ମିଳିଥିଲା। ରାତି ପ୍ରାୟ ଦେଢ଼ଟା ପର୍ଯ୍ୟନ୍ତ ଉଦ୍ଧାର କାର୍ଯ୍ୟ ଜାରି ରହିଥିଲେ ହେଁ କାହାକୁ ଉଦ୍ଧାର କରାଯାଇପାରି ନଥିଲା। ଆଜି ଭୋର ୫ଟାରୁ ପୁଣି ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଥିଲା। ସକାଳେ ୬ ଜଣଙ୍କ ମୃତଦେହ ମିଳିଥିଲା। ପରେ ଅପରାହ୍ନ ପ୍ରାୟ ୨ଟା ବେଳେ ଶେଷ ମୃତଦେହ ମିଳିଥିଲା। ଉଦ୍ଧାର କାର୍ଯ୍ୟରେ ଓଡ୍ରାଫ୍ ଟିମ୍ ସହ ଦମକଳ ବାହିନୀର ୪ ଟିମ୍ ଓ ୫ ଜଣ ସ୍କୁବା ଡ୍ରାଇଭର ସାମିଲ ହୋଇଥିଲେ। ଏହା ସହିତ ଏକ ସ୍ୱତନ୍ତ୍ର କ୍ୟାମେରା ଟିମ୍ ମଧ୍ୟ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିଲା। ଉଦ୍ଧାର କାର୍ଯ୍ୟକୁ ତଦାରଖ କରିବାକୁ ଜିଲ୍ଲାପାଳ ଓ ଏସପିଙ୍କ ସହ ଜିଲ୍ଲାର ବହୁ ଅଧିକାରୀ ଗତକାଲି ଠାରୁ ଲଗାତର ଘଟଣାସ୍ଥଳରେ ଉପସ୍ଥିତ ରହିଥିଲେ। ଡଙ୍ଗା ଚଳାଉଥିବା ଦୁଇ ଡଙ୍ଗା ଚାଳକଙ୍କୁ ପୁଲିସ ନିଜ ହେପାଜତକୁ ନେଇଛି। ସେମାନେ ବେଆଇନ ଭାବେ ଡଙ୍ଗା ଚଲାଉଥିଲେ। ଦୁର୍ଘଟଣାଗ୍ରସ୍ତ ଡଙ୍ଗାରେ ଲାଇଫ ଜ୍ୟାକେଟ ନଥିଲା। ଡଙ୍ଗାର ଅବସ୍ଥା ଭଲ ନଥିଲା। ପରିବହନ ବିଭାଗ ପକ୍ଷରୁ ଏହି ଡଙ୍ଗାକୁ ସମସ୍ତ ସୁରକ୍ଷା କବଚ ରଖି ୨୦ରୁ ଅଧିକ ଯାତ୍ରୀ ନ ନେବାକୁ ପରାମର୍ଶ ଦିଆଯାଇଥିଲା। କିନ୍ତୁ ଡଙ୍ଗାରେ ୫୦ରୁ ଅଧିକ ଯାତ୍ରୀ ଥିଲେ। ଫଳରେ ଏହା ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା।

### ଆପ୍ ନେତାଙ୍କ....

ସେ କହିଛନ୍ତି, କେଜ୍ରିୱାଲଙ୍କୁ ଧୀରେ ଧୀରେ ମାରିଦେବାକୁ ଚେଷ୍ଟା ଚାଲିଛି। ସେ ଜଣେ ମଧୁମେହ ରୋଗୀ। ତାଙ୍କର ହାଇ ସୁଗର ଲେବୁଲ ରହିଛି। ଏଥିପାଇଁ ସେ ବାରମ୍ବାର ଇନ୍‌ସୁଲିନ୍ ମାଗୁଛନ୍ତି। କିନ୍ତୁ ତାଙ୍କୁ ଦିଆଯାଉ ନାହିଁ। ସୁଗାର ଲେବୁଲ ବଢ଼ିଲେ ଆଖି, କିଡନୀ, ଲିଭର ଓ ହାର୍ଟ ଉପରେ ପ୍ରଭାବ ପଡେ, ଯାହାର କୌଣସି ଚିକିତ୍ସା ନାହିଁ। ଏଭଳି କରି କେଜ୍ରିୱାଲଙ୍କୁ ହତ୍ୟା କରିବା ପାଇଁ ଷଡଯନ୍ତ୍ର ଚାଲିଛି। ସେ ଆହୁରି କହିଛନ୍ତି, କେଜ୍ରିୱାଲ ଗତ କିଛି ଦିନ ହେବ ମିଛ ମାମଲାରେ ଜେଲ୍‌ରେ ବନ୍ଦୀ ଅଛନ୍ତି। ସମସ୍ତେ ଜାଣନ୍ତି ଯେ, ଦୀର୍ଘ ୨୨ ବର୍ଷ ହେଲା କେଜ୍ରିୱାଲ ମଧୁମେହ ରୋଗରେ ପୀଡିତ। ଏଭଳି ସ୍ଥିତିରେ ଯଦି ରୋଗୀଙ୍କ ମେଡିସିନ୍ ଖାଇ ସୁଗାର ଲେବୁଲ ଠିକ୍ ନହୁଏ ତେବେ ତାଙ୍କୁ ଇନ୍‌ସୁଲିନ୍ ନେବାକୁ ପଡେ। ମୁଖ୍ୟମନ୍ତ୍ରୀଙ୍କୁ ଔଷଧ ଦିଆଯାଉ ନାହିଁ। ତେଣୁ ଇନ୍‌ସୁଲିନ୍ ପାଇଁ ତାଙ୍କୁ କୋର୍ଟ ଯିବାକୁ ପଡୁଛି। ଦିଲ୍ଲୀ ମଦ ଦୁର୍ନୀତି ମାମଲାରେ ଅରବିନ୍ଦ କେଜ୍ରିୱାଲ ତିହାର ଜେଲ୍‌ରେ ବନ୍ଦି ଅଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଏବେ ରାଜନୀତି ଜୋର ଧରିଛି। କେଜ୍ରିୱାଲ ନିଜ ଡାଏଟ୍‌କୁ ନେଇ କୋର୍ଟରେ ଆବେଦନ କରିଥିଲେ। ଶୁକ୍ରବାର ଏହି ମାମଲାର ଶୁଣାଣି ହୋଇଥିଲା। ଏହି ସମୟରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଅଭିଯୋଗ କରିଥିଲା ଯେ କେଜ୍ରିୱାଲ ଜାଣିଶୁଣି ମେଡିକାଲ ଗ୍ରାଉଣ୍ଡ ଆଧାରରେ ଜାମିନ୍ ପାଇବା ପାଇଁ ଜାଣିଶୁଣି ଜେଲ୍ ଭିତରେ ମିଠା ଖାଉଛନ୍ତି। କେଜ୍ରିୱାଲଙ୍କ ପାଇଁ ଘରୁ ଯେଉଁ ଖାଦ୍ୟ ଆସୁଛି, ସେଥିରେ ଆମ୍ବ, ମିଠା, ପୁରୀ ଆଦି ଦିଆଯାଉଛି। ଏଥିପାଇଁ ତାଙ୍କ ସୁଗାର ଲେବୁଲ ବଢୁଛି। ସେପଟେ କେଜ୍ରିୱାଲଙ୍କ ଓକିଲ ଦାବି କରିଥିଲେ, ବର୍ତ୍ତମାନ ସୁଦ୍ଧା ତାଙ୍କ ଘରୁ ୪୮ ଖାଦ୍ୟ ଆସିଛି। ଏଥିରେ ମାତ୍ର ତିନି ଥର କେଜ୍ରିୱାଲଙ୍କୁ ଆମ୍ବ ଦିଆଯାଇଛି।

### ରାଜ୍ୟରେ ୪୫ ଡିଗ୍ରୀ ଟପିଲା ....

୪୩.୬, ନୟାଗଡ଼ରେ ୪୩.୫, ଅନୁଗୋଳରେ ୪୩.୫, କେନ୍ଦୁଝରଗଡ଼ରେ ୪୩.୫, ଝାରସୁଗୁଡ଼ାରେ ୪୩.୨, ହୀରାକୁଦରେ ୪୩.୧, ସମ୍ବଲପୁରରେ ୪୩, ସୁନ୍ଦରଗଡ଼ରେ ୪୩, ଟିଟିଲାଗଡ଼ରେ ୪୩, ସୋନପୁରରେ ୪୨.୭, ରାଉରକେଲାରେ ୪୨.୬, ଢେଙ୍କାନାଳରେ ୪୨, ଭବାନୀପାଟଣାରେ ୪୨, ଚାନ୍ଦବାଲିରେ ୪୧.୬, ମାଲକାନଗିରିରେ ୪୧.୬ ଓ ଭଦ୍ରକରେ ୪୧.୫ ରେକର୍ଡ କରାଯାଇଛି। ପାରଳାଖେମୁଣ୍ଡି, ଯାଜପୁର, ଫୁଲବାଣୀ, ବରଗଡ଼, କଟକ, ଭୁବନେଶ୍ୱର ଓ ଖୋର୍ଦ୍ଧାରେ ଆଜି ଦିନର ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ରହିଥିଲା। ସେହିପରି ବାଲେଶ୍ୱର, କେନ୍ଦ୍ରାପଡ଼ା ଓ ଛତ୍ରପୁରରେ ୪୦ ଡିଗ୍ରୀ ରହିଥିଲା। ଗ୍ରୀଷ୍ମ ପ୍ରବାହରୁ ଅତି ଗ୍ରୀଷ୍ମ ପ୍ରବାହ ନେଇ ଆସନ୍ତାକାଲି ପାଇଁ ମୟୂରଭଞ୍ଜ, କେନ୍ଦୁଝର ଓ ଅନୁଗୋଳ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି। ସେହିପରି ବାଲେଶ୍ୱର, ଯାଜପୁର, ଢେଙ୍କାନାଳ, ବୌଦ୍ଧ, କନ୍ଧମାଳ, ଖୋର୍ଦ୍ଧା, କଟକ, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଗ୍ରୀଷ୍ମ ପ୍ରବାହ ହେବା ନେଇ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ଆସନ୍ତାକାଲି କନ୍ଧମାଳ, ଗଞ୍ଜାମ, ରାୟଗଡ଼ା, ଗଜପତି, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା, କଳାହାଣ୍ଡି ଓ ବଲାଙ୍ଗିର ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ କାଳବୈଶାଖୀ ହୋଇପାରେ। ବିଜୁଳି ମାରିବା ସହିତ ଘଣ୍ଟା ପ୍ରତି ୪୦ରୁ ୫୦ କିମି ବେଗରେ ପବନ ହୋଇପାରେ। ୨୪ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ହେବା ନେଇ ପୂର୍ବାନୁମାନ କରିଛି। ତେବେ ୨୫ରୁ ପୁଣି ତାତି ବଢ଼ିପାରେ।

### ରାଜ୍ୟରେ ୪୫ ଡିଗ୍ରୀ....

ଗ୍ରୀଷ୍ମ ପ୍ରବାହ ବଢୁଥିବାରୁ ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ଅଭୟାରଣ୍ୟରେ ଲାଗିଛି ନିଆଁ। ଗୋଟିଏ କି ଦୁଇଟି ନୁହେଁ, ୧୩ଟି ସ୍ଥାନରେ ଲାଗିଛି ନିଆଁ। ଉତ୍ତର ଶିମିଳିପାଳର ୮ଟି ପଏଣ୍ଟ ଓ ଦକ୍ଷିଣ ଶିମିଳିପାଳର ୫ ଟି ପଏଣ୍ଟରେ ଲାଗିଛି ନିଆଁ। ତାଳବନ୍ଦ ଓ ଡୁକୁରା ରେଞ୍ଜରେ ଅଧିକ ପରିମାଣରେ ନିଆଁ ଲାଗିଛି। ନିଆଁକୁ ଆୟତ୍ତ କରିବା ପାଇଁ ବନ ବିଭାଗ ଚେଷ୍ଟା କରୁଛନ୍ତି। ହେଲେ ନିଆଁକୁ ଆୟତ୍ତ ହେଉନି। ଗୋଟିଏ ସ୍ଥାନରେ ନିଆଁ ଲିଭାଇଲେ, ଅନ୍ୟ ସ୍ଥାନରେ ଲାଗି ଯାଉଛି। ଯଶିପୁର ଉତ୍ତର ଶିମିଳିପାଳ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ନିକେସ କୁମାର କହିଛନ୍ତି, ଜଙ୍ଗଲରେ ନିଆଁ ନଲଗାଇବା ପାଇଁ ବନ କର୍ମଚାରୀମାନେ ସଚେତନତା କରୁଛନ୍ତି। ନିୟମିତ ପାଟ୍ରୋଲିଂ କରାଯାଉଛି। ଯେଉଁସ୍ଥାନରେ ଅଧିକ ନିଆଁ ଲାଗେ, ସେଠାରେ ଅଧିକ କର୍ମଚାରୀ ମୁତୟନ କରାଯାଇଛି। ନିଆଁ ଲିଭାଇବା ସରଞ୍ଜାମ ମହଜୁଦ୍ ରହିଛି। ଯେଉଁଥିପାଇଁ ଗତବର୍ଷ ଅପେକ୍ଷା ଏଥର କମ୍ ? ନିଆଁ ଲାଗିଛି। ଯେଉଁଠି ନିଆଁ ଲାଗୁଛି, ଶୀଘ୍ର ଆୟତ୍ତ କରାଯାଉଛି ବୋଲି ନିକେସ କୁମାର କହିଛନ୍ତି।

# ବାଇକ୍ ଉପରେ ଚଢ଼ିଗଲା ଆମ୍ବୁଲାନ୍ସ, ସ୍ୱାମୀ-ସ୍ତ୍ରୀଙ୍କ ମୃତ୍ୟୁ, ରକ୍ଷାପାଇଲେ ୨ ଝିଅ

ବୌଦ୍ଧ, ୨୦/୪ (ନି.ପ୍ର): ବୌଦ୍ଧ ମହାନଦୀ ସେତୁ ଉପରେ ଘଟିଛି ମର୍ମନ୍ତୁଦ ସଡକ ଦୁର୍ଘଟଣା। ବାଇକ ଉପରେ ଚଢ଼ିଗଲା ଆମ୍ବୁଲାନ୍ସ। ଦୁର୍ଘଟଣାରେ ସ୍ୱାମୀ-ସ୍ତ୍ରୀଙ୍କ ମୃତ୍ୟୁ ହୋଇଥିବା ବେଳେ ସୌଭାଗ୍ୟକ୍ରମେ ରକ୍ଷାପାଇଛନ୍ତି ଦୁଇ ଝିଅ। ମହାନଦୀ ସେତୁ ଉପରେ ବାଇକ ସହ ସ୍ୱାମୀ-ସ୍ତ୍ରୀ ଛିଡା ହୋଇଥିବା ବେଳେ ଏକ ବେସରକାରୀ ଆମ୍ବୁଲାନସ ଦ୍ରୁତ ଗତିରେ ଆସି ବାଇକ ସହ ସ୍ୱାମୀ-ସ୍ତ୍ରୀ ଙ୍କୁ ଚାପିଦେଇଥିଲା। ସୂଚନା ପ୍ରକାରେ, ବୌଦ୍ଧ ଜିଲା ସଦେଇପୁର ଗ୍ରାମର ମିଟୁ ବେହେରା ଅନଗୁଳ ଜିଲା ଆଠମଲ୍ଲିକ ସ୍ଥିତ ନିଜ ଶ୍ୱଶୁର ଘରୁ ସ୍ତ୍ରୀ ମନୋରମା ଓ ୨ ଝିଅଙ୍କୁ ଧରି ବାଇକ ଯୋଗେ ନିଜ ଘରକୁ ଫେରୁଥିଲେ। ଝିଅ ମାନେ ସେତୁ ଉପରୁ ନଦୀ ପାଣି ଦେଖିବାକୁ ଜିଦ କରିବାରୁ ମିଟୁ ବାଇକ ରଖି ଝିଅଙ୍କୁ ଓଲ୍ହାଇଥିଲେ। ଝିଅ ମାନେ ସେତୁ ବାଡା ପାଖରେ ଛିଡା ହୋଇ ନଦୀ ପାଣି ଦେଖୁଥିଲେ ଓ ସ୍ୱାମୀ-ସ୍ତ୍ରୀ ବାଇକ ଉପରେ ବସି ରହିଥିଲେ। ଆମ୍ବୁଲାନ୍ସ ଧକ୍କାରେ ଘଟଣାସ୍ଥଳରେ ମିଟୁଙ୍କ ମୃତ୍ୟୁ ହୋଇଥିବା ବେଳେ ବୌଦ୍ଧ ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମନୋରମାଙ୍କ ମୃତ୍ୟୁ ହୋଇଛି। ଅନ୍ୟପକ୍ଷରେ ଦୁର୍ଘଟଣା ଘଟାଇ ଆମ୍ବୁଲାନ୍ସ ଚାଳକ ଫେରାର ହୋଇଯାଇଥିବା ଜଣାପଡିଛି। କିଆକଟା ଥାନା ପୋଲିସ ଘଟଣାର ତଦନ୍ତ କରୁଛି।

# ଭାନୁପୁରରେ ମା' ବାସନ୍ତୀ ଦୁର୍ଗାପୂଜା ଓ ମହୋତ୍ସବ ପାଳନ

ଲଙ୍ଗଳେଶ୍ୱର ୨୦/୪(ନିପ୍ର) ବାଲିଆପାଳ ବ୍ଲକ ଅନ୍ତର୍ଗତ ରତାଇ ପଞ୍ଚାୟତର ଭାନୁପୁର ଠାରେ ଥିବା ବାସନ୍ତୀ ପୂଜା ପଡ଼ିଆରେ ମା'ଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ପୂଜା ମଣ୍ଡପ ରେ ଶହଶହ ଶ୍ରଦ୍ଧାଳୁ ମା'ଙ୍କ ଆର୍ଶୀବାଦ ଲାଭ କରିଛନ୍ତି। ମା'ଙ୍କ ମୃଣ୍ମୟ ମୂର୍ତ୍ତି ସାଙ୍ଗକୁ ତୋରଣ ଓ ଆକର୍ଷଣୀୟ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି। ପୂଜା କମିଟି ଦ୍ୱାରା ଦୁଇ ବର୍ଷ ହେଲା ବାସନ୍ତୀ ପୂଜା ପାଳନ କରାଯାଉଛି। ଗ୍ରାମବାସୀଙ୍କ ଅକ୍ଲାନ୍ତ ପରିଶ୍ରମ ରେ ଲୋକଙ୍କୁ ମନୋରଞ୍ଜନ ପାଇଁ ପ୍ରତ୍ୟେକ ଦିନ ସନ୍ଧ୍ୟାରେ, ନୃତ୍ୟ ସଙ୍ଗୀତ, ବାଦି ପାଲା, ଅପେରା, ମେଲୋଡି, ନାମିଦାମୀ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେଉଛି। ନବମୀ ପୂଜା ପରେ ଅଷ୍ଟପ୍ରହରୀ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହେବାପରେ ଦଶହରା ଦିନ ସାତ ହଜାର ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ହେଉଥିଲା।୨୬ ତାରିଖ ପର୍ଯ୍ୟନ୍ତ ଏହି ପଡ଼ିଆରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମେଳା ଅନୁଷ୍ଠିତ ହେବ ବୋଲି କମିଟି ର ପଞ୍ଚାନନ ପ୍ରଧାନ, ରାଜେନ୍ଦ୍ର ପ୍ରଧାନ,ଅନନ୍ତ ରାଉତ, ରାଧା ମାଧବ ବିଶ୍ୱାଳ,ଲମ୍ବୋଦର ପ୍ରଧାନ ପ୍ରମୁଖ କର୍ମକର୍ତ୍ତା। କହିଛନ୍ତି।ଭାନୁପୁର ଗ୍ରାମ ବାସୀ ଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳନା ହେଉଛି।



# ବୈଷ୍ଣବବନ୍ଧ ଆଶ୍ରମ ଓ ସେବାଶ୍ରମରୁ ନିର୍ଗତ ଗଟର ପାଣି ଏବେ ଅନ୍ତେବାସୀଙ୍କ ପାଇଁ କାଳ

## ଦୁର୍ଗନ୍ଧଯୁକ୍ତ ପରିବେଶରେ ବିଦ୍ୟାଳୟ ସମେତ ଚତୁର୍ପାର୍ଶ୍ୱ ଅଞ୍ଚଳ, କର୍ତ୍ତୃପକ୍ଷ ନୀରବଦ୍ରଷ୍ଟା

ନୀଳଗିରି , ୨୦/୪ (ନି.ପ୍ର): ସମାଜର ମୁଖ୍ୟ ସ୍ରୋତରେ ସାମିଲ କରି ଉନ୍ନତ ମାନର ଶିକ୍ଷା ପ୍ରଦାନ କରିବା ସହିତ ଗରିବ ଆଦିବାସୀ ପିଲାମାନଙ୍କୁ ନିଶୁଳ୍କ ଖାଦ୍ୟ ବସ୍ତ୍ର ସହିତ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବାକୁ ରାଜ୍ୟ ତଥା କେନ୍ଦ୍ର ସରକାର ଭିନ୍ନ ଭିନ୍ନ ଯୋଜନାକରି ଶିକ୍ଷା ପ୍ରଦାନ କରୁଛନ୍ତି। ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ୍ ନରଣପୁର ପଞ୍ଚାୟତ ବୈଷ୍ଣବବନ୍ଧ ଠାରେ ରାଜ୍ୟ ସରକାରଙ୍କ ଆଦିବାସୀ ଉନ୍ନୟନ ସଂସ୍ଥା ତରଫରୁ ପ୍ରଥମରୁ ଅଷ୍ଟମ ଏବଂ ଅଷ୍ଟମରୁ ଦଶମ ପର୍ଯ୍ୟନ୍ତ ଦୁଇଗୋଟି ବିଦ୍ୟାଳୟ ଗୋଟିଏ କ୍ୟାମ୍ପସରେ ରହିଅଛି। ଏଠାରେ ପାଞ୍ଚଶହ ପାଖାପାଖି ପିଲା ଅନ୍ତେବାସୀ ହିସାବରେ ରହି ପଢୁଛନ୍ତି। ମାତ୍ର ଏତେ ସଂଖ୍ୟକ ପିଲାଙ୍କ ପାଇଁ ଉପଯୁକ୍ତ ପାଇଖାନା ଓ ପାଣିର ବ୍ୟବସ୍ଥା ନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ପିଲାମାନଙ୍କ ବ୍ୟବହାର ପାଇଁ ନିର୍ମାଣ କରାଯାଇଥିବା ପାଇଖାନା ଟାଙ୍କି , ଗାଧୁଆଘରର ପାଣି ଓ ଶୌଚାଳୟ ପାଣି ବ୍ୟତୀତ ଅନ୍ୟାନ୍ୟ ବ୍ୟବହାରିକ ପାଣି ଗୁଡ଼ିକ ନିଷ୍କାସନ ପାଇଁ ନିର୍ଦ୍ଦିଷ୍ଟ ମାନର ଟାଙ୍କି କରାଯାଇନାହିଁ। ଫଳରେ ଅଧିକାଂଶ ସମୟରେ ଟାଙ୍କିଟି ପୂର୍ଣ୍ଣହେବା ଫଳରେ ବର୍ଜ୍ୟବସ୍ତୁ ସବୁ ଓଭର ଫ୍ଲୋ ହୋଇ ନିକଟରେ ଥିବା ଡ୍ରେନରେ ପଡ଼ିଥାଏ। ଡ୍ରେନ ପାଣିରେ ଆଖପାଖ ଅଞ୍ଚଳ ସମେତ ବିଦ୍ୟାଳୟ ପରିସର ଗନ୍ଧରେ ନାକ ଫାଟି ପଡୁଛି। ଏତଦବ୍ୟତୀତ ଉକ୍ତ ଅପରିଷ୍କାର ପାଣି ଆଖପାଖ ଜଳାଶୟରେ ପଡିବା ଫଳରେ ବିଭିନ୍ନ ସଂକ୍ରାମକ ରୋଗ ବ୍ୟାପିବାର ସମ୍ଭାବନାକୁ ଏଡାଇ ଦିଆଯାଇନପାରେ। ଏଥିସହିତ ବିଦ୍ୟାଳୟ ଅନ୍ତେବାସୀ ମାନଙ୍କ ଅଭିଭାବକ ଏଭଳି ପରିବେଶରେ ସେମାନଙ୍କର ପିଲାମାନେ ନିରାପଦ ନୁହନ୍ତି ଭାବି ବିଦ୍ୟାଳୟରୁ ଅନ୍ୟତ୍ର ନେଇ ଯିବାକୁ ମନସ୍ଥ କରିଥିବା ସୂଚନା ମିଳିଛି। ଏତଦ୍ ଭିନ୍ନ ଉକ୍ତ ଡ୍ରେନପାଣି ନିକଟସ୍ଥ ଧିରିଘୁଟ ଗାଁ ଦେଇ ଯାଇଥିବାରୁ ଗ୍ରାମବାସୀ ଏବଂ ସେମାନଙ୍କର ପୋଷା ଜନ୍ତୁ ଗୁଡିକ ଉକ୍ତ ଦୂଷିତ ପାଣି ସଂସ୍ପର୍ଶରେ ଆସୁଛନ୍ତି। ଆଗକୁ ବର୍ଷାଦିନ ଆସୁଥିବାରୁ ଉକ୍ତ ନର୍ଦ୍ଦମା ପାଣି ଆଖପାଖ ଜଳାଶୟରେ ମିଶିବାର ଅଧିକ ସମ୍ଭାବନା ଅଛି। ଉକ୍ତ ପାଣି ମିଶିବା ଫଳରେ ହଇଜା, ଝାଡାବାନ୍ତି ଭଳି ମାରାତ୍ମକ ବେମାରରେ ପଡ଼ିବାର ଆଶଙ୍କା ରହିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ଭାଲୁକାଶୁଣି ନରଣପୁର ମୁଖ୍ୟ ରାସ୍ତାରେ ଯାଉଥିବା ଯାତ୍ରୀ ଉକ୍ତ ଅଞ୍ଚଳ ଦେଇ ଯିବା ଅସମ୍ଭବ ହୋଇପଡ଼ିଛି। ବିଗତ ଦିନରେ କିଛି ମହିଳାଯାତ୍ରୀ ବାନ୍ତି କରିଥିବା ସୂଚନା ରହିଛି। ତେବେ ପୂର୍ବରୁ ଅଞ୍ଚଳବାସୀ ନୀଳଗିରି ବ୍ଲକ୍ ପରିସରରେ ପୂର୍ବତନ ବାଲେଶ୍ୱର ଜିଲ୍ଲାପାଳଙ୍କ ଜନଶୁଣାଣୀ କାର୍ଯ୍ୟକ୍ରମରେ ଅଭିଯୋଗ କରିଥିଲେ। ମାତ୍ର ଏପର୍ଯ୍ୟନ୍ତ କୌଣସି ଠୋସ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ନୀରବଦ୍ରଷ୍ଟା ସାଜିଥିବା ପ୍ରଶାସନ ଖୁବ ଶୀଘ୍ର ଯଦି କୌଣସି ପଦକ୍ଷେପ ନ ନିଅନ୍ତି ତାହେଲେ ଆଗାମୀ ଅଳ୍ପଦିନ ମଧ୍ୟରେ ରାସ୍ତାରୋକ କରାଯିବ ବୋଲି ଅଞ୍ଚଳବାସୀ ସୂଚନା ଦେଇଛନ୍ତି।



# ଯୁବକର ଆତ୍ମହତ୍ୟା ଉଦ୍ୟମ

ବେତନଟୀ , ୨୦/୪ (ନି.ପ୍ର): ବେତନଟୀ ଥାନା ଅଧୀନ ବେତନଟୀ ସ୍ଥିତ ଏକ ଢ଼ାବା ରେ ଯୁବକ ଜଣଙ୍କ ଛୁରୀ ରେ ବେକ କାଟି ଆତ୍ମହତ୍ୟା ଉଦ୍ୟମ କରିଛି। ଯୁବକ ଜଣଙ୍କ ହେଉଛନ୍ତି ମୋରଡା ଥାନା ଅଧୀନ ତୁଟାପଡା ଗ୍ରାମର ଲମ୍ବୋଦର ମହାନ୍ତ (୫୫) ବୋଲି ଜଣାପଡିଛି। ଘଟଣା ରୁ ପ୍ରକାଶ ଲମ୍ବୋଦର ତାଙ୍କ ମା ଙ୍କ ସହ ତାଙ୍କ ମାମୁଁ ଘର କୁଣ୍ଡେଇ କୁ ଆସିଥିବା ବେଳେ ଆଜି ସକାଳେ ଏକ ସ୍କୁଟି ରେ ବେତନଟୀ ଅଞ୍ଚଳ ରେ ଥିବା ଏକ ଢାବା କୁ ଚା ପିଇବା ପାଇଁ ଆସିଥିଲା। ଚା ପିଇବା ପରେ ଢାବା ରେ କାମ କରୁଥିବା ଜଣେ ଯୁବକ କୁ ଛୁରୀ ମାଗିଥିଲେ। ସେହି ଛୁରୀ ରେ ନିଜର ବେକ କୁ କାଟି ଦେଇଥିଲେ। ଏହି ଘଟଣା ଦେଖିବା ପରେ ସ୍ଥାନୀୟ ଲୋକେ ସାହାଯ୍ୟ ରେ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ଆଣାଯାଇଥିଲା। ତାଙ୍କର ଅବସ୍ଥା ଅଧୀକ ଗୁରୁତର ହେବାରୁ ତାଙ୍କୁ ବାରିପଦା ପିଆରେମ ମେଡିକାଲ କଲେଜ କୁ ପଠାଇଦିଆ ଯାଇଥିଲା। ଏହି ଖବର ପାଇ ବେତନଟୀ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ହୋପ୍ସଏଜ ଟ୍ରଷ୍ଟର ସେବା କାର୍ଯ୍ୟ

କଟକ, ୨୦/୪ (ନି.ପ୍ର): ପ୍ରଚଣ୍ଡ ଖରା ଓ ଗୁଳଗୁଳି ସତ୍ୟେ ମର୍କତନଗର ସେକ୍ଟର ସାତ ଓ ଆଠ ରାସ୍ତା କଡ଼ ଉଭୟ ପାର୍ଶ୍ୱ ପନିପରିବା ବିକ୍ରୟ କରୁଥିବା ଶତାଧିକ ଖୁଦ୍ର ଉଠା ଦୋକାନୀ ଭାଇ ମାନଙ୍କୁ ପ୍ରଚଣ୍ଡ ରୌଦ୍ରତାପ ରକ୍ଷା ପାଇଁ ହୋପ -ଏଜ ଟ୍ରଷ୍ଟ ପକ୍ଷରୁ ଧଳା ମୁଣ୍ଡ ଟୋପି ଓ ଓ ଆର ଏସ ପାଉଚ ଆଜି ସକାଳୁ ବିତରଣ କରାଯାଇଛି । ପରେ ରାସ୍ତା ସଫେଇ କର୍ମଚାରୀ ମାନଙ୍କୁ ଏ ସୁବିଧା ଟ୍ରଷ୍ଟ ପକ୍ଷରୁ ଆଗାମୀ ଦିନ ରେ ଯୋଗାଇଦିଆଯିବ ବୋଲି ସମ୍ପାଦକ ଶ୍ରୀ ରଂଜିତ ସାହୁ ପ୍ରକାଶ କରିଥିଲେ । ହୋପ -ଏଜ ଟ୍ରଷ୍ଟି ଡ଼ଃ ସତ୍ୟ ରାୟ, ଉପାଧକ୍ଷ ବିଜୟ କୁମାର ପୃଷ୍ଟି, ପୃଷ୍ଟପୋଷକ ଉତ୍କଳ ଭୂଷଣ ରାଉତରାୟ ଓ ସୁଜାତା ପଟ୍ଟନାୟକ, ପଥଚାରୀ କ୍ଲବ ସଭାପତି ଦେବେନ୍ଦ୍ର ସୁତାର, ଟ୍ରଷ୍ଟ ସମ୍ପାଦକ ରଂଜିତ ସାହୁ, ଇଂ କେ. କେ. ଦାସବର୍ମା, ନିତ୍ୟାନନ୍ଦ ମିଶ୍ର, ନକୁଳ ଚନ୍ଦ୍ର ମହାରଣା, ହିମାଂଶୁବାଳା ପଟ୍ଟନାୟକ, ସୁନୀଲ ରାୟ ଓ ପି. କେ. ସାହୁ ପ୍ରମୁଖ ଦୋକାନୀ ମାନଙ୍କୁ ଟୋପି ପିନ୍ଧାଇବା ସହ ଓ. ଆର. ଏସ ପାଉଚ ବିତରଣ କରିଥିଲେ।



# ପାଣିରେ ବୁଡି ବୃଦ୍ଧ ମୃତ


ନୀଳଗିରି, ୨୦/୪ (ନି.ପ୍ର): ବରହମପୁର ଥାନା ଅଧୀନ ମାଟିଆଳୀ ଗ୍ରାମରେ ପାଣିରେ ବୁଡି ଜଣେ ୫୫ ବର୍ଷୀୟ ବୃଦ୍ଧ ପ୍ରାଣ ହରାଇଛନ୍ତି। ମୃତକ ଜଣକ ଉକ୍ତ ଗ୍ରାମର ବିଜୟ ପ୍ରଧାନ।ବିଜୟ ଜଣେ ଦିନ ମଜୁରିଆ ଭାବରେ କାର୍ଯ୍ୟ କରୁଥିଲେ। ଗତ କାଲି ସନ୍ଧ୍ୟା ସମୟରୁ ସେ ଘରୁ ବାହାରି ଆସିଥିଲେ ମଧ୍ୟ ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ଫେରିନଥିଲେ। ଫଳରେ ଘର ଲୋକେ ଅନେକ ସ୍ଥାନରେ ଖୋଜା ଖୋଜି କରିଥିଲେ। ଆଜି ସକାଳୁ ଗ୍ରାମର କିଛି ଲୋକେ ମାଟିଆଳୀ ହାଇସ୍କୁଲ ପଛରେ ଥିବା ଶାସନ ପୋଖରୀକୁ ଗାଧୋଇବାକୁ ଯାଇଥିବା ସମୟରେ ଗୋଟିଏ ହାତ ଭାସୁଥିବାର ଦେଖି ଗାଁ ଲୋକଙ୍କୁ ଅବଗତ କରିଥିଲେ। ଗ୍ରାମବାସୀ ଶବଟିକୁ ଉଦ୍ଧାର କରିବା ସହ ତାହା ବିଜୟଙ୍କ ଶବ ବୋଲି ପରିବାର ଲୋକେ ଚିହ୍ନଟ କରିଥିଲେ। ବରହମରୁର ପୋଲିସ ୪/୨୪ ରେ ଏକ ଅପମୃତ୍ୟୁ ମାମଲା ରୁଜ୍ଜୁ କରି ଶବ ବ୍ୟବଚ୍ଛେଦ କରିଛି।

# ତେଲ ଟ୍ୟାଙ୍କରରେ ଅଗ୍ନିକାଣ୍ଡ : ହୁ ହୁ ହୋଇ ଜଳିଗଲା ଟ୍ୟାଙ୍କର



ପାରାଦୀପ, ୨୦/୪ (ନି.ପ୍ର): ପାରାଦୀପ ଅଠରବାଙ୍କୀ ନିକଟରେ ଥିବା ଭାରତ ପେଟ୍ରୋଲିୟମ୍ ତେଲ ଡିପୋ ସମ୍ମୁଖରେ ଆଜି ଏକ ତେଲ ଟ୍ୟାଙ୍କରରେ ଅଗ୍ନିକାଣ୍ଡ ଘଟିବାରୁ ଟ୍ୟାଙ୍କରଟିର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଜଳିଯାଇଛି। ନିକଟରେ ଥିବା ଅନ୍ୟ ଏକ ଟ୍ୟାଙ୍କର ମଧ୍ୟ କ୍ଷତିଗ୍ରସ୍ତ ହୋଇଥିବା ଜଣା ପଡିଛି। ଘଟଣାରୁ ପ୍ରକାଶଯେ, ପାରାଦୀପ ଉପକଣ୍ଠ ବାଉରିଆପାଳନ୍ଦା ନିକଟସ୍ଥ ବିପିସିଏଲ୍ ତେଲ ଡିପୋ ନିକଟରେ ସବୁ ବେଳେ ତେଲ ନେବା ପାଇଁ ଟ୍ୟାଙ୍କର ଗୁଡିକ ଆସି ରହିଥାନ୍ତି। ଶନିବାର ମଧ୍ୟାହ୍ନରେ କୌଣସି କାରଣରୁ ଏକ ଟ୍ୟାଙ୍କରରେ ନିଆଁ ଲାଗି ଯାଇଥିଲା। ନିଆଁ ଲିଭାଇବା ପାଇଁ ଉପସ୍ଥିତ ଡ୍ରାଇଭରମାନେ ଉଦ୍ୟମ କରିଥିଲେ। ଖବରପାଇ ଅଗ୍ନିଶମ ବିଭାଗର କର୍ମଚାରୀମାନେ ପହଂଚି ନିଆଁକୁ ଆୟ କରିଥିଲେ। ତେବେ ଟ୍ୟାଙ୍କରରେ ଥିବା ବ୍ୟାଟେରୀରେ ସଟ୍ ସର୍କିଟ୍ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିବା ଜଣା ପଡିଛି। ତେବେ ଏହା ନିକଟରେ ଅନ୍ୟ ଦୁଇ ଗୋଟି ତେଲ କମ୍ପାନୀ ଏଚପିସିଏଲ୍ ଓ ଇଣ୍ଡିୟାନ୍ ଅଏଲ୍ର ମଧ୍ୟ ତେଲ ଡିପୋ ରହିଛି। ତିନି ଗୋଟି ଡିପୋରୁ ପ୍ରତ୍ୟହ ତେଲ ନେବା ପାଇଁ ଟ୍ୟାଙ୍କର ଗୁଡିକ ଆସୁଥିବା ବେଳେ ସେଠାରେ ପାର୍କିଙ୍ଗ ପାଇଁ ନିର୍ଦ୍ଧାରିତ ସ୍ଥାନ ନାହିଁ। ଏଥି ସହିତ ଇଣ୍ଡିଆନ୍ ଅଏଲ୍ର ଗ୍ୟାସ ଟର୍ମିନାଲ ମଧ୍ୟ ରହିଛି। ଫଳରେ ବହୁ ସଂଖ୍ୟାରେ ଟ୍ୟାଙ୍କର ଗୁଡିକ ଗୋଟିଏ ସ୍ଥାନରେ ଗଦା ହୋଇ ରହୁଛି। ତେଲ କମ୍ପାନୀମାନେ ନିଜ ସ୍ୱାର୍ଥକୁ ଦୃଷ୍ଟିରେ ରହି ଟ୍ୟାଙ୍କର ପାର୍କିଙ୍ଗର ବ୍ୟବସ୍ଥାକୁ ଗୁରୁତ୍ୱ ଦେଉ ନଥିବା ଅଭିଯୋଗ ହୋଇଛି। ଯଦି କୌଣସି ଏକ ବଡ ଅଘଟଣ ଘଟିଥାନ୍ତା ତେବେ ପାରାଦୀପ ଅଂଚଳରେ ଅସହ୍ୟ ଗରମ ଦିନରେ ପରିସ୍ଥିତି ବହୁ ବଡ ଦୁର୍ବିସହ ହୋଇଥାନ୍ତା।

# କବିତା ପୁସ୍ତକ 'ଉତ୍ତର ଫାଲଗୁନ' ଉନ୍ମୋଚିତ



ଭୁବନେଶ୍ୱର , ୨୦/୪ (ନି.ପ୍ର): କବି ସମରେନ୍ଦ୍ର ମହାପାତ୍ରଙ୍କ କବିତା ପୁସ୍ତକ ଉତ୍ତର ଫାଲଗୁନ ଆଜି ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ଲୋହିଆ ଏକାଡେମୀ ଠାରେ ଉନ୍ମୋଚିତ ହୋଇଯାଇଛି । ଡ. ମିହିର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବ ରେ ବିଶିଷ୍ଟ ଲେଖକ ଦାସ ବେନହୁର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲାବେଳେ କବ ୟିତ୍ରୀ ମମତା ଦାସ, କବି ଆଶୁତୋଷ ପରିଡା ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ । ପ୍ରାରମ୍ଭରେ ସମ୍ପାଦକ କୃଷ୍ଣ ନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । କବି ସମରେନ୍ଦ୍ର ନିଜସ୍ୱ ଆଭିମୁଖ୍ୟ ପ୍ରଦାନ କରିଥିଲେ । ପରିଶେଷରେ ଡ଼ ରଜନୀ ରଞ୍ଜନ ଧନ୍ୟବାଦ ଅର୍ପଣ କରିଥିଲେ।

# ଦୁର୍ଘଟଣାରେ ହୋମଗାର୍ଡଙ୍କ ମୃତ୍ୟୁ

ନୀଳଗିରି, ୨୦/୪ (ନି.ପ୍ର): ଦୁର୍ଘଟଣା ନେଲା ହୋମଗାର୍ଡଙ୍କ ଜୀବନ । ଥାନାକୁ ଡ୍ୟୁଟି ଆସୁଥିବା ସମୟରେ ଗାଡି ଧକ୍କାରେ ହୋମଗାର୍ଡଙ୍କ ମୃତ୍ୟୁ ହୋଇଛି । ନୀଳଗିରି ଥାନାର ହୋମଗାର୍ଡ ଲକ୍ଷ୍ମୀଧର ଜେନା ଆଜି ଥାନାକୁ ଡ୍ୟୁଟି ଯାଉଥିବା ସମୟରେ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ସକାଳେ ଛୋଟକାନପୁର ନିଜ ଘରୁ ଥାନାକୁ ସାଇକେଲରେ ଯାଉଥିବା ସମୟରେ ନୀଳଗିରି ସହରସ୍ଥିତ ଆଇ.ଟି.ଡି.ଏ. କାର୍ଯ୍ୟାଳୟ ନିକଟରେ ଏକ କ୍ଷୀର ଗାଡି ତାଙ୍କୁ ଧକା ଦେଇଥିଲା । ଏହାପରେ ସେ ଗୁରୁତର ହୋଇପଡ଼ିଥିଲେ । ପ୍ରଥମେ ନୀଳଗିରି ପରେ ବାଲେଶ୍ୱର ମେଡିକାଲ ନିଆଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି ।

# ହାତିଆଡିହା ଶିବମୁନି ଯୋଗାଶ୍ରମରେ ଶୁଭ ଜନ୍ମଦିନ ପାଳନ



ରୂପସା, ୨୦/୪ (ନି.ପ୍ର): ହାତିଆଡିହା ଶିବମୁନି ଯୋଗାଶ୍ରମରେ, ଆଶ୍ରମର ବରିଷ୍ଠ ଯୋଗ ସାଧକ ଯୋଗୀ ପରମାନନ୍ଦ ମୁନି ଜୀ ଙ୍କ ସୁ ପୁତ୍ର ଇ'ନିଶୀଥ ନୟନ ବାରିକ ଙ୍କ ୪୦ ତମ ଏବଂ ସୁ ପୁତ୍ରବଧୂ ଲିପିକା ବାଛିନୀଙ୍କ ୩୨ ତମ ଶୁଭ ଜନ୍ମଦିନ ମହା ସମାରୋହରେ ପାଳିତ ହୋଇଯାଇଛି। ଉପସ୍ଥିତ ଥିଲେ, ଆଶ୍ରମର ଉପାଧକ୍ଷା, ଆତ୍ମଜ୍ଞାନୀ ମୁନିରାଜ୍ଞୀ କନକଲତା ମହାପାତ୍ର ମହୋଦୟା,ସିଦ୍ଧ ସାରିକି ସିଦ୍ଧ ସାଧିକା ଶକୁନ୍ତଳା ପରିଡ଼ା। ମହୋଦୟା, ମୁନିରାଜ୍ଞୀ ସୁମତୀ ଦଳାଇ, ମୁନିରାଜ୍ଞୀ ବିମଳା ଲେଙ୍କା, ଆତ୍ମଜ୍ଞାନୀ ଗଣେଶ୍ୱର ମୁନିଜୀ ମହୋଦୟ ।ମୁନିମତୀ ପୂର୍ଣିମା ବର, ମୁନିମତୀ ଜାହ୍ନବୀ ଗିରି, ମୁନିମତୀ ଯମୁନା ପାତ୍ର, ମୁନିମତୀ ଜୟନ୍ତୀ ଗିରି, ମୁନିମତୀ କୁନି ମାଝୀ, ମୁନିମତୀ ଉର୍ମିଳା ରାଉଳ,ମୁନିକୁମାରୀ ପ୍ରଭାସିନୀ ବର, ମୁନିକୁମାରୀ ନୀହାରିକା ବର, ମୁନିକୁମାରୀ ଉର୍ମିଳା ପାତ୍ର, ମୁନିମତୀ ଯମୁନା ବର, ମୁନିମତୀ ସୁମତୀ ବେହେରା ପ୍ରମୁଖ। ଆତ୍ମଜ୍ଞାନୀ ଯୋଗୀ ପରମାନନ୍ଦ ମୁନି ଜୀ ଙ୍କ ଅଧକ୍ଷତାରେ, ସମୂହ ପ୍ରଣବ, ଶୁଭ ଭାବନା, ବେଦ ପାଠ, ଶାନ୍ତି ପାଠ କରାଯାଇ,ଆୟୁଷ୍ମାନ୍ ନିଶୀଥ ନୟନ ଙ୍କୁ ଏବଂ ଆୟୁଷ୍ମତୀ ଲିପିକା ବାଛିନୀଙ୍କୁ ଦୀର୍ଘ ନୀରୋଗ ନିରାମୟ ଆନନ୍ଦମୟ ଜୀବନର ସମୂହ ଶୁଭ ଆଶିର୍ବାଦ ପ୍ରଦାନ କରାଯାଇଥିଲା। ଶେଷରେ ପିତା ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ଏକାତ୍ମ ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ ।

# ବଣିଆ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ ପାଳିତ




ଭଦ୍ରକ , ୨୦/୪ (ନି.ପ୍ର): ଭଦ୍ରକ ବ୍ଲକର ବଣିଆ ଠାରେ ପ୍ରତିଷ୍ଠାଲାଭ କରି ସମଗ୍ର ଭଦ୍ରକ ଜିଲ୍ଲାରେ ଖ୍ୟାତି ଅର୍ଜନ କରିଥିବା 'ସରସ୍ୱତୀ ଶିଶୁ ମନ୍ଦିର'ର ବାର୍ଷିକ ଉତ୍ସବରେ ମୁଖ୍ୟ ବକ୍ତାଭାବେ ଯୋଗଦେଇ ଭାବଗର୍ଭକ ବକ୍ତବ୍ୟ ପ୍ରଦାନ କରି ପଣ୍ଡିତ ଦୈତ୍ୟାରି ମହାପାତ୍ର କହିଥିଲେ ଶିକ୍ଷା ବିନା ଜୀବନ ନିରର୍ଥକ। ପରିବାର, ବିଦ୍ୟାଳୟ ଏବଂ ସମାଜ ହେଉଛି ଛାତ୍ରଛାତ୍ରୀମାନଙ୍କ ପାଇଁ ପ୍ରକୃତ ଶିକ୍ଷାଳୟ। ପ୍ରତ୍ୟେକ ଛାତ୍ରଛାତ୍ରୀ ପିତା ମାତା, ଶିକ୍ଷାଗୁରୁ, ଏବଂ ବ୍ରାହ୍ମଣଙ୍କ ଉପଦେଶକୁ ଅକ୍ଷରେ ଅକ୍ଷରେ ପାଳନ କରିବା ଉଚିତ୍। ସେବା, ସଂସ୍କାର ଏବଂ ସମର୍ପଣ ହେଉଛି ପ୍ରତ୍ୟେକ ଛାତ୍ରଛାତ୍ରୀ ଜୀବନର ମୂଳମନ୍ତ୍ର। ଏଥ ସହିତ ପ୍ରତ୍ୟେକ ଛାତ୍ରଛାତ୍ରୀ ଶିକ୍ଷା ଅଧ୍ୟୟନ ସମୟରେ ସଂସ୍କୃତି, ସମୟ, ସଂକଳ୍ପ,ସତ୍ୟାନୁଶରଣ, ସଚ୍ଚୋଟତା ଓ ସହାନୁଭୂତି ଉପରେ ଗୁରୁତ୍ୱ ଦେବା ଉଚିତ୍। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଏପରି ଏକ ବିଦ୍ୟାଳୟ ଯିଏ ସର୍ବଦା ପୁସ୍ତକଗତ ବିଦ୍ୟା ସହିତ ନୈତିକ ଶିକ୍ଷାକୁ ପ୍ରାଧାନ୍ୟ ଦେଇଥାଏ। ଶିଶୁ ବିଦ୍ୟା ମନ୍ଦିରର ପ୍ରତ୍ୟେକ ଆଚାର୍ଯ୍ୟ ଆଚାର୍ଯ୍ୟା ନିଶ୍ଚିତ ସଂସ୍କାରୀ ଏଥରେ ସଂନ୍ଦେହ ନାହିଁ। ଅଧ୍ୟାପକ ପାର୍ଥସାରଥି ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ଗାଳ୍ପିକ ପ୍ରାକ୍ତନ ଅଧ୍ୟକ୍ଷ ପବିତ୍ର ପାଣିଗ୍ରାହୀ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳନର ଉପାଦେୟତା ଏବଂ ସମାଜ, ବିଦ୍ୟାଳୟ, ପରିବାର ପାଇଁ ଛାତ୍ରଛାତ୍ରୀ ମାନଙ୍କ ଭୂମିକା ସମ୍ପର୍କରେ ବଳିଷ୍ଠ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଦର୍ଶ ପ୍ରଧାନ ଶିକ୍ଷକ ବିଦ୍ୟାଧର ସେନାପତି ଏବଂ ଶିକ୍ଷାବିତ୍ ପ୍ରଫୁଲ ସୂତ୍ରଧର କହିଥିଲେ, ବାର୍ଷିକ ଉତ୍ସବ ସାଧାରଣତଃ ପିଲାମାନଙ୍କର ଲୁକ୍କାୟିତ ପ୍ରତିଭାକୁ ପ୍ରକାଶିତ କରିବା ସହିତ ଅନ୍ତର୍ନିହିତ ଶିକ୍ଷାକୁ ବିକାଶ କରିବାରେ ବଳିଷ୍ଠ ମାଧ୍ୟମ ପାଇଥାଏ। ଶିଶୁ ବିଦ୍ୟା ମନ୍ଦିରର ସମ୍ପାଦିକା ମିନତି ସେନାପତି ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଉତ୍ତମ ସମାଜ ଗଠନରେ ଛାତ୍ରଛାତ୍ରୀମାନଙ୍କ ଭୂମିକା ସଂମ୍ପର୍କରେ ସୁଚିନ୍ତିତ ମନ୍ତବ୍ୟ ରଖିଥିଲେ। ଶିଶୁ ବିଦ୍ୟା ମନ୍ଦିରର ଉପଦେଷ୍ଟା ରତିକାନ୍ତ ସେନାପତି ବଡଭାଇ ଜିତେନ୍ଦ୍ର ସେନାପତିଙ୍କ ଦ୍ୱାରା ପ୍ରତିଷ୍ଠିତ ବିଦ୍ୟା ମନ୍ଦିରର ନିର୍ମାଣ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିବା ସହିତ ପ୍ରତ୍ୟେକ ଛାତ୍ରଛାତ୍ରୀ ଭଲ ମଣିଷ ହେବା ପାଇଁ ସୁପରାମର୍ଶ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଗୁରୁଗୋବିନ୍ଦ ଘଡେଇ ଅତିଥି ପରିଚୟ ପ୍ରଦାନ କରିବା ସହିତ ସ୍ୱାଗତ ବକ୍ତବ୍ୟ ରଖିଥିଲେ। ଆଚାର୍ଯ୍ୟା ମାମି ପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଆଚାର୍ଯ୍ୟ ରାଜେନ୍ଦ୍ର ସାମଲ, ସୌମ୍ୟ ରଂଜନ ଗୁଇଁ, ଆଚାର୍ଯ୍ୟା ସବିତା ମହାନ୍ତି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା ଏବଂ ସମ୍ମାନିତ ଅତିଥି ମାନଙ୍କ ଦ୍ୱାରା ଶିକ୍ଷାବିତ୍ ପ୍ରଫୁଲ ସୂତ୍ରଧର ଏବଂ ଆଦର୍ଶ ଛାତ୍ର ରୁଦ୍ର ନାରାୟଣ ସେନାପତିଙ୍କୁ ସମ୍ମାନିତ କରିବା ସହିତ ବିଦ୍ୟା ମନ୍ଦିରର ପ୍ରତିଷ୍ଠାତା ସ୍ୱର୍ଗତଃ ଜିତେନ୍ଦ୍ର ସେନାପତି ଏବଂ ବିଦ୍ୟାଳୟର ପ୍ରଥମ ସଭାପତି ଶିବ ପ୍ରସାଦ ସେନାପତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପୂର୍ବକ ବାର୍ଷିକ ମୁଖପତ୍ର 'ବାବୁଲା' ପତ୍ରିକାକୁ ଲୋକାର୍ପଣ କରିଥିଲେ। ଆଚାର୍ଯ୍ୟ ରାଜେନ୍ଦ୍ର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଭାବଗର୍ଭକ ଏବଂ ସଂସ୍କୃତି ସଂମ୍ପୂର୍ଣ୍ଣ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା।

# କେନ୍ଦୁଝର ଡିଗ୍ରୀ ଇଂଜିନିୟରିଂ କଲେଜରେ ବ୍ୟାପିଲା ଜଣ୍ଡିସ: ୨୮ ଛାତ୍ର ଆକ୍ରାନ୍ତ

ଭୁବନେଶ୍ୱର/କେନ୍ଦୁଝର, ୨୦/୪ (ନି.ପ୍ର): କେନ୍ଦୁଝରରେ ମାଡିଲା ଜଣ୍ଡିସ । କେନ୍ଦୁଝର ଡିଗ୍ରୀ ଇଞ୍ଜିନିୟରିଂ କଲେଜ ପ୍ରଥମ ବର୍ଷ ଛାତ୍ରାବାସରେ ଜଣ୍ଡିସ ଆତଙ୍କ। ୨୮ଜଣ ଛାତ୍ର ଜଣ୍ଡିସରେ ଆକ୍ରାନ୍ତ ବୋଲି କଲେଜ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ଏନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ କଲେଜ କର୍ତ୍ତୃପକ୍ଷ ଜଣାଇବା ପରେ ହଷ୍ଟେଲରେ ପହଂଚି ୧୨ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଛି ମେଡିକାଲ ଟିମ୍ । ବାକି ଛାତ୍ର ଘରକୁ ଫେରି ଯାଇଛନ୍ତି। ପାଣି ନମୁନା ସଂଗ୍ରହ କରି ପରିସ୍ଥିତି ଉପରେ ନଜର ରଖାଯାଇଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସୂଚନା ଦେଇଛନ୍ତି ।


❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

**Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704**

❐ Managing & Executive Editor : Srustidhar Parida
❐ Editor: Sairindhree Sahoo